ବର୍ଷ-୨୫, ସଂଖ୍ୟା-୩୨୩
ଭୁବନେଶ୍ୱର
୦୫, ଡିସେମ୍ବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 323
Bhubaneswar
05, December, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସାମନ୍ଥାଙ୍କ ନୂଆ ଜୀବନ



# ଭାରତରେ ପୁଟିନ

ନୂଆଦିଲ୍ଲୀ,୪।୧୨(ମହାଭାରତ): ଆଜି ସନ୍ଧ୍ୟାରେ ଦିଲ୍ଲୀରେ ପହଞ୍ଚିଛନ୍ତି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପାଲମ ବିମାନବନ୍ଦରରେ ପିଏମ ନରେନ୍ଦ୍ର ମୋଦୀ ତାଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱାଗତ କରିଥିଲେ। ଏହି ସମୟରେ ଦୁଇ ନେତା ହାତ ମିଳାଇ ପରସ୍ପରକୁ ଆଲିଙ୍ଗନ କରିଥିଲେ। ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏବଂ ରୁଷରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପୁଟିନ ଏକ କାରରେ ୭ କିଲୋମିଟର ଯାତ୍ରା କରିଥିଲେ। ଫର୍ଚୁନର କାରର ବାମ ପାର୍ଶ୍ୱରେ ମୋଦି ବସିଥିଲେ ଏବଂ ଡାହାଣ ପାର୍ଶ୍ୱରେ ପୁଟିନ ବସିଥିଲେ। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ପୁଟିନଙ୍କୁ ଗାର୍ଡ ଅଫ୍ ଅନର ମଧ୍ୟ ଦିଆଯାଇଥିଲା।



ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପୁଟିନଙ୍କ ଏହା ପ୍ରଥମ ଭାରତ ଗସ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସ୍ୱାଗତ କରିବା ପାଇଁ ଏକ କାରକେଡ ସହିତ ବିମାନବନ୍ଦରରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ଆଜି ତାଙ୍କ ସମ୍ମାନାର୍ଥେ ଏକ ବ୍ୟକ୍ତିଗତ ରାତ୍ରୀଭୋଜନ ମଧ୍ୟ ଆୟୋଜନ କରିଛନ୍ତି। ଏହି ଅବସରରେ ଋଷ ଭାଷାରେ ଏକ ଗୀତା ପ୍ରଦାନ କରିଛନ୍ତି। ପୁଟିନ ଆଗାମୀ ତିରିଶ ଘଣ୍ଟା ପାଇଁ ଭାରତରେ ରହିବେ। ତାଙ୍କ ଆଗମନ ପୂର୍ବରୁ ଅନେକ ରୁଷ ମନ୍ତ୍ରୀ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି, ଯେଉଁଥିରେ ଉପ-ପ୍ରଧାନମନ୍ତ୍ରୀ ଡେନିସ ମାଣ୍ଟୁରୋଭ, ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ କୃଷି ମନ୍ତ୍ରୀ ଦିମିତ୍ରୀ ପେଟ୍ରୋଭ ମଧ୍ୟ ସାମିଲ ଅଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ ବିମାନବନ୍ଦରରେ ଅନ୍ୟ ଛଅ ଜଣ ନେତାଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଆମେରିକା ରାଷ୍ଟ୍ରପତି ବାରାକ ଓବାମା, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା, ଜାପାନର ସିଞ୍ଜୋ ଆବେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନ ଏବଂ କାତାରର ଆମୀର ଶେଖ ତାମିମ୍ ବିନ୍ ହମାଦ ଅଲ୍ ଥାନି ସାମିଲ ଥିଲେ।

ରୁଷର ଅର୍ଥନୈତିକ ବିକାଶ ମନ୍ତ୍ରୀ ମ୍ୟାକ୍ସିମ୍ ରେସେଟନିକୋଭ୍ କହିଛନ୍ତି ଯେ ରୁଷ ବାଣିଜ୍ୟ ବିନିମୟ ବୃଦ୍ଧି କରିବାରେ ଆଗ୍ରହୀ ଆମେ ରୁଷ ବଜାରକୁ ଭାରତୀୟ ଉତ୍ପାଦର ଯୋଗାଣ ବୃଦ୍ଧି ଏବଂ ବାଣିଜ୍ୟ ସନ୍ତୁଳନ କରିବାରେ ଆଗ୍ରହୀ ଆମେ ଭାରତୀୟ ଉତ୍ପାଦ କ୍ରୟ କରିବାରେ ବହୁତ ଆଗ୍ରହୀ। ଏହି ସମୟ ମଧ୍ୟରେ, ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ, ବାହ୍ୟ ଋପରୁ ବାଣିଜ୍ୟକୁ ସୁରକ୍ଷା ଏବଂ ଛୋଟ ମଡ୍ୟୁଲାର ରିଆକ୍ଟରରେ ସହଭାଗୀତା ଉପରେ ବିଶେଷ ଧ୍ୟାନ ଦିଆଯିବ ଏସ୍-୪୦୦ ମିସାଇଲ୍ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇପାରେ। ପୁଟିନ ଶେଷ ଥର ପାଇଁ ୨୦୨୧ ଡିସେମ୍ବର ୬ ତାରିଖରେ ଶେଷ ଥର ପାଇଁ ଭାରତ ଗସ୍ତରେ ଆସିଥିଲେ।

## ଓଡ଼ିଶାକୁ ୧୩ ଗୁଣା ଅଧିକ ବଜେଟ୍ : ରେଳମନ୍ତ୍ରୀ

ନୂଆଦିଲ୍ଲୀ,୦୪।୧୨: ଓଡ଼ିଶାକୁ ୧୩ ଗୁଣ ଅଧିକ ମିଳିଛି। ୧୦,୫୯୯ କୋଟି ଟଙ୍କାର ରେଳ ବଜେଟ୍। ୨୦୦୯-୨୦୧୪ ମଧ୍ୟରେ ଓଡ଼ିଶାକୁ ମାତ୍ର ୮୩୮ କୋଟି ଟଙ୍କାର ମିଳିଥିଲା ରେଳ ବଜେଟ। ଏହାର ପ୍ରାୟ ୧୩ ଗୁଣ ଅଧିକ ବଜେଟ୍ କେବଳ ୨୦୨୫-୨୬ରେ ଆବଣ୍ଟନ କରାଯାଇଛି । ୨୦୨୫ ଏପ୍ରିଲ୍ ସୁଦ୍ଧା ୬୭,୪୯୬ କୋଟି ଟଙ୍କା ବ୍ୟୟରେ ମୋଟ ୪୯ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି। ୧୯ଟି ନୂଆ ରେଳ ଲାଇନ୍ ଏବଂ ୩୦ଟି ରେଳ ଲାଇନର ଦୋହରୀକରଣ ସମେତ ମୋଟ ୪,୦୧୦ କିଲୋମିଟରର ଏହି ପ୍ରକଳ୍ପ କାର୍ଯ୍ୟ ରହିଛି ଏଥିମଧ୍ୟରୁ ୨୮,୦୪୩ କୋଟି ଟଙ୍କା ବ୍ୟୟରେ ୧୪୨୯ କିମି ଲମ୍ବ ରେଳ ଲାଇନ କାମ ଶେଷ ହୋଇସାରିଛି ।ନିକଟରେ ୧୧ଟି ରେଳ ଲାଇନ୍ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି । ଏହାବ୍ୟତୀତ ୨୧ଟି ରେଳ ଲାଇନ୍ କାମ ବର୍ତ୍ତମାନ ଜାରି ରହିଛି। ଗତ ତିନି ବର୍ଷ ମଧ୍ୟରେ ୪ ହଜାର ୮୪୩ କିମି ଲମ୍ବ ମୋଟ ୩୦ଟି ନୂଆ। ରେଳ ଲାଇନ ଏବଂ ୪୬ଟି ରେଳ ଲାଇନର ଦୋହରୀକରଣ ପାଇଁ ସର୍ଭେ କରାଯାଇଛି। ସଂସଦରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ପ୍ରଦାନ କରିଛନ୍ତି ।

ଲୋକସଭା ଅଧିବେଶନରେ ଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ବିଷୟରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁନାଗଡ଼ ଏବଂ ନବରଙ୍ଗପୁର ମଧ୍ୟରେ ୧୧୬ କିଲୋମିଟର ଲମ୍ବ ବିଶିଷ୍ଟ ନୂତନ ରେଳ ଲାଇନ୍ କାମ ଲାଗି ୨ ହଜାର ୮୬୫ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ପ୍ରକଳ୍ପରେ ୩୭୬.୬୪ ହେକ୍ଟର ଘରୋଇ ଜମି ଅଧିଗ୍ରହଣ କରାଯିବ ଏଥିସହ ୫୮.୮୭ ହେକ୍ଟର ସରକାରୀ ଜମି ପୃଥକୀକରଣ ଏବଂ ୩୫୧.୬୮ ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଅନ୍ତର୍ଭୁକ୍ତ ରହିଛି ।

ଏହି ପ୍ରକଳ୍ପକୁ ଜମି ଅଧିଗ୍ରହଣ ପାଇଁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ କ୍ଷମତାପ୍ରାପ୍ତ ପ୍ରାଧିକରଣ(ସିଏଏଲ୍ଏ) ନିଯୁକ୍ତ କରାଯାଇ ଅଧିଗ୍ରହଣ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ରେଳମନ୍ତ୍ରୀ ସୂଚିତ କରିଛନ୍ତି। ରେଳମନ୍ତ୍ରୀ କହିଛନ୍ତି, ନବରଙ୍ଗପୁରଜୟପୁର ୪୧ କି.ମି ନୂତନ ଲାଇନ ପ୍ରକଳ୍ପକୁ ୭୪୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପରେ ୨୯୧.୮୭ ହେକ୍ଟର ଘରୋଇ ଜମି ଅଧିଗ୍ରହଣ କରାଯିବ । ଏହି ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ଜମି ଯୋଗାଇ ଦେବାରୁ ଜମି ଅଧିଗ୍ରହଣ ସରିଛି ।ଏଥିସହ ଇନ୍ଦ୍ରାବତୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ସେହିପରି ଜୟପୁର-ମାଲକାନଗିରି ୧୩୦ କି.ମି ନୂତନ ରେଳ ଲାଇନ ପ୍ରକଳ୍ପକୁ ୨ ହଜାର ୩୪୪ କୋଟି ଟଙ୍କା ବ୍ୟୟବରାଦ ଆଧାରରେ ଖର୍ଚ୍ଚ ସହଭାଗିତା ଭିତ୍ତିରେ ମଞ୍ଜୁର ହୋଇଛି। ଉକ୍ତ ପ୍ରକଳ୍ପରେ ମୋଟ ୧,୧୨୭.୮୨ ହେକ୍ଟର ଆବଶ୍ୟକ ଜମି ଆବଶ୍ୟକ ଥିବାବେଳେ ଏଯାବ୍ ୧୬୭.୩୯ ହେକ୍ଟର ଜମିଅଧିଗ୍ରହଣ କରାଯାଇଛି ବୋଲି ରେଳମନ୍ତ୍ରୀ ସଂସଦରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ମାଲକାନଗିରି- ପାଣ୍ଡୁରଙ୍ଗପୁରମ ଭାୟା ଭଦ୍ରାଚଲମ ଷ୍ଟେସନ ମଧ୍ୟରେ ୧୭୪ କିମି ନୂତନ ରେଳ ଲାଇନ ନିର୍ମାଣ କରାଯିବ। ଏଥିଲାଗି ୩ ହଜାର ୫୯୨ କୋଟିଟଙ୍କାରେ ମଞ୍ଜୁର କରାଯାଇଛି ।। ଏହି ପ୍ରକଳ୍ପରେ ୪୦୩.୨୩ ହେକ୍ଟର ବ୍ୟକ୍ତିଗତ ଜମି ଅଧିଗ୍ରହଣ ସହ ୭୭.୭୬ ହେକ୍ଟର ସରକାରୀ ଜମି ପୃଥକୀକରଣ ଏବଂ ୩୨୦.୨୫ ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ କରାଯିବ ।

## ବିରୋଧୀଙ୍କ ପ୍ରତିବାଦ

ଭୁବନେଶ୍ୱର,୪।୧୨(ମହାଭାରତ): ଆଜି ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନର ସପ୍ତମ କାର୍ଯ୍ୟ ଦିବସରେ ଆଜି ହଙ୍ଗାମା ଦେଖିବାକୁ ମିଳିଛି। ନୀଳଗିରି ବିଧାୟକଙ୍କ ଜାତିର ପିତା ମହାତ୍ମାଗାନ୍ଧିଙ୍କୁ ନେଇ ବିବାଦୀୟ ବୟାନକୁ ନେଇ କଂଗ୍ରେସ ଓ ବିଜେଡି ସଦସ୍ୟମାନେ ବିଜେଡି ଓ କଂଗ୍ରେସର ସମସ୍ତ ବିଧାୟକ ଧାରଣାରେ ବସିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କ୍ଷମା ମାଗିବା ନେଇ ପ୍ରତିଶ୍ରୁତି ପରେ ଗୃହ କାର୍ଯ୍ୟକୁ ଫେରିଲେ ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକ । ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ବିଧାୟକଙ୍କୁ ଆସି ବୁଝାସୁଝା କରିଥିଲେ। ସେ କହିଥିଲେ ଜାତିର ପିତା ମହାତ୍ମାଗାନ୍ଧିଙ୍କୁ ନେଇ ବିବାଦୀୟ ବୟାନ ଦେବା ଅଶୋଭନୀୟ ।ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ସେ ବିରୋଧୀ ସଦସ୍ୟଙ୍କୁ ବୁଝାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।



ଆଜି ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନର ସପ୍ତମ କାର୍ଯ୍ୟଥିଲା । ପାଞ୍ଚ ଦିନ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା । ଆଜି ମଧ୍ୟ ପ୍ରଶ୍ନକାଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଉତ୍ତର ରଖୁଥିଲେ । କିନ୍ତୁ ଆରମ୍ଭରୁ ହିଁ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ନିକଟକୁ ଆସି ନାରାବାଜି କରିଛନ୍ତି । ଗତକାଲି ବେସରକାରୀ କାର୍ଯ୍ୟଦିବସ ଥିବାରୁ କଂଗ୍ରେସ ପକ୍ଷରୁ ଏକ ସଂକଳ୍ପ ପତ୍ର ଏବଂ ବିଧେୟକ ଆଗତ କରାଯାଇଥାଆନ୍ତା। କିନ୍ତୁ ବାଚସ୍ପତି ସଂକଳ୍ପ ପତ୍ର ଆଣିବାକୁ ଅନୁମତି ଦେଲେ ନାହିଁ । ଏହା ଗଣତନ୍ତ୍ରର ହତ୍ୟା ବୋଲି କହିଥିଲେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ । କଂଗ୍ରେସ ସଦସ୍ୟଙ୍କ ପ୍ରବଳ ନାରାବାଜି ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପୂର୍ବାହ୍ନ ସାଢେ ଏଗାରଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ଗୃହ ୧୦ଟା ୩୦ରୁ ୧୦ଟା ୪୬ ମିନିଟ୍ ପର୍ଯ୍ୟନ୍ତ ଚାଲିପାରିଥିଲା । ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ କଂଗ୍ରେସ ବିଧାୟକ। ଏହି ସମୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଜାତିର ପିତା ମହାତ୍ମାଗାନ୍ଧିଙ୍କୁ ନେଇ ବିବାଦୀୟ ବୟାନ ଦେଇଥିଲେ।ଏହାକୁ ଗୃହରେ ଜୋରଦାର ହଙ୍ଗାମା ହୋଇଥିଲା ଉଭୟ ବିଜେଡି ଓ କଂଗ୍ରେସ ବିଧାୟକ ସନ୍ତୋଷ ଖଟୁଆଙ୍କୁ କ୍ଷମା ପ୍ରାର୍ଥନା ପାଇଁ ଅଡ଼ି ବସିଥିଲେ। ଏହାସହିତ ବିଧାନସଭା ପରିସରଥିବା ଗାନ୍ଧି ପ୍ରତିମୂର୍ତ୍ତି ତଳେ ମୌନ ପ୍ରତିବାଦ କରିଥିଲେ। ବିଜେଡି ଓ କଂଗ୍ରେସର ସମସ୍ତ ବିଧାୟକ ଧାରଣାରେ ବସିଥିଲେ। ବିଧାୟକ ସନ୍ତୋଷ ଖଟୁଆ କ୍ଷମା ପ୍ରାର୍ଥନା ନମାଗିବା ଯାଏ ଧାରଣାରୁ ଉଠିବେ ନାହିଁ ବୋଲି କହିଥିଲେ । ତେବେ ବାଚସ୍ପତି ସୁରମା ପାଢୀଙ୍କ ନିର୍ଦ୍ଦେଶ କ୍ରମେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଧାରଣା ସ୍ଥଳକୁ ଆସି ବିରୋଧୀଙ୍କୁ ବୁଝାସୁଝା କରିଥିଲେ। ବିଧାୟକ ସନ୍ତୋଷ ଖଟୁଆ। ଗାନ୍ଧିଙ୍କୁ ନେଇ ଦେଇଥିବା ବୟାନ ଭୁଲ ବୋଲି କହିଥିଲେ। ଏହାସହିତ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ପ୍ରତିଶ୍ରୁତି ମିଳିବା ପରେ ଗୃହ କାର୍ଯ୍ୟକୁ ଫେରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକ ।

## କିଣା ବିକା ହୋଇପାରିବ ପୁରୁଣା ଆପାର୍ଟମେଣ୍ଟ

ଭୁବନେଶ୍ୱର,୪।୧୨ (ମହାଭାରତ): ଏଣିକି କିଣା ବିକା ହୋଇପାରିବ ପୁରୁଣା ଆପାର୍ଟମେଂଟ। ୨୦୧୬ ପୂର୍ବରୁ ନିର୍ମାଣ ହୋଇଥିବା ଆପାର୍ଟମେଂଟ ଗୁଡିକ କିଣା ବିକା ହୋଇପାରିବ ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର



ମହାପାତ୍ର। ସେ କହିଛନ୍ତି ରେରା ଆଇନରେ ସଂଶୋଧନ କରି ରାଜ୍ୟ ସରକାର ନୂଆ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଦୀର୍ଘ ସମୟର ତର୍ଜମା ପରେ ନିୟମକୁ ସରଳୀକରଣ କରାଯାଇଛି। ପୂର୍ବ ସରକାରରେ ଆପାର୍ଟମେଂଟ କିଣା ବିକା ନିଷ୍ପତି ଅତ୍ୟତ ଦୁର୍ଭାଗ୍ୟଜନକ ଥିଲା। ନୂଆ ନିୟମ ଅନୁସାରେ ଲୋକେ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

## ଗୃହରେ ଉଠିଲା ମହାନଦୀ ବିବାଦ ପ୍ରସଙ୍ଗ

ଭୁବନେଶ୍ୱର,୪।୧୨(ମହାଭାରତ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆଜି ବିଧାନସଭାରେ ସରଗରମ ଆଲୋଚନା ହୋଇଛି। ଆଜି ଏ ସମ୍ପର୍କିତ ପ୍ରଶ୍ନ ମଧ୍ୟ ଗୃହରେ ଉଠିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ଯେ, ଗତ ୧୬ ମାସ ଭିତରେ ମହାନଦୀ ଜଳ ସମସ୍ୟାକୁ ନେଇ କେତେଥର ଆଉ କେଉଁ ସ୍ଥାନରେ ଛତିଶଗଡ଼ ସରକାର, କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ସରକାର ଆଲୋଚନା କରିଛନ୍ତି ଆଉ ଏହାର ସମାଧାନ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି।



ଏହାର ଲିଖିତ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଗତ ୧୬ ମାସ ମଧ୍ୟରେ ମହାନଦୀ ଜଳ ସମସ୍ୟାକୁ ନେଇ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୃହମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ଆପୋଷ ଆଲୋଚନା ମାଧ୍ୟମରେ ସମାଧନ ପାଇଁ କଥା ହେଇଛନ୍ତି। ଏହାବ୍ୟତୀତ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ସଚିବସ୍ତରୀୟ ଦୁଇଟି ବୈଠକ ଏବଂ ଟେକ୍ନିକାଲ କମିଟି ସ୍ତରୀୟ ୬ଟି ବୈଠକ ବସି ଆଲୋଚନା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୂଚନା ଦେଇଛନ୍ତି।

ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ମହାନଦୀ ବିବାଦରେ ଆସନ୍ତାକାଲି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ବିଧାନସଭାରେ ସୂଚନା ଦେଇଛନ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ। ନଭେମ୍ବର ୧୦ ତାରିଖରେ ମୁଖ୍ୟ ଶାସନ ସଚିବ ସ୍ତରୀୟ ବୈଠକ ବସିଥିଲା। ଉଭୟ ରାଜ୍ୟର ବୈଷୟିକ ଟିମଙ୍କ ମଧ୍ୟରେ ଛଅ ଥର ଆଲୋଚନା ହୋଇଛି ।ଆସନ୍ତାକାଲି ମଧ୍ୟ ଏନେଇ ଜଏଣ୍ଟ ଟେକ୍ନିକାଲ ଟିମଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୨୦ ତାରିଖରେ ଟ୍ରିବ୍ୟୁନାଲ ଶୁଣାଣି ମଧ୍ୟ ହେବ। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଗୃହରେ ଉତ୍ତର ରଖିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଟେକ୍ନିକାଲ କମିଟି ବୈଠକ, ଛତିଶଗଡ଼ ସହ ଆଲୋଚନା, କେନ୍ଦ୍ର ସରକାର ସହ ଆଲୋଚନା କଥା ଶୁଣି ଶୁଣି ଓଡ଼ିଶା ଲୋକଙ୍କ କାନ ବଧିରା ହୋଇଗଲାଣି । କୌଣସି ସମାଧାନର ରାସ୍ତା ବହାରୁନି। ଦୀର୍ଘ ବର୍ଷ ହେଲା ମାମଲା ଟ୍ରିବ୍ୟୁନାଲରେ ଅଛି କିନ୍ତୁ କିଛି ଫୈସଲା ହେଉନାହିଁ । ଏବେ ଓଡ଼ିଶା ସରକାର କହୁଛନ୍ତି ଆପୋଷ ଆଲୋଚନାରେ ସମାଧାନ କରିବେ । ତେବେ ଆପୋଷ ଆଲୋଚନାରେ ସର୍ତାବଳୀ କଣ ରହିବେ ସରକାର କହିବେ କି ? ସେପଟେ ଛତିଶଗଡ଼ ସରକାର ମହାନଦୀ ଉପ ନଦୀ ଗୁଡ଼ିକରେ ବନ୍ଧ, ଆନିକଟ ନିର୍ମାଣ କରି ଚାଲିଛି । ଟ୍ରିପଲ ଇଞ୍ଜିନ ସରକାର ଚାଲିଛି ହେଲେ କେହି କାହା କଥା ଶୁଣୁନାହାନ୍ତି । ଓଡ଼ିଶା ପ୍ରତି ଅନ୍ୟାୟ କରାଯାଉଛି । ଓଡ଼ିଶା ସରକାର ନୀରବଦ୍ରଷ୍ଟା ହୋଇ ପଡିଛନ୍ତି । କେବଳ ବୟାନବାଜି କଲେ ସମସ୍ୟାର ସମାଧାନ ହେବ ନାହିଁ ।

## ଶିବରାତ୍ରି ପୂର୍ବରୁ ସରିବ ଏକାମ୍ର ପରିକ୍ରମା ପ୍ରକଳ୍ପ

**ଭୁବନେଶ୍ୱର,୪।୧୨ (ମହାଭାରତ):** ଶିବରାତ୍ରି ପୂର୍ବରୁ ସରିବ ଏକାମ୍ର ପରିକ୍ରମା ପ୍ରକଳ୍ପ। ଆସନ୍ତା ଜୁନ୍ ମାସ ସୁଦ୍ଧା ସଂପୂର୍ଣ୍ଣ ଶେଷ ହେବ ଏହି ପ୍ରକଳ୍ପ। କାର୍ଯ୍ୟକୁ ବର୍ତ୍ତମାନ ତ୍ୱରିତ ବେଗରେ ଆଗକୁ ନିଆଯାଉଛି। ଜମି ଅଧିଗ୍ରହଣ ସମସ୍ୟାକୁ ସମାଧାନ ପାଇଁ ଉଭୟ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ କଣ୍ଟ୍ରାକ୍ଟର ୨୦୨୩ ମସିହାରୁ ଏକାମ୍ର ପ୍ରକଳ୍ପ କାର୍ଯ୍ୟ କରୁଥିଲେ ସେ ପଛଘୁଞ୍ଚା ଦେବାରୁ କାର୍ଯ୍ୟରେ ବିଳମ୍ବ ହୋଇଛି। ବଳକା କାର୍ଯ୍ୟକୁ ୩ ରୁ ୪ ଭାଗ କରି ମାର୍ଚ୍ଚ ପୂର୍ବରୁ ତଥା ଶିବରାତ୍ରି ବେଳକୁ ମନ୍ଦିର ପାରିପାର୍ଶ୍ୱିକ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ଟାର୍ଗେଟ ଦିଆଯାଇଛି। ଫେବୃୟାରୀ ଶେଷ ସୁଦ୍ଧା ପାର୍କିଂ ଅଞ୍ଚଳ ଏବଂ ପ୍ରଭୁ ଲିଙ୍ଗରାଜ ମନ୍ଦିର ଏବଂ ପ୍ରଭୁ ଅନନ୍ତ ବାସୁଦେବଙ୍କ ମନ୍ଦିର ପ୍ଲାଜା କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଟିକେ ସମୟ ଲାଗିପାରେ। ବିନ୍ଦୁସାଗର ଓ ଏହାର ପାରିପାର୍ଶିକ ଜାଗା ସବୁକୁ ଅଧିକ ସୁନ୍ଦର କରାଯିବା ସହ ଦେବୀପାଦହରା ଓ ପାପନାଶିନୀ ପୁଷ୍କରିଣୀକୁ ପୁନରୁଦ୍ଧାର କରାଯିବ। ଏନେଇ ଏଏଓଆଇ ସହ ଆଲୋଚନା ଚାଲିଛି, ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ଏଏଓଆଇକୁ ଆର୍ଥିକ ସହାୟତା ଯୋଗାଇ ଦେବେ। କାର୍ଯ୍ୟକୁ ତଦାରଖ କରାଯିବ ଏବଂ କାର୍ଯ୍ୟ ଅଧିକ ତ୍ୱରିତ ହେବ ବୋଲି କହିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ।

## ପଞ୍ଚାୟତ ଅଫିସକୁ ଯିବ ପୋଷ୍ଟ ଅଫିସ

**ଭୁବନେଶ୍ୱର,୪।୧୨ (ମହାଭାରତ):** ୫୭୩ ପୋଷ୍ଟ ଅଫିସକୁ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରିବା ପାଇଁ ନିର୍ଦ୍ଦେଶ ଦେଇଛି ପଂଚାୟତିରାଜ ବିଭାଗ। ଏ ନେଇ ସମସ୍ତ ଜିଲ୍ଲାପାଳ ମାନଙ୍କୁ ପଂଚାୟତିରାଜ ବିଭାଗ ଚିଠି ଲେଖି ନିର୍ଦ୍ଦେଶ ଦେଇଛି। ୫୭୩ ପୋଷ୍ଟ ସ୍ଥାନାନ୍ତର ନିର୍ଦ୍ଦେଶ ଦିଆ ଯାଇଥିବା ବେଳେ ମାତ୍ର ୭୧ ଟି ସ୍ଥାନାନ୍ତର ହୋଇଛି। ବାକି ପୋଷ୍ଟ ଅଫିସ ଗୁଡିକୁ ୨୦ ଡିସେମ୍ବର ସୁଦ୍ଧା ସ୍ଥାନାନ୍ତରିତ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ନ ହେଲେ ସରକାରୀ ସ୍କୁଲ, ଅଙ୍ଗନବାଡ଼ି ସେଣ୍ଟର, ସିଏଚସି କିମ୍ବା ପିଏଚସି ପରିସରରେ ଖାଲି ଥିବା ସ୍ଥାନରେ ପୋଷ୍ଟ ଅଫିସକୁ ସ୍ଥାନାନ୍ତରିତ କରିବା ଲାଗି ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## କ୍ୟାମ୍ପସ୍‌ରେ ଉତ୍ତେଜନା, ଅଧ୍ୟାପକ ବହିଷ୍କୃତ

**ଭୁବନେଶ୍ୱର,୪।୧୨ (ମହାଭାରତ):** ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ନିର୍ଯାତନା ଅଭିଯୋଗ ହୋଇଛି। ଏହାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ପ୍ରକାଶ ପାଇଛି। ନିର୍ଯାତନା ଅଭିଯୋଗରେ ଡ୍ରାମା ବିଭାଗର ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କୁ ଗିରଫ ସହ ନିଲମ୍ବନ ଦାବିରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ସମ୍ମୁଖ ରାଜରାସ୍ତାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରିନ୍ସିପାଲ ପହଞ୍ଚି ବୁଝା ସୁଝା କରିଥିଲେ ବି ଛାତ୍ରଛାତ୍ରୀ ତାଙ୍କ ଦାବିରେ ଅଟଳ ରହିଥିଲେ। ସଂସ୍କୃତି ବିଭାଗର ସଚିବ ଦେବ ପ୍ରସାଦ ଦାସ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଖବର ପାଇ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାସଙ୍କ ସମତେ ସଂସ୍କୃତି ବିଭାଗ ପକ୍ଷରୁ ୩ ଜଣିଆ ଟିମ୍ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ଗଣମାଧ୍ୟମରୁ ଦେଖିବା ପରେ ନିଜ ଆଡ଼ୁ ଅଭିଯୋଗ ଗ୍ରହଣ କରି କଲେଜ କ୍ୟାମ୍ପସ ଆସିଛନ୍ତି ଘଟଣା କଣ ରହିଛି ସବିଶେଷ ବୁଝିବା ପାଇଁ ବୋଲି କହିଛନ୍ତି ସଂସ୍କୃତି ବିଭାଗ ସଚିବ ଦେବ ପ୍ରସାଦ ଦାସ ।ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ଦାସ କହିଛନ୍ତି ଅଭିଯୁକ୍ତ ଅଧ୍ୟାପକ ଶତ୍ରୁଘ୍ନ ସାମଲ କଳା ତାଲିକାଭୁକ୍ତ ହେବେ। ଯେପରି ଆଉ କୌଣସି କଲେଜରେ ପଢ଼ାଇ ନ ପାରିବେ ବ୍ୟବସ୍ଥା ହେବ। ପୋଲିସ ଅଧ୍ୟାପକଙ୍କୁ ହେପାଜତକୁ ନେଇଥିବାରୁ ପଚରାଉଚରା ହୋଇନି। ପିଲାଙ୍କୁ ଅଭିଯୋଗ ନେଇ ପଚରାଉଚରା ହୋଇଛି, ବିଭାଗକୁ ରିପୋର୍ଟ ଦେବୁ। ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ଜେନା କହିଛନ୍ତି ପିଲାଙ୍କ ଅଭିଯୋଗ ପରେ ଆମେ ତାଙ୍କୁ ବହିଷ୍କୃତ କରିଛୁ। ପୋଲିସ ଆଗକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ। ଯିଏ ଆଗକୁ ଏପରି କରିବ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ପିଲା ପୂର୍ବରୁ ଲିଖିତ ଅଭିଯୋଗ ଦେଇନଥିଲେ। ଏବେ ଲିଖିତ ଅଭିଯୋଗ ଦେଲେ।



## ଆଉ ୫ ମାଓବାଦୀଙ୍କ ମୃତଦେହ ମିଳିଲା

ଜଗଦଲପୁର/ରାୟପୁର, ୪।୧୨ (ମହାଭାରତ):ଛତିଶଗଡ଼ର ବିଜାପୁର ଜିଲ୍ଲାର ଗଙ୍ଗାଲୁର ଅଞ୍ଚଳରେ ବୁଧବାର ସୁରକ୍ଷାବଳ ଓ ମାଓବାଦୀମାନଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ମୃତ୍ୟୁବରଣ କରିଥିବା ନକ୍ସଲମାନଙ୍କ ସଂଖ୍ୟା ବଢ଼ି ୧୭ ହୋଇଛି। ଗୁରୁବାର ସୁରକ୍ଷାବଳଙ୍କୁ ଆଉ ୫ ମାଓବାଦୀଙ୍କ ମୃତଦେହ ମିଳିଛି। ଏନେଇ ପୁଲିସ ଡିଆଇଜି କମଲୋଚନ କାଶ୍ୟପ ସୂଚନା ଦେଇଛନ୍ତି।

ଛତିଶଗଡ଼ର ବିଜାପୁର ଜିଲ୍ଲାର ଗଙ୍ଗାଲୁର ଅଞ୍ଚଳରେ ସୁରକ୍ଷାବଳ ଓ ମାଓବାଦୀ ମଧ୍ୟରେ ହୋଇଥିବା ମୁକାବିଲାରେ ପ୍ରଥମେ ୧୨ ମାଓବାଦୀଙ୍କ ମୃତ୍ୟୁହୋଇଥିବା କୁହାଯାଇଥିଲା, କିନ୍ତୁ ତଲାସୀ ଅଭିଯାନ ବଢ଼ିବା ପରେ ଏହି ସଂଖ୍ୟା ବଢ଼ି ୧୭ ହୋଇଛି।

# ପୂର୍ବ ସରକାରକୁ ଟାର୍ଗେଟ୍ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୨(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଗୃହ ବିଭାଗର ଅତିରିକ୍ତ ଅନୁଦାନ ଦାବି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ନିଜର ଅଭିଭାଷଣ ପ୍ରଦାନ କରିଛନ୍ତି ଏହି ଅବସରରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ବନ୍ଧରେ ନିଜର ମତ ଉପସ୍ଥାପିତ କରିବା ସହ ସେମାନଙ୍କ ବହୁମୂଲ୍ୟ ମତାମତ ଓ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ସବୁ ପ୍ରକାର ରାଜନୈତିକ ଆଲୋଚନା-ସମାଲୋଚନା ଭିତରେ ପୋଲିସର ପ୍ରତ୍ୟେକ ବିଭାଗ ନିଜ ନିଜ କର୍ତ୍ତବ୍ୟ ସଠିକ ରୂପେ ସମ୍ପାଦନ କରି ଆସୁଛନ୍ତି। ଗତ ପ୍ରାୟ ଅଠର ମାସ ଭିତରେ ରାଜ୍ୟ ପୋଲିସର ଯଦି କେବଳ ଗୋଟିଏ ସଫଳତା ମୋତେ ପଚାରିବେ, ତେବେ ମୁଁ କହିବି, କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ନ ହୋଇ ଅପରାଧୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଏବଂ କୌଣସି ଅପରାଧୀଙ୍କୁ ରାଜନୈତିକ ସଂରକ୍ଷଣ ଦେଇନାହାନ୍ତି।



୨୦୨୩ ମସିହାରେ ଦଣ୍ଡନୀୟ ଅପରାଧର ସଂଖ୍ୟା ଥିଲା ୧ ଲକ୍ଷ ୯୯ ହଜାର ୯୫୪। ଯାହା ପୂର୍ବବର୍ଷ ତୁଳନାରେ ୧୨.୨ ପ୍ରତିଶତ ଅଧିକ। ସାରା ଦେଶରେ ଜନସଂଖ୍ୟାର ଅନୁପାତ ହିସାବରେ ମହିଳାମାନଙ୍କ ବିରୁଦ୍ଧରେ ହିଂସା କ୍ଷେତ୍ରରେ ଓଡିଶାର ସ୍ଥାନ ପ୍ରଥମ। ୨୦୨୩ ମସିହାରେ ମହିଳାମାନଙ୍କ ବିରୁଦ୍ଧରେ ହିଂସା ଥିଲା ୨୫ ହଜାର ୯୧୪, ଅର୍ଥାତ ପୂର୍ବବର୍ଷ ତୁଳନାରେ ୯.୬ ପ୍ରତିଶତ ବୃଦ୍ଧି। ଏହାଠାରୁ ଆହୁରି ଚିନ୍ତାଜନକ ବିଷୟ ହେଉଛି, ମହିଳାଙ୍କ ସମ୍ମାନ ହାନି ପାଇଁ ଆକ୍ରମଣ କେସ୍ ହେଉଛି ୫ ହଜାର ୯୩୭, ଯାହା ସାରା ଦେଶରେ ଦ୍ୱିତୀୟ ସର୍ବାଧିକ କିନ୍ତୁ ଜନସଂଖ୍ୟା ଅନୁପାତରେ ସବୁଠାରୁ ଅଧିକ। ସେହିପରି ମହିଳାଙ୍କୁ ସର୍ବସାଧାରଣରେ ନିର୍ବସ୍ତ୍ର କରିବାର ଘଟଣା ହୋଇଥିଲା ୧ ହଜାର ୯୭୮, ଯାହାର ହାର ହେଉଛି ଏକ ଲକ୍ଷରେ ୨୫.୮, ଅର୍ଥାତ ସାରା ଦେଶରେ ସର୍ବାଧିକ। ସେହିପରି ମାନବ ଚାଲାଣ କ୍ଷେତ୍ରରେ ଓଡିଶା ସାରା ଦେଶରେ ପ୍ରଥମ। ୨୦୧୦ରୁ ୨୦୨୩ ମଧ୍ୟରେ ସାଇବର ଅପରାଧରେ ୩୫ ଗୁଣ ବୃଦ୍ଧି ପାଇଛି। କେସ୍ ରେ ଦଣ୍ଡବିଧାନ ହାର ହେଉଛି ମାତ୍ର ୨୯.୩ ପ୍ରତିଶତ, ଯେତେବେଳେ ଜାତୀୟ ହାର ଥିଲା ୫୪ ପ୍ରତିଶତ। କିନ୍ତୁ, ସବୁଠାରୁ ଉଦବେଗଜନକ ଏବଂ ଲଜ୍ଜା ଜନକ ପରିସ୍ଥିତି ହେଉଛି, ମହିଳା ହିଂସା ଓ ଅତ୍ୟାଚାର ବିରୁଦ୍ଧର ଦଣ୍ଡ ବିଧାନ ହାର ହେଉଛି ମାତ୍ର ନୈରାଶ୍ୟ ଜନକ। ୬.୯ ପ୍ରତିଶତ ପୂର୍ବବର୍ଷ ଠାରୁ ବି ଏହା କମ୍, ଯାହା ୨୦୨୨ ମସିହାରେ ଥିଲା ୯.୬ ପ୍ରତିଶତ ।ଯଦି ଏପରି ନୈରାଶ୍ୟଜନକ ଆଇନ ଶୃଙ୍ଖଳା ଏବଂ ଅପରାଧ ନିୟନ୍ତ୍ରଣ ରେକର୍ଡ ଆପଣଙ୍କ ସୁଶାସନର ସଂଜ୍ଞା ହୁଏ, ତେବେ ତାହା ଆପଣଙ୍କୁ ମୁବାରକ୍, ଆମକୁ ଏମିତି ସୁଶାସନର ଆବଶ୍ୟକ ନାହିଁ ।ଓଡିଶାରେ ଆଇନ-କାନୁନର ରାଜୁତି ରହିବ, କୌଣସି ରାଜନୈତିକ ଦଳର ନୁହେଁ ପୂର୍ବରୁ ରାଜ୍ୟର ଥାନାଗୁଡ଼ିକୁ କିପରି ଭାବେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପାର୍ଟିଅଫିସ ଭାବେ ବ୍ୟବହାର କରାଯାଉଥିଲା, ତାହା ଓଡ଼ିଶାବାସୀ ଜାଣିଛନ୍ତି। ଯାହାର ଶାସନ ସମୟରେ ପ୍ରଭାବଶାଳୀ ମନ୍ତ୍ରୀ ବି ସୁରକ୍ଷିତ ନ ଥିଲେ, ସେପରି ସରକାରଙ୍କ ପାରିବା ପଣିଆ। ବିଷୟରେ ଯେତେ କମ୍ କୁହାଯିବ, ସେତେ ଭଲ। କିନ୍ତୁ, ସମୟର ପରିବର୍ତ୍ତନ ହୋଇଛି, ତା ସହ ତାଳ ଦେଇ ମାନସିକତାରେ ପରିବର୍ତ୍ତନ ଘଟିଛି ଆମ ସରକାରଙ୍କ ପାଇଁ ଅପରାଧୀର କେବଳ ଗୋଟିଏ ପରିଚୟ, ଆଇନ ଆଗରେ ସମସ୍ତେ ସମାନ ସିଏ ସାଧାରଣ ଅପରାଧୀ ଟିଏ ହେଉ କିମ୍ବା ବାହୁବଳୀ ପୂର୍ବତନ ବିଧାୟକ ହେଉ। ଆଇନ ତା ବାଟରେ ଯିବ, ଅପରାଧୀ ଯେତେ ବଡ ପ୍ରଭାବଶାଳୀ ହେଲେ ବି ତାର ଗୋଟିଏ ଠିକଣା, ଜେଲ୍ ର ଚାରିକାନ୍ଥ ।ଓଡିଶାବାସୀ ସରକାରଙ୍କ ଏହି ଅପରାଧ ନିୟନ୍ତ୍ରଣ ପ୍ରତିବଦ୍ଧତା ବିଷୟରେ ହୃଦୟଙ୍ଗମ କରି ସାରିଲେଣି ଏବଂ ତାର ପ୍ରତିଫଳନ ନୂଆପଡା ଉପ-ନିର୍ବାଚନରେ ଦେଖିବାକୁ ମିଳିଛି।

## ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।



ଖବର

## ଜାପାନରେ ରିଲିଜ ହେବ 'ପୁଷ୍ପା-୨'





ଅଲ୍ଲୁ ଅର୍ଜୁନ ଏବଂ ରଶ୍ମିକା ମନ୍ଦନାଙ୍କ ସୁପରହିଟ୍ ଫିଲ୍ମ ପୁଷ୍ପା-୨ ଗତ ବର୍ଷର ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ ଗୋଟିଏ। ଭାରତୀୟଙ୍କ ହୃଦୟ ଜିତିବା ପରେ ବର୍ତ୍ତମାନ ଏହି ଫିଲ୍ମଟି ଜାପାନରେ ରିଲିଜ ହେବାକୁ ଯାଉଛି। ଏନେଇ ଘୋଷଣା କରିଛନ୍ତି ଫିଲ୍ମ ନିର୍ମାତା। ନିର୍ଦ୍ଦେଶକ ସୁକୁମାରଙ୍କ ବ୍ଲକବଷ୍ଟର ଫିଲ୍ମ 'ପୁଷ୍ପା ୨: ଦି ରୁଲ୍'ରେ ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦନା ଏବଂ ଫାହାଦ୍ ଫାସିଲଙ୍କ ଅଭିନୀତ ଫିଲ୍ମ ଆସନ୍ତା ବର୍ଷ ଜାନୁଆରୀ ୧୬ରେ ଜାପାନରେ ରିଲିଜ ହେବ। ଜାପାନରେ ଫିଲ୍ମ ବିତରଣ କରୁଥିବା ଗିକ୍ ପିକ୍‌ଚର୍ସ ଇଣ୍ଡିଆ ଏହାର ଏକ୍ସ ଟାଇମଲାଇନରେ ଏହି ଘୋଷଣା କରିଛି। ସୁପରହିଟ୍ ଫ୍ରା□ାଇଜରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଅଭିନେତ୍ରୀ ରଶ୍ମିକା ମନ୍ଦନା ମଧ୍ୟ ତାଙ୍କ ଏକ୍ସ ଟାଇମଲାଇନରେ ଜାପାନରେ ଫିଲ୍ମର ରିଲିଜ୍ ବିଷୟରେ ଟ୍ୱିଟ୍ କରିଛନ୍ତି ଏବଂ ଫିଲ୍ମର ଜାପାନୀ ଟ୍ରେଲରର ଲିଙ୍କ୍ ସେୟାର କରିଛନ୍ତି। ସେ ଲେଖିଛନ୍ତି, କୋନିଚିୱା, ଜାପାନ। ଅର୍ଥାତ ଏବେ ପୁଷ୍ପା ଜାନୁଆରୀ ୧୬, ୨୦୨୬ ରେ ଜାପାନରେ ଆସିବାକୁ ଯାଉଛି। 'ପୁଷ୍ପା ୨: ଦି ରୁଲ୍' ୨୦୨୪ ର ସବୁଠାରୁ ବଡ ଫିଲ୍ମ ଭାବରେ ବେଶ ଲୋକପ୍ରିୟ। ଯାହା ରିଲିଜ ହେବା ପରଠାରୁ ସଫଳତାର ଅତୁଳନୀୟ ଉଦାହରଣ ସୃଷ୍ଟି କରିଛି। ଦର୍ଶକଙ୍କ ହୃଦୟ ଜିତିବା ଠାରୁ ଆରମ୍ଭ କରି ବକ୍ସ ଅଫିସ୍ ରେକର୍ଡ ଭାଙ୍ଗିବା ପର୍ଯ୍ୟନ୍ତ, ଏହି ଫିଲ୍ମ ସବୁଆଡେ ନିଜର ଛାପ ଛାଡିଛି। ଏହା କେବଳ ହିନ୍ଦୀରେ ୮୦୦ କୋଟିରୁ ଅଧିକ କ୍ଲବ୍ ଆରମ୍ଭ କରିନଥିଲା ବରଂ ସାରା ବିଶ୍ୱରେ ୧୮୦୦ କୋଟି ମାର୍କ ଅତିକ୍ରମ କରି ଏହାକୁ ଭାରତର ସବୁଠାରୁ ବଡ ଏବଂ ସର୍ବାଧିକ ଆୟ କରିଥିବା ଫିଲ୍ମରେ ପରିଣତ କରିଥିଲା। ସୁକୁମାରଙ୍କ ନିର୍ଦ୍ଦେଶିତ ଏବଂ ଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦନା ଏବଂ ଫାହାଦ୍ ଫାସିଲଙ୍କ ଅଭିନୀତ 'ପୁଷ୍ପା ୨: ଦି ରୁଲ୍' ହେଉଛି ଏକ ଆକର୍ଷଣୀୟ କାହାଣୀ। ଯାହା ଏବେ ଜାପାନରେ ମଧ୍ୟ ଧମାଲ କରିବ।

## ଦାନ ଧର୍ମ କଲେ ବୃଦ୍ଧି ପାଏ ଧନସମ୍ପତ୍ତି



ଧନସମ୍ପତ୍ତିକୁ ଭଗବାନଙ୍କ କୃପା ବୋଲି ଭାବି ସହଜ ଭାବରେ ଗ୍ରହଣ କରିବା ଆବଶ୍ୟକ। ତାହା ଆପଣାର ନୁହେଁ, ପ୍ରାଣୀମାତ୍ରଙ୍କେ ଏହା ଉପରେ ଅଧିକାର ରହିଛି। ଧର୍ମଶାସ୍ତ୍ରରେ କୁହାଯାଇଛି ଯେ ଉପାର୍ଜିତ ଧନକୁ ପ୍ରଥମେ ଯୋଗ୍ୟ ପାତ୍ରରେ ପ୍ରଦାନ କରିବା ପରେ ବଳକା ଅଂଶକୁ ନିଜ ସୁଖସୁବିଧା ଲାଗି ଉପଯୋଗ କରିବା ଆବଶ୍ୟକ। ଯିଏ କେବଳ ନିଜ ପାଇଁ ଧନ ଉପାର୍ଜନ କରିଥାଏ, ଖାଇଥାଏ ସେ ପାପ କରିଥାଏ। ଧନର ତିନି ଗତି ବିଷୟରେ ଶାସ୍ତ୍ରରେ କୁହାଯାଇଛି- ଦାନ, ଭୋଗ ଏବଂ ନାଶ। ଧନକୁ ଯିଏ ବିଳାସବ୍ୟସନର ସାଧନ ବୋଲି ଗ୍ରହଣ କରିଥାଏ, ତା'କୁ ବିପତ୍ତି ମାଡ଼ି ବସିଥାଏ। ଭୁଲ ଢଙ୍ଗରେ ଉପାର୍ଜିତ ଅଧିକ ଧନ ବିପତ୍ତିର କାରଣ ହୋଇଥାଏ। ଧନିକ ବର୍ଗଙ୍କ ମଧ୍ୟରେ ଯେଉଁ ପାପାଚାର ଏବଂ ଭ୍ରଷ୍ଟାଚାର ବଢୁଛି, ତା'ର ଗୋଟିଏ କାରଣ ହେଉଛି ଅଧର୍ମ ଉପାୟରେ ଅର୍ଜିତ ଧନ। ସେଥିପାଇଁ ସାତ୍ତ୍ୱିକ ସାଧନରେ ଅର୍ଜିତ ଧନର କିଛି ଅଂଶ ଦାନ ସେବା ପରୋପକାରରେ ବିନିଯୋଗ କରିବା ଆବଶ୍ୟକ। ଦାନ, ସଦାଚାର ଏବଂ ତ୍ୟାଗବୃତ୍ତିର କାରଣରୁ ଧନର ପବିତ୍ରତା ବଜାୟ ରହିଥାଏ। ଆମ ପାଖରେ ଯେଉଁ ଧନ ରହିଛି ତାହା ଭଗବାନଙ୍କର। ଯେଉଁଠି ଦୁଃଖ, ଅଭାବ ଦେଖାଦେଉଛି, ସେଠାରେ ଆଗକୁ ଆସି ଧନ ଅର୍ପଣ କରାଯିବା ଆବଶ୍ୟକ। ଧନ ଭଗବାନଙ୍କର ହୋଇଥିବାରୁ, ଏହା ସେମାନଙ୍କର ପୁଣ୍ୟ ପ୍ରସାଦ ଅଟେ। ତାହାକୁ ପ୍ରସାଦ ଭଳି ଗ୍ରହଣ କରିବା ଏବଂ ବାଣ୍ଟିବା ଉଚିତ୍।

## ଧର୍ମରାଜ ଯୁଧିଷ୍ଠିରଙ୍କ ନିଷ୍ପତ୍ତି



ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର, କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ? ତୁମେ କାହା ଜୀବନ ଚାହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଚାହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରିଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଚାହିଁଲେ ମାଆ ମାଦ୍ରିଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

## ନକାରାତ୍ମକ ଶକ୍ତିର ସଂହାରକର୍ତ୍ତା



ମହାଭାରତର ଚରିତ୍ର ଭୀମ, ଦୁର୍ଯ୍ୟୋଧନ, ଜରାସନ୍ଧ, ବଳରାମ ଆଦି ପ୍ରଖ୍ୟାତ ଗଦାଧାରୀ ଥିଲେ। ବିଶ୍ୱର ସବୁଠୁ ବଡ଼ ମହାକାବ୍ୟରେ ଗଦା ଯୁଦ୍ଧ ଜାଣିଥିବା ବିଶେଷଜ୍ଞଙ୍କ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରାଯାଇଛି। ବୀର ହନୁମାନ ମଧ୍ୟ ଗଦାଧାରୀ ଥିଲେ। ତେବେ ସେ ନିଜ ଗଦା ସାହାଯ୍ୟରେ ନକାରାତ୍ମକ ଶକ୍ତିର ସଂହାର କରୁଥିଲେ। ଗଦା ଏକ ପ୍ରାଚୀନ ଅସ୍ତ୍ର, ଯାହାକି ତ୍ରେତୟା ଯୁଗ ପୂର୍ବରୁ ମଧ୍ୟ ପ୍ରଚଳିତ ଥିଲା। ଅଗ୍ନି ପୁରାଣରେ ଗଦା ଯୁଦ୍ଧକୁ ଆହତ, ଗୋମୂତ୍ର, ପ୍ରଭୁତ, କମଳାସନ, ଉର୍ଦ୍ଧ୍ୱଗତ୍ର, ନମିତ, ବାମଦକ୍ଷିଣ, ଆବୃତ୍ତ, ପରାବୃଦ୍ଧ, ପଦୋଦ୍ଭୂତ, ଅବପ୍ଲୁତ, ହଂସମାର୍ଗ ବୋଲି କୁହାଯାଇଛି।

ଗଦାଧାରୀ ହନୁମାନଙ୍କ ଉପାସନା ଦ୍ୱାରା ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ। ନିଷ୍ଠାର ସହକାରେ ପ୍ରାର୍ଥନା କଲେ ସେ ସନ୍ତୁଷ୍ଟ ହୁଅନ୍ତି। ତାଙ୍କ କୃପାରୁ ମନୁଷ୍ୟ ଜୀବନ ସୁଖମୟ ହୋଇଥାଏ। ଶ୍ରୀରାମ ଭକ୍ତ ହନୁମାନଙ୍କୁ ପ୍ରସନ୍ନ କରିବା ନିମନ୍ତେ ପ୍ରତିଦିନ ହନୁମାନ ଚାଳୀସା ପାଠ କରିବା ଆବଶ୍ୟକ। ବାରମ୍ବାର ସମସ୍ୟା ଏବଂ କାର୍ଯ୍ୟରେ ବାଧା ଉପୁନ୍ନ ହେଉଥିଲେ ପ୍ରତି ମଙ୍ଗଳବାର ହନୁମାନ ମନ୍ଦିର ଯାଇ ଗୁଡ଼ ଏବଂ ଚଣା ପ୍ରସାଦ ଅର୍ପଣ କରିବା ଆବଶ୍ୟକ। ସେହି ପ୍ରସାଦକୁ ମନ୍ଦିରରେ ହିଁ ବାଣ୍ଟିଦେବା ଉଚିତ୍। ପ୍ରତିଦିନ ସକାଳୁ ନିମ୍ନୋକ୍ତ ମନ୍ତ୍ର ଜପ କରିବା ଉତ୍ତମ ଫଳ ପ୍ରଦାନ କରିଥାଏ।

ମନ୍ତ୍ର - "ଆଦିଦେବ ନମସ୍ତୁଭ୍ୟଂ ସପ୍ତସପ୍ତେ ଦିବାକର, ତ୍ୱଂ ରେ୍ୱ ତାରୟ ସ୍ୱାର୍ମାନର୍ମାତ୍‌ସଂସାର ସାଗରାତ୍"

ଏହି ମନ୍ତ୍ର ଜପ କରିବା ଦ୍ୱାରା ବାଧାରୁ ମୁକ୍ତି ମିଳିଥାଏ। ହନୁମାନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ସିନ୍ଦୁର ଏବଂ ଚମେଲି ତେଲ ଅର୍ପଣ କରି ପୂଜା କରାଯିବା ଉତ୍ତମ। ହନୁମାନ ଜୟନ୍ତୀ ଦିନ ହନୁମାନ ଚାଳୀସା, ହନୁମତ ଅଷ୍ଟକ ଏବଂ ବଜରଙ୍ଗ ବାଣ ପାଠ କରିବା ଉଚିତ୍। ସେହି ଦିନ ହନୁମାନଙ୍କ ଆରାଧାନ କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ ଏବଂ ସୁଖ-ଶାନ୍ତି ପ୍ରାପ୍ତ ହୋଇଥାଏ।

ଓଁ କ୍ରାଂ କ୍ରିଂ କ୍ରୌଂ ସଃ ଭୌମାୟ ନମଃ ମନ୍ତ୍ରର ଏକ ମାଳା ଜପ ମଙ୍ଗଳ କରିବା ଶୁଭ ହୋଇଥାଏ।

ବ୍ୟବସାୟରେ ବୃଦ୍ଧି ନିମନ୍ତେ ହନୁମାନଙ୍କ ସିନ୍ଦୂର ରଙ୍ଗର ବସ୍ତ୍ର ଅର୍ପଣ କରିବା ଆବଶ୍ୟକ। ହନୁମାନ ଜୟନ୍ତୀରେ ମନ୍ଦିର ଛାତ ଉପରେ ଲାଲ ରଙ୍ଗର ପତାକା ଉଡ଼ାଇବା ଦ୍ୱାରା ଆକସ୍ମିକ ଅଘଟଣରୁ ମୁକ୍ତି ମିଳିଥାଏ। ଶକ୍ତିବୃଦ୍ଧି ନିମନ୍ତେ ହନୁମାନ ଚାଳୀଶା, ସୁନ୍ଦରାକାଣ୍ଡ, ରାମାୟଣ ଆଦି ପାଠ କରିବା ଆବଶ୍ୟକ।

## ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ। ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ। ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି। ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ। କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ। ଗୁରୁ କହିଲେ, ଏଥର ଦେଖ। ମୋ ଜିଭ ଅଛି ନା ନାହିଁ। ଶିଷ୍ୟମାନେ କହିଲେ, ହଁ ଅଛି। ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା। ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା। ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା। ତା'ସହିତ ଏହା କୋମଳ ଥିଲା। ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି। ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା। ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ। ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ। ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା। ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ରାଜ୍ୟରେ ୨୪୬୨ ଏଚଆଇଭି ପଜିଟିଭ

**ଭୁବନେଶ୍ୱର,୪।୧୨ (ମହାଭାରତ):** ରାଜ୍ୟରେ ୨୪୬୨ ଜଣ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ପୁରୁଷଙ୍କ ସଂଖ୍ୟା ସର୍ବାଧିକ ରହିଥିବା ବେଳେ ଟିଜି ୧୩ ଜଣ ଓ ଅନ୍ୟ ମାନେ ମହିଳା ରୋଗୀ ଅଛନ୍ତି। କଟକ କାଟାଗରିରେ ୧ ରେ ସାମିଲ ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ଏଚଆଇଭି ପଜିଟିଭ ସଂଖ୍ୟା ବଢିବା ଚିନ୍ତାର ବିଷୟ ପାଲଟିଛି। ତେବେ ରାଜ୍ୟ ସରକାର ଏଚଆଇଭି ମୂଳୋତ୍ପାଟନ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ସୋମବାର ଦିନ ବିଶ୍ୱ ଏଡ଼ସ ଦିବସ ପାଳନ ଅବସରରେ ଏନେଇ ଓଡିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ପକ୍ଷରୁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲ ପରିସରରେ ଆୟୋଜିତ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।



ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ ନୀଳକଣ୍ଠ ମିଶ୍ର ଏଚଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନେଇ କହିଛନ୍ତି ଯେ ଆଖପାଖ ଜିଲ୍ଲାରୁ ରୋଗୀ ଆସି କଟକରେ ଚିହ୍ନଟ ହେଉଥିବା ବେଳେ ନବରଙ୍ଗପୁର ଓ ଗଞ୍ଜାମରେ ମାଇଗ୍ରେସନ ଓ ବୃତି ଚୟନ ପାଇଁ ରୋଗୀ ସଂଖ୍ୟାବଢୁଛନ୍ତି। ସୀମାନ୍ତ ଜିଲ୍ଲା ହୋଇଥିବାରୁ ବାହାର ରାଜ୍ୟରୁ ଏଚଆଇଭି ପଜିଟିଭ ରୋଗୀ ଆସୁଛନ୍ତି। ରାଜ୍ୟରେ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୨୪୬୨ ଜଣ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଚଆଇଭି ସଂକ୍ରମଣରେ ଜାତୀୟ ହାର ତୁଳନାରେ ଓଡିଶା ୩ ନମ୍ବରରେ ରହିଛି। ୨୦୨୨-୨୩ ତୁଳନାରେ ଚଳିତବର୍ଷ ପଜିଟିଭ ହାର ହ୍ରାସ ପାଇଛି। ୨୦୨୨-୨୩ ରେ ସଂଖ୍ୟା ୩୨୩୨ ଥିବା ବେଳେ ୨୦୨୩-୨୪ ରେ ୩୪୩୬, ୨୦୨୪-୨୫ ରେ ୩୭୬୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗଞ୍ଜାମରେ ବର୍ତମାନ ସୁଦ୍ଧା ୩୩୮ ପଜିଟିଭ ଚିହ୍ନଟ ହୋଇଥିବା ବେଳେ, କଟକରେ ୨୬୧, ନବରଙ୍ଗପୁରରେ ୭୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିଭଳି ଖୋର୍ଦ୍ଧାରେ ୩୩୮, ସମ୍ବଲପୁରରେ ୧୯୫, ସୁନ୍ଦରଗଡ଼ରେ ୧୨୧, ଅନୁଗୁଳରେ ୧୧୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ ୩ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏଡ଼ସ କୁ ମୂଳୋତ୍ପାଟନ କରିବା ପାଇଁ ଜୋରଦାର ପ୍ରୟାସ କରାଯାଉଥିବା କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ।

ଓସାକ୍ସ ଯୁଗ୍ମ ନିର୍ଦ୍ଦେଶକ ଡ଼ ଡି.ଏସ. ଅରବିନ୍ଦ କହିଛନ୍ତି ଚଳିତବର୍ଷ ୧୨ଲକ୍ଷ ସାଧାରଣ ଲୋକ ଏବଂ ୮ଲକ୍ଷ ଗର୍ଭବତୀଙ୍କୁ ମିଶାଇ ମୋଟ ୨୦ଲକ୍ଷ ଟେଷ୍ଟ ପାଇଁ ଲକ୍ଷ୍ୟ ରହିଛି। ସେଥିରୁ ବର୍ତମାନ ସୁଦ୍ଧା ୧୪ଲକ୍ଷ ଟେଷ୍ଟ ସରିଛି। ମୁଖ୍ୟତଃ ରେଟ ଅଫ ଟ୍ରାନ୍ସମିସନ ଅର୍ଥାତ ମାଆ ଠାରୁ ଶିଶୁଙ୍କୁ ସଂକ୍ରମଣ ସଂଖ୍ୟା ଅଧିକ ରହିଛି। ଏହାବାଦ ଅନୈତିକ ଯୌନ ସମ୍ପର୍କ ଏହାର ଅନ୍ୟ ଏକ କାରଣ ରହିଛି। ଅନ୍ୟ ଜିଲ୍ଲା ତୁଳନାରେ କଟକ, ଗଂଜାମ ଓ ନବରଙ୍ଗପୁରରେ ସଂଖ୍ୟା ଆଧିକ ରହିଛି। ଅନ୍ୟ ଜିଲ୍ଲା ତୁଳନାରେ କଟକ, ଗଂଜାମ ଓ ନବରଙ୍ଗପୁରରେ ସଂଖ୍ୟା ଅଧିକ ରହିଛି। ଏହି ରାଲିରେ ଅନୁଗୋଳ ଜିଲ୍ଲାର ଟିଜି ଚିନ୍ମୟୀ ଦାସ ସଚେତନତା ବାର୍ତା ସାଙ୍ଗକୁ, କଣ୍ଡୋମ୍ ର ଡ୍ରେସ୍ ପିନ୍ଧି ଲୋକଙ୍କୁ ସଚେତନ କରାଇଥିଲେ। ୨୦୩୦ ସୁଦ୍ଧା ଏଚଆଇଭିକୁ ମୂଳୋତ୍ପଟନ କରିବା ଲକ୍ଷ୍ୟରେ ସେ ସଚେତନତା କରୁଛନ୍ତି ବୋଲି କହିଛନ୍ତି।

# ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ଶିଶୁ ନିଖୋଜ

**ଭୁବନେଶ୍ୱର,୪।୧୨ (ମହାଭାରତ):** ରାଜ୍ୟରେ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ହେଲେ ଏଥିରେ ସେତେମାତ୍ରାରେ ସଫଳତା ମିଳୁନାହିଁ। ଗୋଟିଏ ପରେ ଗୋଟିଏ ଶିଶୁ ନିଖୋଜ ହୋଇ ମା'ର କୋଳ ଖାଲି ହୋଇଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାରେ ଶିଶୁ ନିଖୋଜ ସଂକ୍ରାନ୍ତରେ ଆଲୋଚନା ହୋଇଯାଇଛି। ପାଟଣାର ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଗତ ୨ ବର୍ଷରେ ୧୧,୩୩୭ ଶିଶୁ ନିଖୋଜ ରିପୋର୍ଟ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୮,୩୬୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୨,୯୭୫ ଜଣ ନିଖୋଜ ଅଛନ୍ତି। ଏସବୁ ରିପୋର୍ଟକୁ ପଞ୍ଜୀକୃତ କରାଯାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ)କୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି। ପ୍ରଭାତୀଙ୍କ ସୂଚନା ଅନୁଯାୟୀ, ୨୦୨୪ରୁ ଏପର୍ଯ୍ୟନ୍ତ ଶିଶୁ ସହାୟତା ନଂ.୧୦୯୮ରେ ଏହି ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୮୫ ଜଣ ନିଖୋଜ ହୋଇଥିବା ବେଳେ ୫୭୬ ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଜିଲାୱାରି ତଥ୍ୟ ଅନୁଯାୟୀ, ଅନୁଗୋଳରେ ୨୬୭ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ବଲାଙ୍ଗୀରରେ ୩୯୪, ବାଲେଶ୍ୱରରେ ୬୮୩, ବରଗଡ଼ରେ ୧୨୨, ଭଦ୍ରକରେ ୪୧୨, ବୌଦ୍ଧରେ ୩୧୯, କଟକରେ ୪୫୦, ଦେବଗଡ଼ରେ ୨୮୫, ଢେଙ୍କାନାଳରେ ୨୬୫, ଗଜପତିରେ ୬୫୯, ଗଞ୍ଜାମରେ ୩୧୩, ଜଗତସିଂହପୁରରେ ୨୫୭, ଯାଜପୁରରେ ୩୩୦, ଝାରସୁଗୁଡ଼ାରେ ୩୮୦, କଳାହାଣ୍ଡିରେ ୧୩୨, କନ୍ଧମାଳରେ ୪୩୭, କେନ୍ଦ୍ରାପଡ଼ାରେ ୧୭୮ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ସେହିପରି କେନ୍ଦୁଝରରେ ୩୭୪, କୋରାପୁଟରେ ୫୭୬, ମାଲକାନଗିରିରେ ୩୦୫, ମୟୂରଭଞ୍ଜରେ ୩୪୩, ନବରଙ୍ଗପୁରରେ ୨୯୦, ନୟାଗଡରେ ୪୫୩, ନୂଆପଡାରେ ୩୬୦, ପୁରୀରେ ୫୯୫, ରାୟଗଡ଼ାରେ ୨୩୧, ସମ୍ବଲପୁରରେ ୨୪୧, ସୁବର୍ଣ୍ଣପୁରରେ ୬୨୦ ଓ ସୁନ୍ଦରଗଡ଼ରେ ୨୮୧ଜଣ ଶିଶୁ ନିଖୋଜ ହୋଇଛନ୍ତି। ଅପରପକ୍ଷରେ ଅନୁଗୋଳରେ ୨୦୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ବଲାଙ୍ଗୀରରେ ୨୩୯, ବାଲେଶ୍ୱରରେ ୧୧୪, ବରଗଡରେ ୧୭୮, ଭଦ୍ରକରେ ୩୫୧, ବୌଦ୍ଧରେ ୪୦୭, କଟକରେ ୩୫୦, ଦେବଗଡ଼ରେ ୧୫୫, ଢେଙ୍କାନାଳରେ ୨୦୧, ଗଜପତିରେ ୭୧୫ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗଞ୍ଜାମରେ ୫୧୬, ଜଗତସିଂହପୁରରେ ୧୩୦, ଯାଜପୁରରେ ୧୪୦, ଝାରସୁଗୁଡ଼ାରେ ୨୮୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ମନ୍ତ୍ରୀ ପ୍ରଭାତୀ ଗୃହରେ ତଥ୍ୟ ରଖିଛନ୍ତି।

# ଗୀତାଞ୍ଜଳି ମିଶ୍ରଙ୍କ ଲିଖିତ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୪।୧୨ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୋମବାର ବିଶିଷ୍ଟ ଲେଖିକା ଡଃ ଗୀତାଞ୍ଜଳି ମିଶ୍ରଙ୍କ ଦ୍ୱାରା ଲିଖିତ ଦୁଇଗୋଟି ଉପାଦେୟ ପୁସ୍ତକକୁ ଉନ୍ମୋଚନ କରିଛନ୍ତି । ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଡଃ ମିଶ୍ରଙ୍କ ଇଂରାଜୀ ପୁସ୍ତକ ଦ୍ୱୟ ''କନଭରଜେନ୍ସ ଆଣ୍ଡ ଡେଭେଲପମେଂଟ ଇନ୍ ଇଣ୍ଡିଆ'' ଏବଂ ''ଆବିଲିଟି ବିୟଣ୍ଡ ଡିଜାବିଲିଟ '' ପୁସ୍ତକ ଉନ୍ମୋଚିତ ହୋଇଥିଲା।



ପ୍ରଥମ ପୁସ୍ତକରେ ଡଃ ମିଶ୍ର ଓଡ଼ିଶାରେ ବିଭିନ୍ନ ବିଭାଗର ସମନ୍ୱୟ(କନଭରଜେନ୍ସ)ରେ କରାଯାଉଥିବା ବିକାଶମୂଳ କାର୍ଯ୍ୟ ସହିତ ବିଭିନ୍ନ ରାଜ୍ୟରେ ହେଉଥିବା କାର୍ଯ୍ୟର ତୁଳନାତ୍ମକ ଉପସ୍ଥାପନ, ସଫଳ କାହାଣୀ ଓ ପ୍ରସ୍ତାବ ଉଲ୍ଲେଖ କରିଛନ୍ତି। ଡଃ. ମିଶ୍ର ରାଜ୍ୟର ୨୩ ଟି ପ୍ରଦେଶ ଗସ୍ତ କରି ତାଙ୍କର ବିଷୟ ସଂପର୍କିତ ଅଭିଜ୍ଞତା, ଅନୁଭୂତି ଓ ପ୍ରସ୍ତାବନା ଏଥିରେ ରଖିଛନ୍ତି ।ସେହିପରି ଭିନ୍ନକ୍ଷମଙ୍କ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇ ଲେଖାଯାଇଥିବା ଡଃ. ମିଶ୍ରଙ୍କର ୨ୟ ପୁସ୍ତକରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମ, ଭିନ୍ନକ୍ଷମମାନଙ୍କର ସାମାଜିକ, ଅର୍ଥନୈତିକ ପ୍ରଗତି ପାଇଁ ଲକ୍ଷ୍ୟଭିତିକ ନୀତି, ଗୋଷ୍ଠୀ ସଂପୃକ୍ତି ଏବଂ ସାମୁହିକ ଦାୟିତ୍ୱବୋଧ କିପରି ସେମାନଙ୍କର ଜୀବନଧାରଣ ମାନରେ ଆଖିଦୃଶିଆ ପରିବର୍ତନ ଆଣି ପାରିବ, ସେଥିରେ ଉପାଦେୟ ତଥ୍ୟ ଓ ପ୍ରସ୍ତାବ ରହିଥିବା ଡଃ ମିଶ୍ର ପ୍ରକାଶ କରିଛନ୍ତି ।

# ୨୩୭ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ

**ଭୁବନେଶ୍ୱର,୪।୧୨ (ମହାଭାରତ):** ସ୍କୁଲ ୟୁନିଫର୍ମ ବଣ୍ଟନରେ ଅବହେଳା ପାଇଁ ଖୋର୍ଦ୍ଧା ଜିଲ୍ଲାର ୮ ବିଇଓ ଏବଂ ୨୩୭ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ବା ଡିଇଓ। ୟୁନିଫର୍ମ ନଦେବା ପର୍ଯ୍ୟନ୍ତ ଦରମା ବନ୍ଦ ରହିବ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏଭଳି ପଦକ୍ଷେପ ନେଇଛନ୍ତି ଖୋର୍ଦ୍ଧା ଡିଇଓ। ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ସ୍କୁଲ ୟୁନିଫର୍ମ ଯୋଗାଇ ଦେବାକୁ ଚିଠି କରିଛନ୍ତି। ୟୁନିଫର୍ମ ନଦେବା ପର୍ଯ୍ୟନ୍ତ ଦରମା ବନ୍ଦ ରହିବ ବୋଲି ସ୍ପଷ୍ଟ ଭାବେ ଚିଠିରେ ଉଲ୍ଲେଖ ରହିଛି। ସ୍କୁଲ୍ ପିଲାଙ୍କୁ ୟୁନିଫର୍ମ ନମିଳିବା ନେଇ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ଆକ୍ସନମୋଡ଼କୁ ଆସିଛନ୍ତି। ଜୋରସୋରରେ ଚାଲିଛି ପୋଷାକ ବଣ୍ଟନ। ତଥାପି ୫୦ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇପାରିନି। ଅନ୍ୟପଟେ କଣ ପାଇଁ ଏ ସ୍ଥିତି ଉପୁଜିଲା ତାର ଗୁମର ଖୋଲିଛନ୍ତି ଭେଣ୍ଡର। ବାଲେଶ୍ୱରକୁ ୟୁନିଫର୍ମ ପାଇଁ ଆସିଥିଲା ୧୩ କୋଟିରୁ ଅଧିକ ଟଙ୍କା। ଟେଣ୍ଡର ମଧ୍ୟ ଅନେକ ଦିନରୁ ହେଲାଣି। କିନ୍ତୁ ଶିକ୍ଷା ବର୍ଷ ସରିବାକୁ ବସିଥିବା ବେଳେ ବଣ୍ଟାଯାଇନଥିଲା ଡ୍ରେସ୍। ଭେଣ୍ଡରଙ୍କ କହିବା କଥା ସମୟ କମ୍ ଦିଆଯାଇଛି। ୫ ଶହ ଟଙ୍କାରେ ଦୁଇଟି ଡ୍ରେସ୍, ତା ସାଙ୍ଗକୁ ସବୁଠି ତ ଟଙ୍କା ମାଗୁଛନ୍ତି, କାମ କେମିତି କରିବୁ। ଅନ୍ୟପଟେ ଡ୍ରେସ୍ ବଣ୍ଟନରେ ବିଳମ୍ବର କାରଣ ଖୋଜିବାକୁ ପ୍ରଶାସନ ତଦନ୍ତ କରିବ ବୋଲି ଏଡିଏମ୍ କହିଛନ୍ତି।

# ଶିଶୁବାଟିକା କଳିକା ଉଦଘାଟିତ

**ଭୁବନେଶ୍ୱର,୪।୧୨ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୋମବାର ଖାରବେଳ ଭବନରେ ଏକ ଶିଶୁବାଟିକା "କଳିକା" ଉଦ୍ଘାଟନ କରିଛନ୍ତି । ଫଳରେ ଖାରବେଳ ଭବନରେ କାର୍ଯ୍ୟ କରୁଥିବା ମା' ଏବଂ କର୍ମଚାରୀଙ୍କ ପିଲାମାନଙ୍କୁ ନିରାପଦ, ପୋଷଣ ଡେ-କେୟାର ସହାୟତା ଯୋଗାଇବା ପାଇଁ ବିକଶିତ ଏହି ପଦକ୍ଷେପ ସରକାରୀ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ-ଜୀବନ ସନ୍ତୁଳନକୁ ମଜବୁତ କରିବ ଏବଂ ଅନ୍ତର୍ଭୁକ୍ତ, ସହାନୁଭୂତିଶୀଳ କାର୍ଯ୍ୟକ୍ଷେତ୍ର ସହାୟତା ପ୍ରଣାଳୀରେ ଆଉଏକ ପଦକ୍ଷେପ ଆଗକୁ ବଢାଇବ।



ରଙ୍ଗୀନ କାର୍ଯ୍ୟକଳାପ ସ୍ଥାନ, ତାଲିମପ୍ରାପ୍ତ ଯତ୍ନକାରୀ ଏବଂ ଶିକ୍ଷା, ଖେଳ ଏବଂ କଲ୍ୟାଣ ପାଇଁ ଡିଜାଇନ୍ ହୋଇଥିବା ପରିବେଶ ସହିତ, ପିତାମାତା-ବିଶେଷକରି ମା '-ବିନା ଚାପରେ କାମ ଉପରେ ଧ୍ୟାନ ଦେଇପାରିବେ ବୋଲି ନିଶ୍ଚିତ କରିବା ସହିତ ପିଲାମାନଙ୍କ ବିକାଶ ଦିଗରେ ସାହାଯ୍ୟ କରିବାକୁ କଳିକା ଲକ୍ଷ୍ୟ ରଖିଛି।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ୍ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି କହିଲେ, ମାତୃତ୍ୱ ଏବଂ ବୃତିଗତ ଦାୟିତ୍ୱ ଏକାଠି ଚାଲିବା ଭଳି ଏକ କର୍ମକ୍ଷେତ୍ର ନିର୍ମାଣରେ ଏହି ଶିଶୁବାଟିକା "କଳିକା" ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯେତେବେଳେ କର୍ମଚାରୀମାନେ ସମର୍ଥିତ ଅନୁଭବ କରନ୍ତି, ଉତ୍ପାଦକତା ଏବଂ ମର୍ଯ୍ୟାଦା ଏକାଠି ବଢିଥାଏ। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଯେ କଳିକା ପରି ଏକ ଶିଶୁ ଅନୁକୂଳ ସ୍ଥାନ ବାର୍ତା ପଠାଇଥାଏ-ଯତ୍ନ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଂଶ। ଏହି ପଦକ୍ଷେପ କର୍ମଜୀବୀ ମା 'ଙ୍କ ଜୀବନ କୁ ସହଜ କରିବ ଏବଂ ଏକ ପରିବେଶ ସୃଷ୍ଟି କରିବ ଯେଉଁଠାରେ ପିଲାମାନେ ପ୍ରେମ, ଶିକ୍ଷା ଏବଂ ନିରାପତା ସହିତ ବିକଶିତ ହୋଇପାରିବେ।

# 'ସୋଲେ' ଚଳଚ୍ଚିତ୍ରର ନୂତନ ସଂସ୍କରଣର କ୍ଲାଇମାକ୍ସରେ ଗବର ସିଂହର ମୃତ୍ୟୁ

**ଭୁବନେଶ୍ୱର,୪।୧୨ (ମହାଭାରତ):** ପ୍ରସିଦ୍ଧ ହିନ୍ଦୀ ବ୍ଲକ୍‌ବଷ୍ଟର ସିନେମା 'ସୋଲେ' ଏହାର କ୍ଲାଇମାକ୍ସରେ ପରିବର୍ତନ ସହ ଖୁବ୍ ଶୀଘ୍ର ଭାରତର ବିଭିନ୍ନ ସିନେମା ହଲ୍‌ରେ ରିଲିଜ ହେବାକୁ ଯାଉଥିବା ଶନିବାର ଏଠାରେ ସୂଚନା ଦେଇଛନ୍ତି ପ୍ରଖ୍ୟାତ କବି, ଗୀତିକାର ଓ ସଂଳାପ ଲେଖକ ଜାଭେଦ ଅଖତର। ଅଖତର କହିଛନ୍ତି ଯେ ଏଥର କିନ୍ତୁ 'ସୋଲେ'ରେ ଦର୍ଶକ ଫିଲ୍ମର କ୍ଲାଇମାକ୍ସରେ ଗବର ସିଂର ମୃତ୍ୟୁ ହେବାର ଦେଖିବାକୁ ପାଇବେ।

ସୋଲେ ଫିଲ୍ମର ନିର୍ମାଣ, ଚରିତ୍ର ପ୍ରସ୍ତୁତି, ସିନ୍ କ୍ରିଏସନ୍ ଏବଂ ସଂଳାପ ଲେଖାରେ ଏକ ବଡ଼ ଭୂମିକା ବହନ କରିଥିବା ଅଖତର କହିଛନ୍ତି ଯେ ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ରହିଥିବା ବେଳେ ସୋଲେର ଶେଷ ସିନ୍‌ରେ ଗବରର ମୃତ୍ୟୁକୁ ନେଇ ସେନ୍‌ସର ବୋର୍ଡ ଅନୁମତି ଦେଇ ନଥିଲା। ସିନେମାର ଶେଷ ଦୃଶ୍ୟରେ ଜଣେ ପୂର୍ବତନ ପୋଲିସ ଅଫିସର ଆଇନ୍‌କୁ ହାତକୁ ନେଇ ଜଣେ ଅପରାଧିକୁ ହତ୍ୟା କରୁଥିବାର ଦୃଶ୍ୟ ଥିବା ବେଳେ ସେନ୍‌ସର ବୋର୍ଡ ଏହି କ୍ଲାଇମାକ୍ସ ସିନ୍‌କୁ ଅନୁମତି ଦେଇ ନଥିଲା। ତେଣୁ ସିନେମାରେ ଏହି ସିନ୍‌କୁ ବଦଳାଇ ଦିଆଯାଇଥିଲା।

ଭାରତୀୟ ସିନେମା ଇତିହାସରେ ସବୁଠାରୁ ପ୍ରଖ୍ୟାତ ଚଳଚ୍ଚିତ୍ର ବୋଲାଉଥିବା 'ସୋଲେ'ରେ ପୋଲିସ୍ ଅଫିସର ଠାକୁର ବଳଦେବ ସିଂ (ସଞ୍ଜୀବ କୁମାର)ଙ୍କ ସହ ଗବର ସିଂ (ଅମ୍‌ଜାଦ ଖାନ୍)ଙ୍କର ମୁହାଁମୁହିଁ ହେଉଥିବାର ଦେଖିବାକୁ ମିଳିଥିବା ବେଳେ ଶେଷରେ ପୋଲିସ ଦ୍ୱାରା ଗବରକୁ ଗିରଫ କରାଯିବାର ସିନ୍ ରଖାଯାଇଥିଲା।

ତେବେ ରିଲିଜ ହେବାକୁ ଥିବା ଚଳଚ୍ଚିତ୍ରର ମୂଳ କାହାଣୀ ଅନୁସାରେ ଠାକୁର ବଳଦେବ ସିଂ ଗବରକୁ ହତ୍ୟା କରୁଥିବାର ସିନେପ୍ରେମୀ ଦେଖିବାକୁ ପାଇବେ ଯାହାକି ସେମାନେ ପୁରୁଣା ସୋଲେରେ ଦେଖି ନଥିଲେ। ଏହି ପ୍ରଖ୍ୟାତ ଚଳଚ୍ଚିତ୍ର ମୁକ୍ତିଲାଭ କରିବାର ୫୦ ବର୍ଷ ପୂର୍ତୀ ଉପଲକ୍ଷେ ଏହାର ମୂଳ ସଂସ୍କରଣ ସହ ପୁଣି ଥରେ ସିନେମା ହଲ୍‌ରେ 'ସୋଲେ' ପ୍ରଦର୍ଶିତ ହେବ ବୋଲି ଅଖତର କହିଛନ୍ତି। ଅଖତରଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଅ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ତୃତୀୟ ସୋଆ ସାହିତ୍ୟ ଉତ୍ସବ ଅବସରରେ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ଟିକୁଙ୍କ ସହ ଆଲୋଚନା କରିବା ଅବସରରେ ଏହି ସୂଚନା ଦେଇଥିଲେ ଜାଭେଦ ଅଖତର।

ଭାରତୀୟ ଚଳଚ୍ଚିତ୍ରର ବିକାଶ ସମ୍ପର୍କିତ ପ୍ରଶ୍ନର ଉତର ଦେଇ ଅଖତର କହିଥିଲେ ଯେ ସିନେମା ହେଉଛି ସମାଜର ବ୍ୟାଧିର ଲକ୍ଷଣ। ମାତ୍ର ଏହା ବ୍ୟାଧି ନୁହେଁ। ସମୟ ଓ ସମାଜ ସହ ତାଳ ଦେଇ ସିନେମାର ବିଷୟବସ୍ତୁ ମଧ୍ୟ ବଦଳିଥାଏ ବୋଲି ସେ କହିଥିଲେ। ଦିଲୀପ କୁମାର ଅଭିନୀତ ୧୯୫୫ ମସିହାରେ ନିର୍ମିତ 'ଦେବଦାସ' ଚଳଚ୍ଚିତ୍ରର ଉଦାହରଣ ଦେଇ ସେ କହିଥିଲେ ଯେ ଆଜି ଆଉ 'ଦେବଦାସ' ପରି ଚଳଚ୍ଚିତ୍ର ପ୍ରସ୍ତୁତ ହେଲେ ଚାଲିବ ନାହିଁ।

# ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦଯାପିତ

**ଭୁବନେଶ୍ୱର,୪।୧୨ (ମହାଭାରତ):** ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ଏବଂ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ତିନି ଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପରେ ଉଦ୍ୟାପିତ ହୋଇଯାଇଛି। ଉଦଘାଟନୀ ସମାରୋହ ପରେ, ଭାରତ ସରକାରଙ୍କ ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ 'ନିରନ୍ତର ବିକାଶ ଲକ୍ଷ୍ୟ : ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ' ବିଷୟବସ୍ତୁ ଉପରେ ମୁଖ୍ୟବକ୍ତା ରୂପେ ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅଧିବେଶନରେ ବେଙ୍ଗାଲୁରୁର ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତୁଷାରକାନ୍ତି ବେହେରା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଦୀନବନ୍ଧୁ ସାହୁ, ଗ୍ରୀଡକୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ବେଲଜିୟମର କାଥୋଲିଏକେ ବିଶ୍ୱବିଦ୍ୟାଳୟର ପ୍ର.ୱାଲ୍ଟର ଲୁଏଟେନ୍; ଏବଂ ଭୁବନେଶ୍ୱର, ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ, ୧୭ଟି ଏସ୍ଡିଜିର ବିଭିନ୍ନ ଦିଗ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ପୂର୍ବତନ ଏନ୍‌ଆଟି ନିର୍ଦ୍ଦେଶକ ପ୍ର. ସୁନୀଲ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଅଧିବେଶନରେ ଆଲୋଚକ ରୂପେ ଡ. ଶୁଭ୍ରାଂଶୁ ଭୂଷଣ ରାୟ, ପ୍ର. ବିନୋଦ ଚନ୍ଦ୍ର ଚୌଧୁରୀ, ଡ. ନିଶିଥ କୁମାର ମହାନ୍ତି ଏବଂ ପ୍ର. ଗୋପାଳ ଚନ୍ଦ୍ର କୁଣ୍ଡୁ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ – ଆହ୍ୱାନ ଏବଂ ସମ୍ଭାବନା' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ କୁଳପତି ପ୍ର. ପ୍ରଦୀପ କୁମାର ଋନ୍ଦ 'ଏସ୍‌ଡ଼ିଜି: ବୈଶ୍ୱିକ ଆହ୍ୱାନର ସମାଧାନ ଦିଗରେ' ଶୀର୍ଷକ ଅନ୍ୟ ଏକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଏଡସ୍ ସଚେତନତା

**ଭୁବନେଶ୍ୱର,୪।୧୨ (ମହାଭାରତ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସୋମବାର ବିଶ୍ୱ ଏଡସ୍ ଦିବସ ପାଳନ କରିଥିବାବେଳେ ଯାତ୍ରୀ, କର୍ମଚାରୀ ଏବଂ ସାଧାରଣ ଲୋକଙ୍କୁ ଏଚଆଇଭି/ ଏଡସ୍ ପ୍ରତିରୋଧ ଏବଂ ପ୍ରତିକ୍ରିୟା ବିଷୟରେ ସଚେତନ କରିବା ପାଇଁ ସଚେତନତାମୂଳକ କାର୍ଯ୍ୟକଳାପ ଆୟୋଜନ କରିଥିଲା ଆଜି ସକାଳେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା ଯେଉଁଥିରେ ଏଚଆଇଭି/ ଏଡସ୍ ସମ୍ବନ୍ଧରେ ପ୍ରମୁଖ ବାର୍ତା ବହନ କରୁଥିବା ବ୍ୟାନର, ପୋଷ୍ଟର ଏବଂ ପ୍ଲାକାର୍ଡ ବ୍ୟବହାର କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସବିତା ସତପଥୀ ସକାଳେ ମଣ୍ଡଳ ରେଳ ହସ୍ପିଟାଲରୁ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।




ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସ୍ୱେଚ୍ଛାସେବୀମାନଙ୍କ ସମେତ ରେଳବାଇ ଚିକିତ୍ସା କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ଅନ୍ୟ ରେଳ କର୍ମଚାରୀମାନେ ଏହି ସଚେତନତା ରାଲିରେ ଅଂଶଗ୍ରହଣ କରିଥିଲେ ଯାହା ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନର ପ୍ଲାଟଫର୍ମ ଏବଂ ନିକଟବର୍ତୀ ରେଳବାଇ ଆବାସିକ କଲୋନୀ ସମେତ ଖୋର୍ଦ୍ଧା ରୋଡ୍ ର ପ୍ରମୁଖ ସାର୍ବଜନୀନ ଅଂଚଳଗୁଡ଼ିକୁ ପରିକ୍ରମା କରିଥିଲା। ଏହି ସଚେତନତା ରାଲି ବିଭିନ୍ନ ସାର୍ବଜନୀନ ଯୋଗଦାନ ସ୍ଥାନ ମାନଙ୍କରେ ସଚେତନତା କରାଇବା ପରେ ମଣ୍ଡଳ ରେଳବାଇ ହସ୍ପିଟାଲରେ ସଚେତନ କାର୍ଯ୍ୟକ୍ରମ ଶେଷ କରିଥିଲା।

# ୮ ଦଫା ଦାବିରେ ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ

**ଭୁବନେଶ୍ୱର,୪।୧୨ (ମହାଭାରତ):** ରାଜ୍ୟରେ ଡାକ୍ତର ଅଭାବରେ ଘାଣ୍ଟି ହେଉଛନ୍ତି ଲୋକେ। ବଡ଼ ମେଡିକାଲଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସବୁଆଡ଼େ ନାହାନ୍ତି ଡାକ୍ତର।



ଏପଟେ ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ। ଭୁବନେଶ୍ୱର, ବ୍ରହ୍ମପୁର ଓ ପୁରୀର ହୋମିଓପାଥି ଭେଷଜ କଲେଜ ଆଗରେ ଛାତ୍ରଛାତ୍ରୀ ଧାରଣାରେ ବସିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ହେଲା, ବାରମ୍ବାର ଦାବି ସତ୍ତ୍ୱେ ସରକାରଙ୍କ ସେମାନଙ୍କ ଦାବି ପ୍ରତି ଦୃଷ୍ଟି ହେଉନାହାନ୍ତି। ଦୁଇଦିନ ହେଲା କଲେଜ ଆଗରେ ଛାତ୍ରଛାତ୍ରୀ ଧାରଣା ଦେଇ ପ୍ରତିବାଦ କରୁଛନ୍ତି। ୮ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ। ନୂତନ ଆୟୁଷ ଡାକ୍ତର ପଦବୀ ସୃଷ୍ଟି, ଉଚ୍ଚଶିକ୍ଷା ନିମନ୍ତେ ଆସନ ବୃଦ୍ଧି, ଡାଇନାମିକ ଷ୍ଟାଇପେଣ୍ଡ ପ୍ରଦାନ ଆଦି ଦାବିରେ ସେମାନେ ଆନ୍ଦୋଳନରେ ବସିଛନ୍ତି। ବାରମ୍ବାର ଦାବି ପରେ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ କରିଛନ୍ତି। ରାଜ୍ୟରେ ୭ଟି ହୋମିଓପାଥି କଲେଜ ରହିଛି। କିନ୍ତୁ ଏସବୁ କଲେଜଗୁଡିକ ସବୁଦୃଷ୍ଟିରୁ ଅବହେଳିତ। ଯେଉଁ ଦଳ ସରକାରକୁ ଆସିଲେ ବି ସେମାନଙ୍କ ଦାବିକୁ ଦୃଷ୍ଟି ହେଉନାହାନ୍ତି। ଦାବି ପୂରଣ ନହେଲେ ଚରମ ନିଷ୍ପତ୍ତି ନେବାକୁ ଡାକ୍ତର ଚେତାବନୀ ଦେଇଛନ୍ତି।

# କୋଟକ ମ୍ୟୁଚୁଆଲ ଫଣ୍ଡ୍‌ର ଅଭିବୃଦ୍ଧି

**ମୁମ୍ବାଇ,୪।୧୨ (ମହାଭାରତ):** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (କେଏମ୍‌ଏଏମ୍‌ସି/ କୋଟକ ମ୍ୟୁଚୁଆଲ ଫଣ୍ଡ୍) ୨୦୨୬ ନିମନ୍ତେ ତାହାର ବଜାର ଦୃଷ୍ଟିକୋଣ ଉନ୍ମୋଚନ କରିଛି। ଏଥିରେ ଆସନ୍ତା ବର୍ଷ ଭାରତର ଆର୍ଥିକ ବଜାରକୁ ରୂପରେଖ ପ୍ରଦାନ କରିବା ଆଶା କରାଯାଉଥିବା ମାକ୍ରୋ ଇକୋନୋମିକ ପରିବେଶ ଏବଂ ମୁଖ୍ୟ ପୁଞ୍ଜିନିବେଶ ବିଷୟଗୁଡିକ ସମ୍ପର୍କରେ ପୂର୍ଣ୍ଣାଙ୍ଗ ମତାମତ ପ୍ରଦାନ କରାଯାଇଛି। ରିପୋର୍ଟରେ ସମସ୍ତ ଇକ୍ୱିଟି, ଫିକ୍ସଡ ଆୟ ଏବଂ ବିଷୟଗତ କ୍ଷେତ୍ରଗୁଡିକରେ ସୁଯୋଗଗୁଡିକ ସମ୍ପର୍କରେ ଉଲ୍ଲେଖ କରାଯିବା ସହିତ ପୁଞ୍ଜିନିବେଶକମାନେ ତୀକ୍ଷ୍ଣ ଦୃଷ୍ଟି ରଖିବା ଆବଶ୍ୟକ ଥିବା ବୈଶ୍ୱିକ ଏବଂ ଘରୋଇ ଧାରାଗୁଡିକ ସମ୍ପର୍କରେ ଆଲୋକପାତ କରାଯାଇଛି।

ନିଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କୋଟକ ମହିନ୍ଦ୍ରା ଏଏମ୍‌ସି କହିଥିଲେ, "ଆର୍ଥିକ ବର୍ଷ'୨୬ରେ ଇକ୍ୱିଟି ରିଟର୍ଣ୍ଣ ରୋଜଗାର ଅଭିବୃଦ୍ଧିରେ ନିବଦ୍ଧ ହେବା ସମ୍ଭାବନା ରହିଛି ଏବଂ ଭାରତ ଇନ୍‌କର୍ପୋରେଟେଡ ସଂସ୍ଥାଗୁଡିକ ଆର୍ଥିକ ବର୍ଷ'୨୭ରେ ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ପ୍ରଦାନ କରିବା ଆଶା କରାଯାଉଛି। ଏହି ସାମର୍ଥ୍ୟ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କୁ ଆକୃଷ୍ଟ କରିବା ସମ୍ଭାବନା ରହିଛି ଏବଂ ଏହା ମାର୍କେଟ ଲିକ୍ୱିଡିଟିକୁ ସମର୍ଥନ କରିବ। ଉଲ୍ଲେଖନୀୟ ପ୍ରଦର୍ଶନ ସ୍ତର ସଂକୀର୍ଣ୍ଣ ରହିଲେ ମଧ୍ୟ ମିଡ୍‌କ୍ୟାପଗୁଡିକ ଲାର୍ଜ ଓ ସ୍ମଲ୍‌କ୍ୟାପଗୁଡିକୁ ପଛରେ ପକାଇଦେବାକୁ ଯାଉଛନ୍ତି। ସୁନା ଓ ରୂପା ଊର୍ଦ୍ଧ୍ୱମୁଖୀ ରହିବ ଏବଂ କେନ୍ଦ୍ରୀୟ ବ୍ୟାଙ୍କର ନିରନ୍ତର କ୍ରୟ ଏହାକୁ ସହାୟତା କରିବ। ଏହି ପରିପ୍ରେକ୍ଷୀରେ ନିବେଶକମାନେ ସେମାନଙ୍କ ରିଟର୍ଣ୍ଣ ଆଶାକୁ ସୀମିତ କରିବା ଏବଂ ପରିବର୍ତ୍ତନଶୀଳ ବଜାର ଗତିଶୀଳତାରେ ଆଗକୁ ବଢିବା ନିମନ୍ତେ ସମସ୍ତ ଆସେଟ୍ ବର୍ଗ ପାଇଁ ଏକ ସନ୍ତୁଳିତ ଏବଂ ବିବିଧକୃତ ଆଭିମୁଖ୍ୟ ପୋଷଣ କରିବାକୁ ପରାମର୍ଶ ଦିଆଯାଉଛି।"

# କୋଟକ ମ୍ୟୁଚୁଆଲ ଫଣ୍ଡ୍‌ର ଗଠନମୂଳକ ଧାରା ଉପାର୍ଜନ ଅଭିବୃଦ୍ଧିକୁ ଆଗେଇନେବ

**ମୁମ୍ବାଇ,୪।୧୨ (ମହାଭାରତ):** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (କେଏମ୍‌ଏଏମ୍‌ସି/ କୋଟକ ମ୍ୟୁଚୁଆଲ ଫଣ୍ଡ୍) ୨୦୨୬ ନିମନ୍ତେ ତାହାର ବଜାର ଦୃଷ୍ଟିକୋଣ ଉନ୍ମୋଚନ କରିଛି। ଏଥିରେ ଆସନ୍ତା ବର୍ଷ ଭାରତର ଆର୍ଥିକ ବଜାରକୁ ରୂପରେଖ ପ୍ରଦାନ କରିବା ଆଶା କରାଯାଉଥିବା ମାକ୍ରୋ ଇକୋନୋମିକ ପରିବେଶ ଏବଂ ମୁଖ୍ୟ ପୁଞ୍ଜିନିବେଶ ବିଷୟଗୁଡିକ ସମ୍ପର୍କରେ ପୂର୍ଣ୍ଣାଙ୍ଗ ମତାମତ ପ୍ରଦାନ କରାଯାଇଛି। ରିପୋର୍ଟରେ ସମସ୍ତ ଇକ୍ୱିଟି, ଫିକ୍ସଡ ଆୟ ଏବଂ ବିଷୟଗତ କ୍ଷେତ୍ରଗୁଡିକରେ ସୁଯୋଗଗୁଡିକ ସମ୍ପର୍କରେ ଉଲ୍ଲେଖ କରାଯିବା ସହିତ ପୁଞ୍ଜିନିବେଶକମାନେ ତୀକ୍ଷ୍ଣ ଦୃଷ୍ଟି ରଖିବା ଆବଶ୍ୟକ ଥିବା ବୈଶ୍ୱିକ ଏବଂ ଘରୋଇ ଧାରାଗୁଡିକ ସମ୍ପର୍କରେ ଆଲୋକପାତ କରାଯାଇଛି। ନିଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କୋଟକ ମହିନ୍ଦ୍ରା ଏଏମ୍‌ସି କହିଥିଲେ, "ଆର୍ଥିକ ବର୍ଷ'୨୬ରେ ଇକ୍ୱିଟି ରିଟର୍ଣ୍ଣ ରୋଜଗାର ଅଭିବୃଦ୍ଧିରେ ନିବଦ୍ଧ ହେବା ସମ୍ଭାବନା ରହିଛି ଏବଂ ଭାରତ ଇନ୍‌କର୍ପୋରେଟେଡ ସଂସ୍ଥାଗୁଡିକ ଆର୍ଥିକ ବର୍ଷ'୨୭ରେ ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ପ୍ରଦାନ କରିବା ଆଶା କରାଯାଉଛି। ଏହି ସାମର୍ଥ୍ୟ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କୁ ଆକୃଷ୍ଟ କରିବା ସମ୍ଭାବନା ରହିଛି ଏବଂ ଏହା ମାର୍କେଟ ଲିକ୍ୱିଡିଟିକୁ ସମର୍ଥନ କରିବ। ଉଲ୍ଲେଖନୀୟ ପ୍ରଦର୍ଶନ ସ୍ତର ସଂକୀର୍ଣ୍ଣ ରହିଲେ ମଧ୍ୟ ମିଡ୍‌କ୍ୟାପଗୁଡିକ ଲାର୍ଜ ଓ ସ୍ମଲ୍‌କ୍ୟାପଗୁଡିକୁ ପଛରେ ପକାଇଦେବାକୁ ଯାଉଛନ୍ତି।

# ସାମସଙ୍ଗ ଭାରତରେ ଗାଲାକ୍ସି ଟାବ ଏ୧୧ର ଅନାବରଣ

**ଭୁବନେଶ୍ୱର,୪।୧୨ (ମହାଭାରତ):** ସାମସଙ୍ଗ, ଯାହାକି ଭାରତର ଏକ ବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହି ଗାଲାକ୍ସି ଟାବ ଏ୧୧ ଅନାବରଣ କରିଛି, ଏକ ଟାବଲେଟ ଯେଉଁଥିରେ ଏକାଠି ହୋଇ ରହିଛି ନିମଜ୍ଜିତକାରୀ ମନୋରଞ୍ଜନ, ସୁଗମ କାର୍ଯ୍ୟଦକ୍ଷତା ଏବଂ ବହୁବିଧତା ଯାହା ବୟସ ବର୍ଗର ଉପଭୋକ୍ତାଙ୍କ ପାଇଁ ଉଦ୍ଦିଷ୍ଟ। ୮.୭" ଡ଼ିସପ୍ଲେ ସହିତ ଗାଲାକ୍ସି ଟାବ ଏ୧୧ ଆସିଅଛି ଯାହାର ଅନ୍ୟାନ୍ୟ ବିଶେଷତ୍ୱ ମଧ୍ୟରେ ରହିଛି ଏକ ୯୦ଏଚ୍‌ଜେଡ଼ ସତେଜହାର, ଏକ ଅସମତୁଲ ଦୃଶ୍ୟମାନତାର ବିତରଣ ଏବଂ ଯେ କୌଣସି ଆଲୋକର ପରିସ୍ଥିତିରେ ଖୁବ୍ ସୁଗମ ଭାବରେ ସ୍କ୍ରୋଲିଙ୍ଗ ଅଭିଜ୍ଞତା – ଆପଣ ଏହାର ୱେବରେ ବ୍ରାଉଜିଙ୍ଗ କରୁଥାନ୍ତୁ କିମ୍ବା ଯେତେବେଳେ କି ଆପଣ ସାମାଜିକ ଗଣମାଧ୍ୟମକୁ ଦେଖୁଥାନ୍ତି କିମ୍ବା ଆପଣଙ୍କର ମନପସନ୍ଦର କାର୍ଯ୍ୟକ୍ରମକୁ ଉପଭୋଗ କରୁଥାନ୍ତି।

## ଅଭିବୃଦ୍ଧି ହାର ଉତ୍ସାହଜନକ

ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୭ ପ୍ରତିଶତ ଟପିଯାଇପାରେ। ଜିଏସଟି ଏବଂ ଅନ୍ୟାନ୍ୟ ସଂସ୍କାରମୂଳକ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇଛି। ଚଳିତ ବର୍ଷ ଖରିଫ ଫସଲ ଉତ୍ପାଦନ ରେକର୍ଡ କରିବ ବୋଲି ଆଶା କରାଯାଉଛି। ତେଣୁ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟରରେ ମଧ୍ୟ ଜିଡିପି ଆଶାଠାରୁ ଅଧିକ ରହିବ ବୋଲି ଆଶା। ଏହା ସହିତ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତିଙ୍କ ମଧ୍ୟରେ ଦ୍ରୁତତମ ଅର୍ଥନୀତିର ମାନ୍ୟତା ବଜାୟ ରଖିଛି। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୬.୫ରୁ ୭ ପ୍ରତିଶତ ମଧ୍ୟରେ ରହିପାରେ। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ଆରବିଆଇ ଆକଳନ ଅନୁଯାୟୀ ପୁରା ଆର୍ଥିକ ବର୍ଷରେ ଜିଡିପି ୭% ରହିବ। ଏହା ୬.୫ ପ୍ରତିଶତକୁ ହ୍ରାସ ପାଇଲେ ମଧ୍ୟ କିଛି ଖରାପ ନୁହେଁ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛନ୍ତି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ଋଷିଆ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ମଧ୍ୟ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି। କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ୍ୟ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଅନେକ ବିକଶିତ ଦେଶ ଯାହା କରିପାରିନାହାଁନ୍ତି ତାହାକୁ ଭାରତ କରି ଦେଖାଇଛି। କରୋନ ସମୟରେ ଦୁଇ ବର୍ଷ କାଳ ଗରିବ ଲୋକଙ୍କୁ ମାଗଣାରେ ରାସନ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦି ଅନେକ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି।

## ‘ଆଓଗେ ଯବ ତୁମ୍ ଓ ସାଜନା...’

॥ ଅନୁପମା ଭୂୟାଁ ॥

> “ ଭାରତୀୟ ଶାସ୍ତ୍ରୀୟ ସଂଗୀତର ଭୀଷ୍ମ ପିତାମହ କିମ୍ବଦନ୍ତୀ ପ୍ରଖ୍ୟାତ ପଣ୍ଡିତ ଭୀମସେନ ଯୋଶୀ ନିଜେ ମଧ୍ୟ ସ୍ୱୀକାର କରିଥିଲେ ଯେ ଉସ୍ତାଦ ରସିଦ ହେଉଛନ୍ତି ଭାରତୀୟ ଶାସ୍ତ୍ରୀୟ ସଂଗୀତର ଶ୍ରେଷ୍ଠ ଓ ନୂଆ ଉଜ୍ଜ୍ୱଳ ସମ୍ଭାବନା। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଠାରୁ ରାମପୁର ସାହାସ୍ୱାନ ତରନାର ଆଳପ, ନାଗବିନ୍ଦୁ ସବୁକିଛିକୁ ସେ ନିଜ ସଂଗୀତର ମୂର୍ଚ୍ଛନାରେ ଏପରି ତୋଳୁଥିଲେ ତାହା ଆକାଶରେ ଉଡୁଥିବା ମୁକ୍ତ ବିହଙ୍ଗମାନଙ୍କୁ ମଧ୍ୟ କିଛି କ୍ଷଣ ଅଟକାଇ ଦେଉଥିଲା।

ଜାନୁଆରୀ ୯ ମଙ୍ଗଳବାର ଥିଲା। ସେ ଦିନ ମୋ ପୁଅର ପରୀକ୍ଷା ଥିବାରୁ ମୁଁ ବହୁତ ବ୍ୟସ୍ତ ଥିଲି। ତେବେ ସ୍ୱାମୀଙ୍କ ବ୍ୟକ୍ତିଗତ ଗଣମାଧ୍ୟମ କାର୍ଯ୍ୟାଳୟର ବୁଲେଟିନ ମୋ ପାଇଁ ଅତ୍ୟନ୍ତ ବେଦନାଦାୟକ ଓ ଅପ୍ରତ୍ୟାଶିତ ଥିଲା। କାରଣ କେଜାଣି କାହିଁ ତା ପୂର୍ବ ଦିନ ହିନ୍ଦୀ ସିନେମା ‘ଯବ ୱିଇମେଟ୍’ର ଗୀତ ଗୁଡ଼ିକୁ ଗୁଣୁଗୁଣୁ ଥିଲି। ପ୍ରାୟ ଘରେ ସବୁବେଳେ ସଂଗୀତ ହିଁ ମୋ ଜୀବନ ହୋଇଥିବାରୁ କାମ କଲାବେଳେ ତାହା ମୋ ହୃଦୟ ଭିତରୁ ବାହାରିଗଲା ପରି ଲାଗେ। ତେବେ ସେ ଦିନର ଗଣମାଧ୍ୟମର ବୁଲେଟିନର କର୍କଶ ନାଦ ମୋ ଛାତିକୁ ରୁନ୍ଧି ଦେଇଥଲା। କାରଣ ଶାସ୍ତ୍ରୀୟ ସଂଗୀତର ସୁନାମଧନ୍ୟ ଗାୟକ ପଦ୍ମଭୂଷଣ ଉସ୍ତାଦ ରସିଦ୍ ଖାଁ ଆଉ ନାହାଁନ୍ତି। କିଛି ସମୟ ନିଜକୁ ଚୁପ ଚାପ କରିଦେଲି। ଅନେକ କେବଳ ଭାରତୀୟ ନୁହଁନ୍ତି ସଂଗୀତ ପ୍ରେମୀ ମଧ୍ଯ ତାଙ୍କୁ ଜାଣି ନଥିବେ। ଯେଉଁ ସମୟରେ ଭାରତୀୟ ଶାସ୍ତ୍ରୀୟ ସଂଗୀତ ସେପରି ଆଗକୁ ବଢ଼ିପାରୁ ନଥିଲା ମଞ୍ଚ ଗାୟକନକୁ ମଞ୍ଚ ତଳର ଶ୍ରୋତା ସେପରି ଭଲ ପାଉନଥିଲେ ସେ କିନ୍ତୁ ଥିଲେ ଉଦ୍ଦାମ ସଂଗୀତର ଏପରି ତରୁଣ ଯିଏ କି ଶାସ୍ତ୍ରୀୟ ସଂଗୀତକୁ ଶ୍ରୋତାମଣ୍ଡଳୀ ପାଖରେ ଭାବତଲ୍ଲୀନ କରି ସେମାନଙ୍କୁ ହଜାଇ ଦେବା ପାଇଁ ବାଧ୍ୟ କରୁଥିଲେ। ତାଙ୍କର ଆଓଗେ ଯବ ତୁମ୍ ଓ ସାଜନା, ଅଙ୍ଗନା ଫୁଲ ଖିଲେଙ୍ଗେ। ବରଷେଗା ସାୱନ, ବରଷେଗା ସାୱନ.... ଝୁମ୍ ଝୁମ୍‌କେ। ତାଙ୍କର ସବୁ ସଂଗୀତର ଯାଦୁ ଘଣ୍ଟା ଘଣ୍ଟା ଧରି ବେଫିକର ଶ୍ରୋତାକୁ ବି ଅଟକାଇ ଦେଉଥିଲା ମଞ୍ଚ ପାଖରେ।

ଉତ୍ତରପ୍ରଦେଶର ବଦାୟୁନ୍ ସନ୍ନିକଟ ସାହାସ୍ୱନ ଗାଁ ପାଖ ନଈକୂଳରେ ବିଦ୍ୟାଳୟର ଖେଳଛୁଟିରେ ଛୋଟିଆ କୁହୁଡ଼ା ନଦୀ କୂଳରେ ବସି ଯେଉଁ ପିଲାଟି ସଂଗୀତର ରିୱାଜ କରୁଥିଲେ ସେ ଯେ ଦିନେ ଭାରତର ପ୍ରତିଥଯଶା ଶାସ୍ତ୍ରୀୟ ସଂଗୀତର ଶୀର୍ଷ ମହାନାୟକ ହେବେ ତାହା କେହି କେବେ ଭାବି ନଥିଲେ। ସେ ଥରେ ଗଣମାଧ୍ୟମକୁ ତାଙ୍କ ସାକ୍ଷାତକାରରେ କହିଥିଲେ ଘଣ୍ଟା ଘଣ୍ଟା ନଈକୂଳରେ ବସି ରିୱାଜ ପାଇଁ ତାଙ୍କର ଅନେକ ଶ୍ରେଣୀ ପାଠପଢ଼ାକୁ ସେ ଏକ ପ୍ରକାର ଭୁଲି ଯାଉଥିଲେ। ତେବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାଙ୍କୁ ପୁରସ୍କାର ସ୍ୱରୂପ ହାତରେ କିଛି ବେତ୍ରାଘାତ କରୁଥିଲେ। ଦୁଇ ଆଖିରୁ ଅତ୍ୟନ୍ତ କଷ୍ଟକର ଲୁହ ଝରି ପଡୁଥିଲା, ପେଟର ଜ୍ୱାଳା ଝଟପଟ କରୁଥିଲା କିନ୍ତୁ ନଈକୂଳର ରିୱାଜ ତାଙ୍କ ସବୁକିଛିକୁ ଏକ ଯେପରି ଅମାପ ଦିବ୍ୟଶାନ୍ତି ଦେଉଥିଲା। ସେ ବିବିସିକୁ ଏକ ସାକ୍ଷାତକାର ଦେଲାବେଳେ ତାଙ୍କ ସଂଗୀତ ସାଧନାର ଏକ ଯନ୍ତ୍ରଣାଦାୟକ ମାର୍ମିକ ଅନୁଭୂତି ବଖାଣିଥିଲେ ସେ ସମୟର ବରଦା ମହାରାଜଙ୍କ ଦରବାରର ଖ୍ୟାତନାମା ଗାୟକ ନିଶାର ହୁସେନ ଖାଁଙ୍କ ପାଖକୁ ଯାଇଥିଲେ ଶାସ୍ତ୍ରୀୟ ସଂଗୀତର ଅ, ଆ.... ଶିଖିବାକୁ। ତେବେ ପ୍ରଥମ ସାକ୍ଷାତରେ ତାଙ୍କୁ ଏକ ଅପ୍ରତ୍ୟାଶିତ ଅନୁଭୂତି ମିଳିଥିଲା। କେଜାଣି କାହିଁକି ସମ୍ଭବତଃ ପୂର୍ବରୁ ବିରକ୍ତ ଥିବା ହୁସେନ ଖାଁ ମହୋଦୟ ସମସ୍ତଙ୍କ ସାମ୍ନାରେ ତାଙ୍କୁ ପ୍ରବଳ ପ୍ରହାର କରିଥିଲେ। ଆଇ କେହି ହୋଇଥିଲେ ହୁଏତ ସେ ସେହିଦିନ ହିଁ ତାଙ୍କ ରାଗ ଦରବାରର ଆଖଡ଼ାଶାଳ ଛାଡ଼ି ଦେଇଥାନ୍ତେ କିନ୍ତୁ ଶାସ୍ତ୍ରୀୟ ସଂଗୀତକୁ ନିଜ ଜୀବନ କରିବାକୁ ପଣ କରିଥିବା ସେହି କିଶୋର ଉସ୍ତାଦ ରସିଦ୍ ସବୁକିଛି ସହି ଯାଇଥିଲେ। ପରବର୍ତ୍ତୀ ସମୟରେ ସେ ଥିଲେ ନିଶାର ହୁସେନ ଖାଁଙ୍କ ସବୁଠାରୁ ପ୍ରିୟ ଶିଷ୍ୟ। ସ୍ୱର ସାଧନାରେ ମନପ୍ରାଣ ଢ଼ାଳି ଆସିଥିଲେ ରବୀନ୍ଦ୍ର ସଂଗୀତ ଶିଖିବା ପାଇଁ କୋଲକାତା।

ଭାରତୀୟ ଶାସ୍ତ୍ରୀୟ ସଂଗୀତର ଭୀଷ୍ମ ପିତାମହ କିମ୍ବଦନ୍ତୀ ପ୍ରଖ୍ୟାତ ପଣ୍ଡିତ ଭୀମସେନ ଯୋଶୀ ନିଜେ ମଧ୍ୟ ସ୍ୱୀକାର କରିଥିଲେ ଯେ ଉସ୍ତାଦ ରସିଦ ହେଉଛନ୍ତି ଭାରତୀୟ ଶାସ୍ତ୍ରୀୟ ସଂଗୀତର ଶ୍ରେଷ୍ଠ ଓ ନୂଆ ଉଜ୍ଜ୍ୱଳ ସମ୍ଭାବନା। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଠାରୁ ରାମପୁର ସାହାସ୍ୱାନ ତରନାର ଆଳପ, ନାଗବିନ୍ଦୁ ସବୁକିଛିକୁ ସେ ନିଜ ସଂଗୀତର ମୂର୍ଚ୍ଛନାରେ ଏପରି ତୋଳୁଥିଲେ ତାହା ଆକାଶରେ ଉଡୁଥିବା ମୁକ୍ତ ବିହଙ୍ଗମାନଙ୍କୁ ମଧ୍ୟ କିଛି କ୍ଷଣ ଅଟକାଇ ଦେଉଥିଲା। ସଂଗୀତ ପ୍ରତି ନିଷ୍ଠାପରତା ଏବଂ ସୌଜନ୍ୟତାର ସେ ଥିଲେ ଏପରି ଏକ ମୂର୍ତ୍ତିମନ୍ତ ଯାଦୁକର ତାହା ଅନେକ କେହି ଜାଣି ନଥିବେ। ପଦ୍ମଶ୍ରୀ ଉପାଧି ପାଇ ବିଶ୍ୱ ବିଖ୍ୟାତ ହୋଇସାରିଥିଲେ ମଧ୍ୟ ହିନ୍ଦୀ ସିନେମା ‘ଜବ ୱିଇ ମେଟ’ର ଗୀତ ‘ଆଓଗେ ଯବ ତୁମ ଓ ସାଜନା’ର ଗୀତଟି ଗାଇବାକୁ ଗଲାବେଳକୁ ନିର୍ଦ୍ଦେଶକ ଇମିତିଆଜ ଅଲ୍ଲୀଙ୍କୁ ଅତି ସରଳ ଭାଷାରେ କହିଥିଲେ ମୁଁ ସିନେ ଜଗତରେ ଗାଇବାକୁ ନୂଆ ଲୋକଟି। କିପରି ଗାଇବାକୁ ହେବ ଟିକେ ମୋତେ ବୁଝାଇ ବତାଇ ଦେବେ। ଇମତିଆଜ ଅଲ୍ଲୀ ନିର୍ବାକ ହୋଇ କିଛି କ୍ଷଣ ବାକରୁଦ୍ଧ ହୋଇଯାଇଥିଲେ। କାରଣ ସେ ଥିଲେ ଉସ୍ତାଦ ରସିଦ ଖାଁଙ୍କ ଶାସ୍ତ୍ରୀୟ ସଂଗୀତର ଜଣେ ବିମୁଗ୍ଧ ଶ୍ରୋତା। ମାତ୍ର ଏଗାର ବର୍ଷ ବୟସରେ ଉସ୍ତାଦ ରସିଦ ଖାଁ ମଞ୍ଚରେ ପ୍ରବେଶ କରିଥିଲେ। ସେ ନିଜେ ସ୍ୱୀକାର କରିଛନ୍ତି ସେତେବେଳେ ମୋତେ କିଛି କାମ କରି ଘର ଚଳାଇବାକୁ ପଡୁଥିଲା। ଘରର ଥଣ୍ଡା ଚୁଲି ଆଉ ମାଆର ଶୁଖିଲା ମୁହଁ ଆଗରେ ମୋ ପେଟର ଜ୍ୱାଳାକୁ ମୁଁ ଭୁଲି ଯାଉଥିଲି। ଉସ୍ତାଦ ରସିଦ ଖାଁଙ୍କ କୋଲକାତାର ରବୀନ୍ଦ୍ର ସଂଗୀତ ହେଉ ବା ଲଣ୍ଡନର କନସର୍ଟ, ଇରାନର ମଦିନା ହଲ୍ ହେଉ ବା ନ୍ୟୁୟର୍କର ବଡ଼ ମଞ୍ଚ ସବୁଠି ସେ ରାଗ ବାଗେଶ୍ରୀ ହେଉ କି ଦେଶ, ୟମନ କି କିରୱାଣି ରସିଦଙ୍କ କଣ୍ଠରେ ଯିଏ ବି ଶୁଣୁଥିଲା ମଞ୍ଚ ପାଖରେ ନିରବୀ ଯାଉଥିଲା। ପଞ୍ଚାବନ ବର୍ଷ କଣ ଏକ ବୟସ। ସେଇଥିରେ ହିଁ ସେ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ। କେଜାଣି କାହିଁ ଏହି ଅଶୁଭ ଜାନୁଆରୀ ୯ ତାରିଖ ମୋ ଛାତିରେ ଯେଉଁ ବେଦନା ସୃଷ୍ଟି କଲା ଭଲ ଭାବେ ଅନୁଭବ କରୁଛି କୋଟି କୋଟି ଶ୍ରୋତାଙ୍କ ଛାତି କିପରି ଚିରି ହୋଇଯାଉନଥିବ। ଏକ ଝାଞ୍ଜି ପିଟା କୁହୁଡ଼ି ଶୀତୁଆ ସକାଳୁ କ’ଣ ଏପରି ଏକ ଅସମୟରେ କିଏ ମଞ୍ଚ ଛାଡ଼ିପାରେ? ନାଁ ଆଶର ଭାଙ୍ଗିପାରେ!! ତଥାପି ଆଉ ସେ ଆଶରରେ ନାହାଁନ୍ତି। ଶାସ୍ତ୍ରୀୟ ସଂଗୀତର ଉଜ୍ଜ୍ୱଳ ସମ୍ଭାବନା ଉସ୍ତାଦ ରସିଦ ଖାଁ। ସେ ଜୀଇଁବେ ଆମ ପାଖରେ ସବୁଦିନ ପାଇଁ ତାଙ୍କ କଳାର ପ୍ରତିଟି ଝଙ୍କାର ଥିବା ଯାଏ ଏବଂ ଆମ ସମୟର ପବନ ବହୁଥିବା ଯାଏ ତାଙ୍କ କୀର୍ତ୍ତି ଯାଦୁ ସଂଗୀତର ମୂର୍ଚ୍ଛନା ଅବିରତ ଆମ କାନରେ ଆଉ ହୃଦୟରେ ତ ନିଶ୍ଚିନ୍ତ ପଡୁଥିବ। ତାଙ୍କୁ ମୋର ମଥାନତ ପ୍ରଣାମ।

‘ସାଇବିଥି’ ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ

## ବିଶ୍ୱତ୍ରାଣ ସତ୍ୟସାଇ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।

ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ ‘ମାନବ ସେବା ହିଁ ମାଧବ ସେବା’କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ’ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

ଅଲିଶା ବଜାର, କଟକ

ଦୂରଭାଷ : ୯୩୩୭୨୪୨୯୫୫

## ସମ୍ଭବାମି ଯୁଗେ ଯୁଗେ

॥ ବିଜୟଲକ୍ଷ୍ମୀ ଭୂୟାଁ ॥

ଶାସ୍ତ୍ରରେ କୁହାଯାଇଛି ‘ବର୍ଷାଣାମ୍ ଭାରତ ଶ୍ରେଷ୍ଠଃ’। ଅର୍ଥାତ୍ ଦେଶ ମାନଙ୍କ ଭିତରେ ଭାରତ ହେଉଛି ଶ୍ରେଷ୍ଠ ଭୂମି। ଯୁଗ ଯୁଗ ଧରି ଏହି ମାଟିରେ ଅବତୀର୍ଣ୍ଣ ହୋଇଛନ୍ତି ଅନେକ ଦେବ-ଦେବୀ, ସାଧୁ-ସନ୍ଥ, ମହାପୁରୁଷ। ସାରା ଦୁନିଆକୁ ଆଲୋକିତ କରିଛନ୍ତି ନିଜର ସାଧନା ଓ ଅଲୌକିକ ଜ୍ୟୋତି ମାଧ୍ୟମରେ। ଅବତାରୀ ପୁରୁଷ ଓ ଧର୍ମଗୁରୁମାନେ ଭାରତୀୟ ଜୀବନ ଦର୍ଶନକୁ ସରଳ ଓ ସୁଗମ ଉପାୟରେ ଲୋକମାନଙ୍କୁ ଶିକ୍ଷା ଦେଇଛନ୍ତି ଶାସ୍ତ୍ର ଓ ସମ୍ଭାଷଣ ମାଧ୍ୟମରେ। ଶ୍ରୀମଦ୍ ଭଗବତ ଗୀତାରେ କୁହାଯାଇଛି ଯେତେବେଳେ ପୃଥିବୀରେ ଧର୍ମର ଗ୍ଲାନି ହୁଏ ଓ ଅଧର୍ମ ବଳବତ୍ତର ହୁଏ ଦୁଷ୍ଟ ମାନଙ୍କୁ ବିନାଶ କରି ସାଧୁମାନଙ୍କୁ ପରିତ୍ରାଣ କରିବା ପାଇଁ ଭଗବାନ ପୃଥିବୀ ପୃଷ୍ଠରେ ଅବତରଣ କରନ୍ତି। ପୃଥିବୀର ଏହି ଘଡ଼ିସନ୍ଧି ସମୟରେ ଭଗବାନ ଶ୍ରୀ ସତ୍ୟସାଇ ବାବା ଆନ୍ଧ୍ରପ୍ରଦେଶର ଅନନ୍ତପୁରମ୍ ଜିଲ୍ଲା ପାହାଡ ପର୍ବତ ଘେରା ପୁଟ୍ଟାପର୍ତ୍ତି ନାମକ ଏକ କ୍ଷୁଦ୍ର ଗ୍ରାମରେ ଆବିର୍ଭୂତ ହୋଇଥିଲେ। ସେ ଦିନ ଥିଲା ୧୯୨୬ ମସିହା ନଭେମ୍ବର ମାସ ୨୩ ତାରିଖ, କାର୍ତ୍ତିକ ମାସ ସୋମବାର କୃଷ୍ଣପକ୍ଷ ତୃତୀୟା ତିଥି, ଆର୍ଦ୍ରା ନକ୍ଷତ୍ର ଓ ବର୍ଷଟି ଥିଲା ଅକ୍ଷୟ ସଂବତ୍ସର। ଯାହାର ଅର୍ଥ ସଦାପୂର୍ଣ୍ଣ। ଜେଜେମା ଲକ୍ଷାମ୍ମା ସତ୍ୟନାରାୟଣ ପୂଜା କରୁଥିବାବେଳେ ପିଲାଟି ଜନ୍ମ ହୋଇଥିବାରୁ ପିଲାଟିର ନାମକରଣ କରାଗଲା ଶ୍ରୀସତ୍ୟନାରାୟଣ ରାଜୁ। ସତ୍ୟ ଅଟେ ପରଂବ୍ରହ୍ମ ଓ ନାରାୟଣର ଅର୍ଥ ହେଉଛି ପାଳନ କର୍ତ୍ତା। ବାବା ଯେ ଆସିଥିଲେ ମନୁଷ୍ୟକୁ ସତ୍ୟର ମାର୍ଗ ଦେଖାଇବାକୁ ଓ ମନୁଷ୍ୟ ଭିତରେ ଥିବା ଦିବ୍ୟ ଚେତନାକୁ ଉନ୍ମିଳନ କରିବାକୁ ତାହା ଏହି ନାମ ପ୍ରତିପାଦନ କରେ। ପିଲାଦିନେ ସତ୍ୟ ଅନେକ ଅଲୌକିକ ଲୀଳା ପ୍ରଦର୍ଶନ କରୁଥିଲେ। ଗ୍ରାମବାସୀମାନେ ତାଙ୍କୁ ‘ବ୍ରହ୍ମଜ୍ଞାନୀ’ ବୋଲି ଡାକୁଥିଲେ। ଗ୍ରାମ ନିକଟରେ ଏକ ପାହାଡ଼ ଉପରେ ଥିବା ତେନ୍ତୁଳିଗଛରୁ ସେ ସାଙ୍ଗମାନଙ୍କୁ ଫଳ, ମଠାଇ ଇତ୍ୟାଦି ତୋଳି କରି ଦେଉଥିଲେ। ଅଦ୍ୟାବଧି ବିଦ୍ୟମାନ ସେହି ତେନ୍ତୁଳିଗଛକୁ ‘କଳ୍ପବୃକ୍ଷ’ ବୋଲି କୁହାଯାଏ।

୧୯୪୦ ମସିହା ଅକ୍ଟୋବର ମାସ ୨୦ ତାରିଖ ଦିନ ସତ୍ୟ ନିଜକୁ ଅବତାର ବୋଲି ଘୋଷଣା କଲେ ଓ ତାଙ୍କର ପ୍ରଥମ ଭଜନ ଶିକ୍ଷା ଦେଲେ ଯାହା ଆଜି ସମସ୍ତ ସାଇ ଭକ୍ତ ମାନଙ୍କ ମନରେ ପ୍ରତିଧ୍ୱନିତ ହେଉଛି; ‘ମାନସଭଜରେ ଗୁରୁଚରଣମ୍, ଦୁସ୍ତର ଭବସାଗର ତରଣମ୍।’ ଅର୍ଥାତ୍ ଆମେ ସମସ୍ତେ ଦୁସ୍ତର ଭବସାଗରରେ ପଡ଼ିଛେ। ତାହାକୁ ଅତିକ୍ରମ କରିବା ପାଇଁ ମନପ୍ରାଣ ଦେଇ ସଦଗୁରୁଙ୍କ ପଦାରବିନ୍ଦକୁ ସ୍ତୁତି କରିବା ଉଚିତ। ସେ ଆମକୁ ଜନ୍ମମୃତ୍ୟୁର ସାଗରକୁ ପାର କରାଇବେ। ଗୁରୁଗୀତାରେ ଉଲ୍ଲେଖ ଅଛି ଯେ ଗୁରୁହିଁ ସମସ୍ତ ସାଧନାର ମୂଳ। ଧ୍ୟାନମୂଳମ୍ ଗୁରୁ ମୂର୍ତ୍ତିମ୍, ପୂଜା ମୂଳମ୍ ଗୁରୁ ପଦମ୍, ମନ୍ତ୍ରମୂଳମ୍ ଗୁରୁ ବାକ୍ୟମ୍, ମୋକ୍ଷମୂଳମ୍ ଗୁରୁକୃପା’। ଏଥିରୁ ସ୍ପଷ୍ଟ ଜଣାପଡ଼େ ଗୁରୁ ସର୍ବଜ୍ଞାତା, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ଭଗବାନ ଶ୍ରୀସତ୍ୟସାଇ ହିଁ ସଦଗୁରୁ। ସେ ହିଁ ସତ୍ୟ, ସେ ଶିବ, ସେ ସୁନ୍ଦର। ୨୦୧୧ ମସିହା ଅପ୍ରେଲ ମାସ ୨୪ ତାରିଖରେ ସେ ଶରୀର ତ୍ୟାଗ କରିଥିଲେ। ସମଗ୍ର ଜୀବନ ମାନବ ସମାଜ କଲ୍ୟାଣ ପାଇଁ ସେ ଚିନ୍ତା କରୁଥିଲେ। ସେ ତାଙ୍କ ସମ୍ଭାଷଣ ମାଧ୍ୟମରେ ଆମ ମାନଙ୍କ ପାଇଁ ଅନେକ ଉପଦେଶ ଓ ବାର୍ତ୍ତା ଦେଇଯାଇଛନ୍ତି। ତାଙ୍କ ରଚିତ ଧର୍ମବାହିନୀ, ପ୍ରେମ ବାହିନୀ, ଧ୍ୟାନ ବାହିନୀ, ଜ୍ଞାନବାହିନୀ ଇତ୍ୟାଦି ଅନେକ ପୁସ୍ତକ ପ୍ରତ୍ୟେକ ଗୋଟିଏ ଲେଖାଏଁ ଅମୂଲ୍ୟ ଗ୍ରନ୍ଥ। ଭଗବାନ ବାବାଙ୍କର ମାନବ ସମାଜକୁ ଶ୍ରେଷ୍ଠ ଅବଦାନ ହେଉଛି ନିଷ୍କାମ ପ୍ରେମ ଓ ନିଃସ୍ୱାର୍ଥ ସେବା। ତାଙ୍କର ବାଣୀ ହେଉଛି ‘ସମସ୍ତଙ୍କୁ ଭଲ ପାଅ ଓ ସମସ୍ତଙ୍କ ସେବା କର’। କାରଣ ପ୍ରେମ ମନୁଷ୍ୟ ଭିତରେ ଏକତ୍ୱବୋଧ ସୃଷ୍ଟି କରେ ଓ ସେବା ବ୍ୟକ୍ତିର କର୍ମଫଳ ଖଣ୍ଡନ କରିବା ସହ ଅହଂକାରକୁ ବିନାଶ କରେ। ତାଙ୍କର ଆଉ ଏକ ବାର୍ତ୍ତା ‘ସାହାଯ୍ୟ କର ନିରନ୍ତର, କଦାପି ଅନିଷ୍ଟ ନକର।’ ଅର୍ଥାତ୍ କାହାଠାରୁ ସାମାନ୍ୟତମ ସାହାଯ୍ୟ ପାଇଲେ କୃତଜ୍ଞ ହୁଅ ଓ ନିଜେ ଯଦି କାହାକୁ ସାହାଯ୍ୟ କରିଛ ଭୁଲିଯାଅ। କିନ୍ତୁ କାହାରି ମନରେ ଆଘାତ ଦେଲାଭଳି କଥା କୁହନାହିଁ। ବାବା ଶିକ୍ଷା ଦିଅନ୍ତି ମାନବ ସେବା ହେଁ ମାଧବ ସେବା। ଶିବଜ୍ଞାନରେ ଜୀବସେବା ହିଁ ଭଗବାନଙ୍କ ଶ୍ରେଷ୍ଠ ପୂଜା। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ‘ବହୁ ରୂପେ ସମ୍ମୁଖେ ତୁମର, ଛାଡ଼ି କହିଁ ଖୋଜୁଛ ଈଶ୍ୱର? ଜୀବେ ପ୍ରେମ କରେ ଯେଉଁଜନ, ସେଇ ମାତ୍ର ସେବଇ ଈଶ୍ୱର।’ ଭଗବାନ ବାବା ଅବତାର ନେଇଥିଲେ ଧର୍ମ ସଂସ୍ଥାପନ କରିବାକୁ ଓ ସବୁ ଧର୍ମର ସମନ୍ୱୟ କରିବାକୁ। ସେ କହୁଥିଲେ ଧର୍ମ ପରିବର୍ତ୍ତନ କରିବାର ଆବଶ୍ୟକତା ନାହିଁ। ଏକ ହିଁ ଧର୍ମ ମାନବଧର୍ମକୁ ପାଳନ କଲେ ସେ କହୁଥିଲେ ସେ ଏ ଅବତାରରେ ଦୁଷ୍ଟ ସଂହାର ନ କରି ସଂଶୋଧନ ବା ସଂସ୍କାର କରିବା ତାଙ୍କର ଉଦ୍ଦେଶ୍ୟ। ଯାହା କେବଳ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ମାଧ୍ୟମରେ ସମ୍ଭବ। ଭଗବାନ ବାବା ସ୍ଥୁଳ ଶରୀରରେ ଆମ ମାନଙ୍କ ସହିତ ନାହାନ୍ତି। ମାତ୍ର ସୂକ୍ଷ୍ମ ଶରୀରରେ ସେ ଆମ ମାନଙ୍କୁ ଜଗି ରହିଛନ୍ତି। ତାଙ୍କର ପବିତ୍ର ଜନ୍ମତିଥିରେ ପ୍ରାର୍ଥନା କରୁଛି ତାଙ୍କର ପାଦପଦ୍ମରେ ଆଶ୍ରୟ ଦେଇ ଭକ୍ତମାନଙ୍କୁ ଭବସାଗରରୁ ଉଦ୍ଧାର କରନ୍ତୁ। ଆସନ୍ତୁ ଆମ୍ଭେମାନେ ସମସ୍ତେ ସାଇ ଚରଣରେ ନିଜକୁ ସମର୍ପଣ କରି ଜୀବନକୁ ସାର୍ଥକ କରିବା।

ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ, ଦୂରଭାଷ : ୯୮୬୧୩୫୫୬୨୮



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପାରାଦୀପ ତୈଳ ବିଶୋଧନାଗାର ରେ ମଧ୍ୟରାତ୍ର ୨-ସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ



ପାରାଦୀପ, (ମହାଭାରତ) : ଭାରତୀୟ ତୈଳ ନିଗମ ପାରାଦୀପ ତୈଳ ବିଶୋଧନାଗାରରେ ଗତ ଡିସେମ୍ବର ୩ ତାରିଖ ବୁଧବାର ମଧ୍ୟରାତ୍ର ସମୟରେ ଏକ ୨-ସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ କୌଶଳ ଆୟୋଜନ କରାଯାଇଥିଲା। ଯାହାର ଉଦ୍ଦେଶ୍ୟ ଥିଲା ବିଶୋଧନାଗାରରେ ଜରୁରୀକାଳୀନ ପ୍ରତିକ୍ରିୟାର ପ୍ରଭାବ ଏବଂ ପ୍ରସ୍ତୁତି ଯାଞ୍ଚ କରିବା। ଏହି ଅଭ୍ୟାସ ପାରାଦୀପ ତୈଳ ବିଶୋଧନାଗାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ସଂସ୍ଥା ଦ୍ୱାରା ଅନୁମୋଦିତ। ଏହି କାର୍ଯ୍ୟକ୍ରମରେ ବିଶୋଧନାଗାର ସମେତ ପାରିପାର୍ଶ୍ୱିକ ସହଯୋଗୀ ଶିଳ୍ପ ସଂସ୍ଥା ର ପ୍ରତିନିଧି ମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଏହି ଅଭ୍ୟାସ କୌଶଳରେ ଏଫସିସି-ଏଲପିଜି ୟୁନିଟ୍‌ରୁ ଗ୍ୟାସ କ୍ଷରଣ ବା ଲିକେଜ୍ ଓ ପ୍ରତିକ୍ରିୟା ଏବଂ ନିୟନ୍ତ୍ର ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉତ୍ତମ ଭାବରେ ସମନ୍ୱିତ ହୋଇଥିଲା ଏବଂ ସମସ୍ତ କର୍ତ୍ତୃପକ୍ଷ ଏହାକୁ ପ୍ରଶଂସା କରିଥିଲେ। ପାରାଦୀପ ବିଶୋଧନାଗାର ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ମୁଖ୍ୟ କୌସିକ ବାସୁ ଏହି ଅଭ୍ୟାସ ସଂକ୍ରାନ୍ତୀୟ ଅଧିବେଶନରେ ଅଧକ୍ଷତା କରିଥିଲେ।

## ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରୀ, ଦୁଇ ନାବାଳକ ସମେତ ୪ ଅଭିଯୁକ୍ତ ଧରା ପଡ଼ିଲେ

ଯୋଡ଼ା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଧରଣୀଧର ଛକ ଠାରେ ଥିବା ଏକ ମୋବାଇଲ ଦୋକାନ ରୁ ଭେଣ୍ଟିଲେଟର ଭାଙ୍ଗି ମୋବାଇଲ ଓ ଲାପଟପ୍ ଚୋରୀ କରି ନେଇଥିବା ଅଭିଯୁକ୍ତ ପୋଲିସ ହାତରେ ଧରା ପଡିଛନ୍ତି ।ପୋଲିସ ର ସୂଚନା ଅନୁଯାୟୀ, ଗତ ତା ୩୦/୧୧ /୨୦୧୫ ରିଖ ରାତ୍ରି ସମୟ ରେ ଦୁର୍ବୃତ୍ତ ମାନେ ଧରଣୀ ଧର ଛକ ନିକଟରେ ଥିବା ଅଭିନାସ ସାହୁ ଙ୍କ ଭେଣ୍ଟିଲେଟର ଭାଙ୍ଗି ଦୋକାନରୁ ପ୍ରାୟ ୨ ଲକ୍ଷ ଟଙ୍କା ର ମୋବାଇଲ୍,ଲାପଟପ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇ ଥିଲା ।ଅଭିଯୋଗ ପରେ ପୋଲିସ ଘଟଣାର ଅନୁସନ୍ଧାନ ଜାରୀ ରଖି ଥିଲା । ଧରା ପଡ଼ିଥିବା ଅଭିଯୁକ୍ତ ମାନେ ହେଲେ ଯୋଡା ପାତ୍ର ବସ୍ତି ର ସୁନିଲ ଗୋପ ଓ ହନୁମାନ ହଟିଂ ର ସାଗର ମୁଣ୍ଡା ।ଏମାନଙ୍କ ଠାରୁ ୧୫ ଟି ବିଭିନ୍ନ କମ୍ପାନୀ ର ମୋବାଇଲ ଫୋନ,ଗୋଟିଏ ଲାପଟପ୍,ଓ ଦୁଇଟି ହେଡ୍ ଫୋନ ପୋଲିସ ଜବତ କରିଛି । ଏ ନେଇ ଯୋଡା ଥାନାରେ କେସ ନଂ୩୬୭/୨୦୨୫ ଦଫା ୩୩୧(୪)/୩୦୫(ଏ) ବିଏନ୍ଏସ ରୁଜୁ କରି ଦୁଇ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରି ଥିବା ବେଳେ ଦୁଇ ନାବାଳକ ଙ୍କୁ କେନ୍ଦୁଝର କୁ ପଠାଇ ଥିବା ଯୋଡା ଆଇ ଆଇ ସି ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି ।

## ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା

ଯୋଡ଼ା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ପକ୍ଷରୁ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟକ ପ୍ରତିନିଧି ଭାବେ ପୂର୍ଣ୍ଣ ଚନ୍ଦ୍ର ନାଏକ,ସମ୍ମାନିତ ଅତିଥି ଭାବେ ଯୋଡା ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାଏକ,ଯୋଡା ବିଡ଼ିଓ ଡେନିସ ବେହେରା,ଯୋଡା ବିଇଓ କ୍ଷେତ୍ର ମୋହନ ହାସଦା,ଏବିଇଓ ବିରଞ୍ଚି ନାରାୟଣ ଶତପଥୀଙ୍କ ସମେତ ଯୋଡା ବ୍ଲକ୍ର ୧୯ ଟି ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟା/ସଭ୍ୟ ଉପସ୍ଥିତ ଥିଲେ । ବ୍ଲକ୍ ଅଧକ୍ଷ ନାଏକ ଦିବ୍ୟାଙ୍ଗ ମାନଙ୍କର ଖେଳ ପ୍ରତି ଥିବା ଉତ୍ସାହକୁ ଦେଖି ବିମୋହିତ ହେବା ସହିତ ଦିବ୍ୟାଙ୍ଗ ଅକ୍ଷମ ନୁହନ୍ତି,ସେମାନେ ସବୁ କ୍ଷେତ୍ରରେ ସକ୍ଷମ ବୋଲି କହିଥିଲେ। ଏଥିରେ ଯୋଡା ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨୫୦ ଜଣ ଦିବ୍ୟାଙ୍ଗ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ । ପ୍ରାୟ ୪୦ଟି ବିଭିନ୍ନ ବିଭାଗର ଖେଳର ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଦିବ୍ୟାଙ୍ଗ ଛାତ୍ରୀ ଛାତ୍ର ଦେବରାଜ ଘଣା,ଗୋପାଲ ମୁଣ୍ଡା,ବିଜୟ ମୁଣ୍ଡା, ମଙ୍ଗଲ ଲୋହାର,ରାମ ଟପ୍ପୋ,ଗଣେଶ ଚନ୍ଦ୍ର ନାଏକ,ଆଦିତି ମହାକୁଡ ପ୍ରମୁଖ କ୍ରୀଡା ପ୍ରତିଯୋଗିତାରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଯୋଡା ବ୍ଲକ୍ ମଙ୍ଗଳ ଅଧିକାରୀ ସ୍ୱରୂପ ରାଜ ବିଶୋଇ, କନିଷ୍ଠ ସହକାରୀ ସଚିନ କୁମାର ମହାନ୍ତ,ଅଜୟ ସାହୁ,ରଶ୍ମି ରଂଜନ ଦାସ ପ୍ରମୁଖ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ପାଳିତ

କପ୍ତିପଦା, (ମହାଭାରତ) : ବର୍ତ୍ତମାନ ମଣିଷ ମାନଙ୍କ ଅତ୍ୟାଚାର ଫଳରେ ଜଙ୍ଗଲର ଜୀବ ବନ୍ୟପ୍ରାଣୀଙ୍କ ବାସସ୍ଥାନ ଆସ୍ତେ ଆସ୍ତେ କମି କମି ଯାଉଛି ।ଜୈବ ବିବିଧତା ତଥା ଜୀବ ଓ ବନ୍ୟପ୍ରାଣୀ ସୁରକ୍ଷିତ ରହିଲେ ମଣିଷ ସୁରକ୍ଷିତ ରହିବେ । ବାୟୁ ପ୍ରଦୂଷଣ ରୋକିବା ପାଇଁ ଗଛହିଁ ଏକମାତ୍ର ପ୍ରାକୃତିକ ସାଧନୀ । ତେଣୁ ତାର ସୁରକ୍ଷା ପାଇଁ ପର୍ବପର୍ବାଣୀରେ ତଥା ଅନ୍ୟଦିନରେ ଶିକାର ନକରିବା , ଜଙ୍ଗଲରେ ନିଆଁ ନ ଲଗାଇବା, ପ୍ଲାଷ୍ଟିକ ବର୍ଜନ କରିବା, ଗଛ ଲଗାଇବା ଆଦି କାମ ଗୁଡିକ କରି ପାରିଲେ ବନ୍ୟଜନ୍ତୁ ସଂରକ୍ଷଣ ହୋଇପାରିବ । ଏହିଭଳି ଏକ ମତ ପ୍ରକାଶ ପାଇଛି କପ୍ତିପଦକ୍ଷ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ପାଳନର ଅତିଥିଙ୍କ ବକ୍ତବ୍ୟରୁ। ପ୍ରକୃତି ପ୍ରେମୀ ଶିକ୍ଷକ ସନ୍ତୋଷ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ କପ୍ତିପଦକ୍ଷ ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ , ମୁଖ୍ୟ ବକ୍ତା ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସିଂ, ସମ୍ମାନିତ ଅତିଥି ଭାବରେ କାଳ ଶମୀବୃକ୍ଷ ମାଛ କାନ୍ଦଣା ପ୍ରକୃତି ପର୍ଯଟନ ବଳୟର ସଭାପତି ସଞ୍ଜୟ ହାଁସଦା , ଯାଇକା ସଂଯୋଜକ ଅମିତ୍ କୁମାର ହେମ୍ବ୍ରମ , ସିଆରସିସି ଅଶୋକ କୁମାର ସେଠୀ ଉପସ୍ଥିତ ରହି ବନ୍ୟ ପ୍ରାଣୀ ସଂରକ୍ଷଣର ଉପକାରିତା ସମ୍ପର୍କରେ ଆଲୋଚନା ରଖିଥିଲେ । ଅତିଥି ପରିଚୟ ଧନ୍ୟବାଦ୍ ଅର୍ପଣ କରିଥିଲେ ଶିକ୍ଷକ ରାଜକିଶୋର ବେହେରା ।କାର୍ଯକ୍ରମ ରେ ୧୫୦ରୁ ଉର୍ଦ୍ଧ ଛାତ୍ର ଯୋଗ ଦେଇ ଥିଲେ । କାର୍ଯକ୍ରମ ପରିଚାଳନାରେ ଅନୁଷ୍ଠିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଂରାଇ ମୁର୍ମୁଙ୍କ ସମେତ ବସନ୍ତ କୁମାର ବେହେରା ସହଯୋଗ ପ୍ରଦାନ କରିଥିଲେ।

# ସରକାରୀ ସହାୟତା ପାଇବାରୁ ବଞ୍ଚିତ ୫ ଦିବ୍ୟାଙ୍ଗ

କପ୍ତିପଦା, (ମହାଭାରତ) : ଗରିବ, ଅସହାୟ ଓ ଭିନ୍ନକ୍ଷମମାନଙ୍କ ନିମନ୍ତେ ସରକାରଙ୍କ ମାଳମାଳ ଯୋଜନା । ମାତ୍ର ଏହି ସବୁ ଯୋଜନା କାହାପାଇଁ । ଯାହାକୁ ନେଇ ଉଠୁଛି ପ୍ରଶ୍ନ । ଗୋଟିଏ ପରିବାରର ୫ ସନ୍ତାନ ଭିନ୍ନକ୍ଷମ ! ମାତ୍ର ମିଳୁନାହିଁ ଭତ୍ତା କି ଅନ୍ୟାନ୍ୟ ସରକାରୀ ସୁବିଧା । ତେବେ ଏ ସମସ୍ତ ଯୋଜନା ଏବେ ପ୍ରହସନ ରେ ପରିଣତ ହୋଇଛି ଏହି ହିତାଧିକାରୀଙ୍କ ପାଇଁ । ଏଭଳି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ ଅଧିନ ଡ଼େଙ୍ଗାମ ଗ୍ରାମରେ । ଡେଙ୍ଗାମ ପଞ୍ଚାୟତ ବିପ୍ରଚରଣପୁର ଗ୍ରାମରେ ବସବାସ କରନ୍ତି ଲିଟା ମୁର୍ମୁ । ପରିବାର କହିଲେ ତାଙ୍କ ସ୍ତ୍ରୀ କାର୍ମୀ ଓ ଭିନ୍ନକ୍ଷମ ୫ ସନ୍ତାନ ବଡ଼ ଝିଅ ସମବାରି ,ପୁଅ ସମାୟ , ଠୁମ୍ପୁ , ଲାଲ ମୋହନ ଓ ସାନ ଝିଅ ପମା । ସଭିଏଁ ମାନସିକ ଅନଗ୍ରସର । ନା' ଠିକ୍ ସେ କଥା କହି ପାରୁଛନ୍ତି ନା' ଠିକ୍ ସେ ଚ଼ଲା ବୁଲା କରନ୍ତି ଓ ଏଥି ମଧ୍ୟରୁ ପୁଅ ଠୁମ୍ପୁ ଅସୁସ୍ଥତା କାରଣରୁ ୧୦ ମ ଶ୍ରେଣୀରୁ ପାଠ ପଢ଼ିବା ଛାଡ଼ି ଦେଇଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଉଭୟ ସ୍ୱାମୀ ସ୍ତ୍ରୀ ଏବେ ପରିଣତ ବୟସ ରେ ଉପନୀତ । ଏବଂ ପିଲା ମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ମଧ୍ୟ । ସମସ୍ତ ପିଲା ଭିନ୍ନକ୍ଷମ ହୋଇ ଥିବା ଯୋଗୁଁ ଏହା ଉଭୟଙ୍କ ପାଇଁ ଚିନ୍ତାର କାରଣ ସାଜିଛି । ମାଆ କାର୍ମୀ ପିଲାମାନଙ୍କ ସୁରକ୍ଷାକୁ ନେଇ ଘରେ ରହୁଥିବା ବେଳେ ବାପା ଲିଟା ହିଁ ଏକ



ମାତ୍ର ରୋଜଗାରୀଆ ବ୍ୟକ୍ତି ଅଟନ୍ତି ପରିବାରର । ଦିନ ମଜୁରିଆ ଭାବେ କାର୍ଯ୍ୟକରୁଥିବା ଲିଟାଙ୍କ ସମ୍ପତ୍ତି କହିଲେ ସେ ଓ ତାଙ୍କର ଭିନ୍ନକ୍ଷମ ପିଲାମାନଙ୍କୁ ନେଇ ରହୁଥିବା ଝାଟିମାଟିରେ ନିର୍ମିତ ଗୃହଟିଏ । ଆର୍ଥିକ ପରିସ୍ଥିତି ସୁଦୃଢ଼ ହୋଇ ନଥିବା ବେଳେ ୫ ଭିନ୍ନକ୍ଷମ ପିଲାଙ୍କ ଚିକିତ୍ସା କରାଇବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ କ୍ଷ ଏବଂ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ସେମାନଙ୍କୁ ନା, ମିଳିପାରିଛି ଭିନ୍ନକ୍ଷମର ପ୍ରମାଣ ପତ୍ର ନା' ସେମାନଙ୍କ ପାଇଁ ଥିବା ସରକାରୀ ସହାୟତା । ଏ ସବୁ ଏମାନଙ୍କ ପାଇଁ ସତେ ଯେ ପରି ସ୍ୱପ୍ନ ହୋଇରହିଛି । କିନ୍ତୁ , ସେମାନଙ୍କ ସୁସ୍ଥ ହେବାର ଆଶାବାନ୍ଧି ବସିଛନ୍ତି ଉଭୟ ସ୍ୱାମୀ , ସ୍ତ୍ରୀ । ଦିନ ମଜୁରିଆ ଭାବେ କାର୍ଯ୍ୟକରି ବାପା ଯାହା ଟଙ୍କା ରୋଜଗାର କରନ୍ତି ସେଥିରେ ୭ ପ୍ରାଣୀଙ୍କର ମୁହଁ କୁ ଦୁଇ ଓଳିର ଦାନା ଯୋଗାଡ଼ କରିବା କଷ୍ଟକର । ଏଇଭଳି ସ୍ଥିତିରେ ପିଲା ମାନଙ୍କ ଉଚ୍ଚତର ଚିକିତ୍ସା କରାଇବା ସମ୍ଭବପର ନୁହେଁ ବୋଲି ମାଆ କାର୍ମୀ ପ୍ରକାଶ କରିଛନ୍ତି ! ବୟସ ର ଅପରାହ୍ନରେ ପହଞ୍ଚି ଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ଖଣ୍ଡେ ପାଇବା ତାଙ୍କ ପାଇଁ ଦିବା ସ୍ୱପ୍ନ ସଦୃଶ୍ୟ । ସରକାରି ସହାୟତା କହିଲେ ପରିବାରକୁ ମୁଣ୍ଡପ୍ରତି ମିଳୁଥିବା ୫ କେଜି ଲେଖାଏଁ ମୋଟ ୩୫ କେଜି ଚାଉଳ ମାତ୍ର । ଏବଂ ନିଜସ୍ୱ ଜମିବାଡ଼ି ନଥିଲେ ସୁଦ୍ଧା ସରକାରଙ୍କ ଜଙ୍ଗଲ ଜମି ପଟା ଯୋଜନା ଏମାନଙ୍କ ନିକଟରେ ଅପହଞ୍ଚ ହୋଇ ପଡ଼ିଛି । ନାହିଁ ନାହିଁ ରେ ଜୀବନ ଅତିବାହିତ କରୁଥିବା ମଧ୍ୟ ଏହି ପରିବାର ପ୍ରତି ନା ଅଛି ଲୋକପ୍ରତିନିଧି ମାନଙ୍କ ନଜର ନା ସରକାରୀ ବାବୁ ମାନଙ୍କ ଶୁଭଦୃଷ୍ଟି । ଆମ ଭଳି ଲୋକଙ୍କ ପାଇଁ ଯୋଜନା ତ' ପ୍ରସ୍ତୁତ ହେଉଛି । ମାତ୍ର ଆମ ନିକଟକୁ ପହଞ୍ଚି ପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି ! ଏପରିକି ସରକାର ପରେ ସରକାର ବଦଳୁଛି, ସତ କିନ୍ତୁ ଆମ ଭାଗ୍ୟ ବଦଳି ପାରୁ ନାହିଁ ବୋଲି କୋହଭରା କଣ୍ଠରେ ପ୍ରକାଶ ଥିଲେ ମାଆ କାର୍ମୀ । ଭତ୍ତା ପାଇଁ ଗୁହାରୀ ପରେ ଗୁହାରୀ କରି ଆସୁଥିଲେ ମଧ୍ୟ ଅଦ୍ୟାବଧି ଫଳ ଶୂନ । ବୟସର ଅପରାହ୍ନରେ ଉପନିତ ଉଭୟ ସ୍ୱାମୀ ଓ ସ୍ତ୍ରୀ ଏବେ ଭିନ୍ନକ୍ଷମ ୫ ପିଲାଙ୍କ ଭବିଷ୍ୟତ କୁ ନେଇ ଅଧିକ ଭାଙ୍ଗି ପଡୁଛନ୍ତି । ତେବେ ସଠିକ୍ ସମୟ ଓ ଉପଯୁକ୍ତ ଚିକିତ୍ସା ଯୋଗାଇ ପାରିଲେ ୫ ପିଲା ଙ୍କ ସ୍ୱାସ୍ଥ୍ୟ ସୁଧୁରି ପାରନ୍ତା, ଯାହା ଆମ ଅନ୍ତେ ସେମାନଙ୍କ ବାକି ଜୀବନ ଶୁଖ ଶାନ୍ତି ରେ ଅତିବାହିତ କରି ପାରନ୍ତେ ବୋଲି ଭିନ୍ନକ୍ଷମ ପିଲା ମାନଙ୍କର ମାଆ ପ୍ରକାଶ କରିଛନ୍ତି । ଦୃଷ୍ଟି ଆଢୁଆଳରେ ଦୟନୀୟ ସ୍ଥିତିରେ କାଳାତିପାତ କରୁଥିବା ସଂପୃକ୍ତ ୫ ଭିନ୍ନକ୍ଷମ ପିଲା ଙ୍କ ଉପଯୁକ୍ତ ଚିକିତ୍ସା ସହ ପରିବାର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଥିବା ସରକାରୀ ସହାୟତା ପ୍ରଦାନ ଦିଗରେ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଅଛି । ଏପରି କ୍ଷେତ୍ରରେ ଘଟଣା ସଂପର୍କରେ ଖୁଣ୍ଟା ବ୍ଲକ ବିଏସ୍ ଏସଓ ଦୁର୍ଯୋଧନ ଦାସ ଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସଂପୃକ୍ତ ୫ ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଅଣାଯାଇ ସେମାନଙ୍କ ଆଧାର ରେ ମୋବାଇଲ ଲିଙ୍କ୍ କରାଯାଇଛି । ପଞ୍ଚାୟତ ପକ୍ଷରୁ ସେମାନଙ୍କ ବ୍ୟାଙ୍କ ଖାତା ଖୋଲାଯିବା ପ୍ରକ୍ରିୟା ଶେଷ ହୋଇଛି ଏବଂ ୨୮ ତାରିଖ ଭିନ୍ନକ୍ଷମ ଚିହ୍ନଟ ଶିବିରରେ ସଂପୃକ୍ତ ପିଲା ମାନଙ୍କୁ ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରୀୟା ଶେଷ କରାଯିବା ସହ ବସ ପାସ୍ ପ୍ରଦାନ କରାଯାଇଅଛି । ଏବଂ ଆଗାମୀ ୭ ଦିନ ମଧ୍ୟରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଯଥାଶିଘ୍ର ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ସୁଚନା ପ୍ରଦାନ କରିଛନ୍ତି ।

## ଚିଙ୍ଗୁଡ଼ି ଘେରି ଜାଳିଦେଲେ ଦୁର୍ବୃତ୍ତ

ଏରସମା, (ମହାଭାରତ) : ଏରସମା ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ଶାଳିଓ ଗ୍ରାମରେ ଥିବା ଏକ ଚିଙ୍ଗୁଡ଼ି ଘେରିକୁ କେହି ଦୁର୍ବୃତ୍ତ ବୁଧବାର ରାତିରେ ନିଆଁ ଲଗେଇ ଦେଇଥିବା ଏରସମା ଥାନାରେ ଅଭିଯୋଗ ହୋଇଛି । ଶାଳିଓ ଗ୍ରାମର ସୁଦର୍ଶନ ବସ୍ତିଆଙ୍କ ପତ୍ନୀ ମେନକା ବସ୍ତିଆଙ୍କର କେତେଗୁଡିଏ ଚିଙ୍ଗୁଡ଼ି ଘେରି ଶାଳିଓ ଗ୍ରାମରେ ଥିଲା । ଗତ ମାସରେ ମେନକାଙ୍କ ଚିଙ୍ଗୁଡ଼ି ଘେରିରୁ ମାଛ ଧରା ହୋଇଯାଇଥିଲା । ଚିଙ୍ଗୁଡ଼ି ଘେରିରେ ବ୍ୟବହାର ହେଉଥିବା ଜିନିଷ ପତ୍ରକୁ ସେଠାରେ ଥିବା ୪୫ ରେ ୩୦ ଫୁଟ ବିଶିଷ୍ଟ ଏକ ଲମ୍ବା ଚାଳଘରେ ରଖିଥିଲେ । ଗତ ବିଳମ୍ବିତ ରାତିରେ ହଠାତ ସେହି ଘେରି ଘର ଜଳିବାକୁ ଲାଗିଲା । ଶାଳିଓ ଗ୍ରାମବାସୀ ପାଣି ପକାଇ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ମାତ୍ର ନିଆଁ ଲିଭିବାକୁ ବହୁତ ବିଳମ୍ବ ହୋଇଯାଇଥିଲା । ଫଳରେ ଘେରି ଘରେ ଥିବା ଜିନିଷ ପତ୍ର ପୋଡି ପାଉଁଶ ହୋଇଯାଇଛି । ସେଗୁଡିକ ହେଲା ଏରିଏଟର ମେସିନ ୨୨ ଟି, ୫ଏଚପି ମଟର ୨୫ଟି,ଏରିଏଟର ଚକ୍ରୀ ୨୫୦ଟି,ପ୍ଲାଷ୍ଟିକ ଫ୍ଲୋଟର ୬୦ଟି, ପ୍ଲାଷ୍ଟିକ ଡ୍ରମ ୧୪ଟି, ଗ୍ୟାସ ୧ଟି, ସାଇକଲ ୨ଟି, ସହିତ ବିଭିନ୍ନ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଅଭିଯୋଗ ହେବା ପରେ ଥାନା ପକ୍ଷରୁ ସର୍ଜମିନ ତଦନ୍ତ କରାଯାଇଛି । ଏରସମା ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି, ମାତ୍ର ରିପୋର୍ଟ ଲେଖା ହେବା ବେଳକୁ କାହାରିକୁ ଗିରଫ କରାଯାଇନଥିବା ଥାନା ଅଧିକାରୀ ପ୍ରେମଜୀତ ଦାସଙ୍କ ଠାରୁ ସୂଚନା ମିଳିଛି ।

## ମା ବାସୁଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଦଯାପିତ

କରଞ୍ଜିଆ, (ମହାଭାରତ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ମା ବାସୁଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ ଡ.ଉପେନ୍ଦ୍ର ପ୍ରସାଦ ମହାନ୍ତି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ବିଷ୍ଣୁ ଚରଣ ବାରିକ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ କ୍ରିଡ଼ା ବିଷୟରେ ଓ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ପ୍ରଧାନ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ଉଦାହରଣ ମାନ ଦେଇ ତାଙ୍କ ବକ୍ତବ୍ୟ ପରାମର୍ଶ ଦେଇଥିଲେ । ଏହି ଉଦଯାପନୀ ସଭାରେ ଅଧ୍ୟାପକ ବସନ୍ତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । କଲେଜର ଖେଳ ଶିକ୍ଷକ କାନ୍ଦୁ ପାତ୍ର ସୁଚାରୁ ରୁପେ ଖେଳ ପରିଚାଳନା କରିଥିଲେ କ୍ଷ ୨୦୨୫ ମସିହା ର 'ଉ ମା ବିଦ୍ୟାଳୟ ' ର ଜଗନ୍ନାଥ ହେମ୍ବ୍ରମ ପୁରୁଷ ବିଭାଗ ରେ ଓ ସୁମିତ୍ରା ସଏ ମହିଳା ବିଭାଗ ରେ ଚମ୍ପିୟାନ ହୋଇଥିଲେ । ଏଥିରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ । ମହିଳା ଓ ପୁରୁଷ ବିଭାଗ ରେ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡ଼ିଆଁ, ସର୍ଟ ପୁଟ ଜାଭଲିନ୍, ଡିସ୍ କୋସ୍, ମିଉଜୀକ୍ ଚିୟାର ଏକକ ନୃତ୍ୟ, ଗ୍ରୁପ ଡାନ୍ସ, ବକ୍ତୃତା ତର୍କ, ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମ ଦିତୀୟ ଓ ତୃତୀୟ ସ୍ଥାନରେ ସମସ୍ତ ଛାତ୍ରଛାତ୍ରୀଙ୍କୁ କପ୍ ସହ ମାନପତ୍ର ଅତିଥି ମାନଙ୍କ ଦ୍ୱାରା ଦିଆଯାଇଥିଲା, ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୪୮ କୋଟିରେ ହେବ ୩.୨ କିଲୋମିଟର ବାଇପାସ୍

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସହରର ବହୁ ପ୍ରତୀକ୍ଷିତ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଯଥା ଶୀଘ୍ର ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ । ଗୋଟିଏ ସପ୍ତାହ ମଧ୍ୟରେ ଏନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ। କାହାର ମାଲିକାନାରୁ କେତେ ଜମି ସରକାର ଅଧିଗ୍ରହଣ କରିବେ ସେନେଇ ସର୍ବଶେଷ ତଥ୍ୟ ବିଜ୍ଞପ୍ତି ମାଧମରେ ସରକାର ଜଣାଇବେ । ସେଥିପାଇଁ ପୁର୍ବରୁ ସର୍ଭେ ସରିଥିବା ବେଳେ ଜମିର ଧାର୍ଯ୍ୟ ମୁଲ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ସକାଶେ ପୁର୍ବରୁ ଗଠିତ କମିଟି ଆଧାରରେ କାର୍ଯ୍ୟ ସମ୍ପନ୍ନ ହୋଇଛି । ବିଜ୍ଞପ୍ତି ଅନୁସାରେ ସଂସ୍ଥା ଜମି ଅଧିଗ୍ରହଣ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ । ଛଅ ମାସ ମଧ୍ୟରେ ଜମି ଅଧିଗ୍ରହଣ କାର୍ଯ୍ୟ ସାରିବାକୁ ଲକ୍ଷ ରଖାଯାଇଛି। ସୁଚନା ଅନୁସାରେ ପାଟିକଟା ଠାରୁ ରାଣୀପେଣ୍ଟ ରୋଡ ପର୍ଯ୍ୟନ୍ତ ୪.୨୭୭ କିଲୋମିଟର ରାସ୍ତା ପାଇଁ ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ୫ ଗୋଟି ମୌଜା ଓ ଗୁମ୍ମା ତହସିଲ ଅନ୍ତର୍ଗତ ଦୁଇଟି ମୌଜାର ୩୩. ୪୩୦ ଏକର ଘରୋଇ ଜମି ଅଧିଗ୍ରହଣ ହେବ ଏବଂ ୧୮ ଏକର ସରକାରୀ ଜମି ରହିଛି । କେବଳ ରାସ୍ତା ନିର୍ମାଣ ପାଇଁ ୪୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଜମି ଅଧିଗ୍ରହଣ ପରେ ଯଥାଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେବେ ସୋମବାର ଓଡିଶା ବିଧାନସଭାରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ଶୀତକାଳୀନ ଅଧିବେଶନରେ ପୁଣି ଥରେ ଏହି ଦାବି ଉଠାଇଥିଲେ। ସରକାରଙ୍କ ପକ୍ଷରୁ ଉତ୍ତରରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ, ଯାହା ଆସନ୍ତା ଛଅ ମାସ ମଧ୍ୟରେ ଶେଷ ହେବ। ଏହା ପରବର୍ତ୍ତୀ ଛଅ ମାସ ମଧ୍ୟରେ ବାଇପାସ୍ ରାସ୍ତା ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ବାଇପାସ୍ ରାସ୍ତା ନିର୍ମାଣ ହେଲେ ସହରର ଟ୍ରାଫିକ୍ ସମସ୍ୟା ଦୂର ହେବା ସହ ସହର ବିକାଶରେ ସହାୟକ ହେବ। ନିକଟରେ ଜିଲା ଗସ୍ତରେ ଆସିଥିବା ମନ୍ତ୍ରୀମାନଙ୍କୁ ମଧ୍ୟ ପାରଳାବାସୀ ଏହି ପ୍ରସଙ୍ଗରେ ଜଣାଇଥିଲେ। ବିଧାନସଭାରେ ବିଧାୟକ ପାଣିଗ୍ରାହୀଙ୍କ ବାରମ୍ବାର ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## କାଲିମେଳା ମାଲ୍ୟବନ୍ତ ମହୋତ୍ସବ



ମାଲକାନଗିରି, (ମହାଭାରତ) : କାଲିମେଳା ବ୍ଲକ୍ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଏବେ ସଫଳତାର ନୂଆ ରେକର୍ଡ ସୃଷ୍ଟି କରିଛି। ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡ଼ିଓ) ପ୍ରଦୀପ କୁମାର କରଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଟିମ୍ ?ଓ୍ୱାର୍କ ଯୋଗୁଁ ଏହି ତିନି ଦିନିଆ ଉତ୍ସବ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି। ଦ୍ୱିତୀୟ ଦିନରେ ପଚାଶ ହଜାରରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ଆଜି ବାବୁଶାନ୍ ମହାନ୍ତି ଓ କୁଲଦୀପ ପଟ୍ଟନାୟକଙ୍କ ଶୋ' ପାଇଁ ଭିଡ଼ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ଦ୍ୱିତୀୟ ସନ୍ଧ୍ୟାର ଆଉ ଏକ ସୁନ୍ଦର ଆକର୍ଷଣ ଥିଲା ସୁରକ୍ଷା ଦାୟିତ୍ୱରେ ଥିବା କାଲିମେଳା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ଏକ ମନଲୋଭା ସୋଲୋ ଗୀତ। ଖାକି ୟୁନିଫର୍ମ ପିନ୍ଧି ମଞ୍ଚକୁ ଆସି ଯେତେବେଳେ ଶ୍ରୀ ମେଲକା ମାଇକ୍ ଧରି ଗୀତ ଗାଇଲେ, ପୂରା ପଡ଼ିଆ ତାଳିରେ ତାଳି ମିଶି ଗଲା। ଦର୍ଶକଙ୍କ ଠାରୁ ବାରମ୍ବାର ବିଶେଷ ଅନୁରୋଧ ଆସିବାରୁ ସେ ଆଉ ଏକ ଗୀତ ଗାଇ ସମସ୍ତଙ୍କ ମନ ଜିଣି ନେଇଥିଲେ। ଲୋକେ କହୁଛନ୍ତି, ''ଥାନାଧିକାରୀ ହୋଇ ଏତେ ସୁନ୍ଦର ଗୀତ ଗାଇପାରନ୍ତି, ଏ ଦେଖି ବହୁତ ଭଲ ଲାଗିଲା। ପୋଲିସ୍ ଓ ଜନତାର ଦୂରତ୍ୱ ଏକ ଗୀତରେ କମିଗଲା।'' ଏହି ସଫଳତା ନେଇ ବିଡ଼ିଓ ପ୍ରଦୀପ କୁମାର କର ନମ୍ରତାର ସହ କହିଛନ୍ତି, ନ୍ତଏ ସଫଳତା ମୋର ଏକାକୀ ନୁହେଁ। ପଞ୍ଚାୟତ ସମିତିର ସମସ୍ତ ଅଧିକାରୀ-କର୍ମଚାରୀ, ବିଭାଗୀୟ ସହଯୋଗ, ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ – ଆପଣମାନଙ୍କ ଅକୁଣ୍ଠ ସ୍ନେହ ଓ ଆଶୀର୍ବାଦ ବିନା ଏହା ସମ୍ଭବ ହେଉନଥିଲା। ଏ ଶ୍ରେୟ କାଲିମେଳା ବ୍ଲକର ପ୍ରତିଜନ ବାସିନ୍ଦାଙ୍କର ଏବଂ ରାତିଦିନ ମୋ ସହ ପରିଶ୍ରମ କରିଥିବା ମୋ ସହକର୍ମୀମାନଙ୍କର। ଆପଣମାନଙ୍କ ଏହି ଭଲପାଇବା ରହିଲେ ଆଗକୁ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଆହୁରି ବଡ଼ ଭାବେ କରିଦେଖାଇବୁ।''

# ମଫସଲ ଗାଁ ରୁ ଓଡିଶା ଦଳର ଉପ ଅଧିନାୟକ

ଜୁନାଗଡ଼, (ମହାଭାରତ) : ପୂର୍ବରୁ ବଣମଲ୍ଲି ବଣରେ ହିଁ ମଉଳି ଯାଉଥିଲା । କିନ୍ତୁ ଏବେ ବଣମଲ୍ଲି ସାରା ଅଞ୍ଚଳରେ ମହକ ଭରୁଛି । ଆଜି ଆମେ ଏମିତି ଜଣେ ଯୁବକଙ୍କ କଥା କହିବା, ନାମ ତାଙ୍କ ସରୋଜକାନ୍ତ କୁମାର, ଘର କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଏକ ମଫସଲ ଗାଁ ହାବସପୁର ରେ ଜନ୍ମିତ । ଯିଏ କି ଜନ୍ମରୁ ଭିନ୍ନକ୍ଷମ କିନ୍ତୁ ଅକ୍ଷମ ଥାଇ ବି ସକ୍ଷ୍ୟମ ଅଟନ୍ତି। ବିନା ଗୁରୁରେ ,କାହାର ସାହାଯ୍ୟ ସହଯୋଗ ନ ନେଇ ନିଜର ଅଦିମ୍ୟ, ନିଷ୍ଠା ଓ ପ୍ରଚେଷ୍ଟା ବଳରେ ସୃଷ୍ଟି କରିପାରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ । ମଫସଲ ଗାଁରୁ ଓଡିଶା ହ୍ୱିଲଚେୟାର କ୍ରିକେଟ ଦଳର ଉପ ଅଧିନାୟକ ଓ ଜଣେ ସଫଳ ଅଲରାଉଣ୍ଡର ମଧ୍ୟ । ଜୁନାଗଡ଼ ବ୍ଲକ ଅନ୍ତର୍ଗତ ହାବସପୁର ଗ୍ରାମର ଅବସରପ୍ରାପ୍ତ ସୈନିକ ଜନ୍ମେଜୟ କୁମାରଙ୍କ ପୁଅ ସରୋଜକାନ୍ତ କୁମାର(୪୦) । ସରୋଜ କାନ୍ତ ଜନ୍ମ ରୁ ଭିନ୍ନକ୍ଷମ ଅଟନ୍ତି । ଏମବିଏ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । କ୍ରିକେଟ ଖେଳ ସରୋଜଙ୍କ ପାଇଁ ଅହେତୁକ ଦୁର୍ବଳତା । ଛୋଟ ବେଳୁ




ସମୟ ପାଇଲେ ଯେଉଁ ସହାରା ବାଡ଼ି ଧରିଛନ୍ତି ,ସେ ସାହାରା ବାଡ଼ିରେ କାହାକୁ ସାଙ୍ଗ କରି କ୍ରିକେଟ ଖେଳୁଥିଲେ । ଗତ ୨୦୨୪ ମସିହାରେ ରେ ସରୋଜ କାନ୍ତ ହ୍ୱିଲଚେୟାର କ୍ରିକେଟ ରେ କଳାହାଣ୍ଡି ଜିଲ୍ଲା ଟିମରୁ ଚୟନ ହୋଇ କନ୍ଧମାଳ ଜିଲ୍ଲା କୁ ଖେଳି ଯାଇଥିଲେ । ସେଠାରୁ ତାଙ୍କ ବ୍ୟାଟିଂ ଓ ବୋଲିଂ ର ପ୍ରରିଦର୍ଶିତା ଦେଖାଇଥିଲେ । ସେଠାରେ ଭଲ ପ୍ରଦର୍ଶନ କରିବା ପରେ କଳାହାଣ୍ଡି ଜିଲ୍ଲାର ଜଣେ ମାତ୍ର ଓଡ଼ିଶା ହ୍ୱିଲଚେୟାର କ୍ରିକେଟ ଟିମ ରେ ସ୍ଥାନ ପାଇଥିଲେ । ସେହିଦିନ ଠାରୁ ଏକବର୍ଷ ହେବ ସେ ଓଡିଶା ଦଳରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଆସୁଛନ୍ତି । ବର୍ତ୍ତମାନ ଓଡ଼ିଶା ଟିମର ସେ ସଫଳ ଅଲରାଉଣ୍ଡର ଥିବା ବେଳେ ଦଳର ଉପ ଅଧିନାୟକ ମଧ୍ୟ ଅଟନ୍ତି । ଟିମ ରେ ଉପନର ବ୍ୟାଟ୍ସମ୍ୟାନ ଓ ଅପନିଙ୍ଗ ବୋଲିଂ ମଧ୍ୟ କରିଥାନ୍ତି । ସରୋଜକାନ୍ତ କାର୍ଣ୍ଣାଟକ, ଛତିଶଗଡ଼, ଗୁଜରାଟ,ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶର, ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଓ ହରିଆଣା ବିପକ୍ଷରେ ମ୍ୟାଚ ଖେଳି ସାରିଲେଣି । ସେହିଭଳି ଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ଆଇଡବ୍ଲୁପିଏଲ( ଇଣ୍ଡିଆନ ହ୍ୱିଲଚେଆର ପ୍ରିମୀୟର ଲିଗ)ରେ ରାଜସ୍ଥାନ ଫ୍ରାଞ୍ଚାଇଜ ତରଫରୁ ଖେଳିଛନ୍ତି । କ୍ରିକେଟ ଛଡା ସେ ବଡିବିଲ୍ଡିଂଗ ମଧ୍ୟ କରନ୍ତି । ୨୦୧୫ ରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ଭିନ୍ନକ୍ଷମ ଉତ୍ତମ ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବା ବଡିବିଲ୍ଡିଂଗ ରେ ରୋପ୍ୟ ପଦକ ଜିତିଥିଲେ । ଆଗକୁ ସେ କିଭଳି ଭାରତରୁ ପ୍ରତିନିଧିତ୍ୱ କରିବେ ସେନେଇ ଆଶାବାଦୀ ଅଛନ୍ତି । କଳାହାଣ୍ଡି ଜିଲ୍ଲାରେ ଭିନ୍ନକ୍ଷମ ମାନଙ୍କ ପାଇଁ ସେଭଳି କୌଣସି ସୁବିଧା ସୁଯୋଗ ନାହିଁ । ହ୍ୱିଲଚେୟାର କ୍ରିକେଟ ଖେଳାଳି ମାନଙ୍କ ପ୍ରାକ୍ଟିସ ପାଇଁ ଫିଲଡ଼ ନାହିଁ, କୋଚ୍ ନାହିଁ କିମ୍ବା ଖେଳ ସାମଗ୍ରୀ ନାହିଁ । ତେଣୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ହ୍ୱିଲ ଚେୟାର କ୍ରିକେଟ ଖେଳାଳି ମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଲେ ଆହରି ଅନେକ ଖେଳାଳି ଜିଲ୍ଲା, ରାଜ୍ୟ ତଥା ଦେଶ ବିଦେଶରେ ନିଜର ପାରଦର୍ଶିତା ଦେଖାଇ ପରିବେ ବୋଲି ସରୋଜକାନ୍ତ କହିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ରଣପୁର ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ମେଳା ଉତ୍ସବ ଅନୁଷ୍ଠିତ



ରଣପୁର, ( ମହାଭାରତ ) : ରଣପୁର ବ୍ଲକ ମଝିଆଖଣ୍ଡ ଉଚ୍ଚ ବିଦ୍ୟାଳୟରେ ବୁଧବାର ଦିନ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ମେଳା ଉତ୍ସାହପୂର୍ଣ୍ଣ ପରିବେଶରେ ଆୟୋଜିତ ସହ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ରଣପୁର ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା, ମୁଖ୍ୟ ବକ୍ତା ଭାବେ ରଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ତଥା ଆଇନଜୀବୀ ପ୍ରିୟବ୍ରତ ପ୍ରହରାଜ, ରଘୁନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ସରପ□ ମଧୁମିତା ତରାଇ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ରସାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଅୟମାରମ୍ଭ ଅତିଥି ମାନଙ୍କ ଦ୍ୱାରା ପରମ୍ପରା ଗତ ଭାବେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କରାଯାଇଥିଲା। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ଶ୍ରୀ ନାୟକ କହିଥିଲେ, ଏପରି ମେଳା ଛୋଟ ଦିନରୁ ବୈଜ୍ଞାନିକ ଚେତନା ଓ ନବ ଚିନ୍ତନ ଶକ୍ତିକୁ ଉ□ଜିତ କରେ, ଯାହା ଭବିଷ୍ୟତରେ ଦେଶ ଗଠନରେ ଦୈନିକ ଭୂମିକା ନେବ। ମୁଖ୍ୟ ଅତିଥି ଶ୍ରୀମତୀ ବେହେରା କହିଥିଲେ, ଏହି ବିଜ୍ଞାନ ମେଳା ପିଲାଙ୍କୁ ନୂତନ ଅନୁସନ୍ଧାନ ପାଇଁ ପ୍ରେରଣା ଯୋଗାଇ ଥାଏ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଅଧିକ ଶ୍ରେଷ୍ଠ ପ୍ରକଳ୍ପ ସହ ମୋଟ ୭୦୦ ଶିକ୍ଷାର୍ଥୀ ଓ ୨୫୦ଜଣ ଗାଇଡ୍ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ୨୪୩ ଟି ପ୍ରକଳ୍ପ ଆସିଥିଲାୟ ଏହି ପ୍ରକଳ୍ପ ଗୁଡିକ ମଧ୍ୟରୁ ବାଲ ବୈଜ୍ଞାନିକ ପ୍ରକଳ୍ପରୁ ଶ୍ରେଷ୍ଠ ୭ ଟି ପ୍ରକଳ୍ପ, ପରିବେଶ ଭିତ୍ତିକ ଶ୍ରେଷ୍ଠ ୭ ଟି ପ୍ରକଳ୍ପ ଓ ଉପ କନିଷ୍ଠ ବିଭାଗରେ ଶ୍ରେଷ୍ଠ ୩ ଟି ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା ଜଣାପଡିଛି। ମେଳାରେ ପ୍ରାକୃତିକ ସମସ୍ୟାର ସାଇନ୍ଟିଫିକ୍ ସମାଧାନ, ନବୀନ ଆବିଷ୍କାର, ପରିବେଶ ସୁରକ୍ଷା, ନବୀକରଣ ଯୋଗ୍ୟ ଶକ୍ତି, ମଡେଲ ନିର୍ମାଣ, ସ୍ମାର୍ଟ ଟେକ୍ନୋଲୋଜି ସହ ଅନେକ ଆକର୍ଷଣୀୟ ମଡେଲ ପ୍ରଦର୍ଶନୀ କରାଯାଇଥିଲା। ଶିକ୍ଷକ, ଅଭିଭାବକ ଓ ଅନ୍ୟାନ୍ୟ ଉତ୍ସୁକ ପରିଦର୍ଶକ ମାନେ ପିଲା ମାନଙ୍କ ଜ୍ଞାନ ଓ ନୂତନ ଚିନ୍ତାଧାରାକୁ ଅଭିନନ୍ଦନ ଜଣାଇଛନ୍ତି। ଅପରାହ୍ନରେ ଆୟୋଜିତ ଉଦଯାପନୀ ସଭାରେ ଅତିଥି ଭାବେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷକ ପ୍ରତିଷ୍ଠାନର ଅଧକ୍ଷ ବିଜୟ କୁମାର ତ୍ରିପାଠୀ, ବାଚସ୍ପତିଙ୍କ ପ୍ରତନିଧି ତଥା ଯୁବ ସମାଜସେବୀ ଅଭିଷେକ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରେଇ, ସହକାରୀ ବ୍ଲକ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀ ଦେଇ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପିଲାଙ୍କୁ ଉତ୍ସାହିତ ତଥା ଆଗକୁ ବଢିବା ପାଇଁ ଅଭିଭାଷଣ ମାଧ୍ୟମରେ ବହୁ ପ୍ରେରଣା ଦେଇଥିଲେ। ପରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରକଳ୍ପ ଗୁଡ଼ିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମେଳାର ସଫଳ ଆୟୋଜନ ପାଇଁ ଶିକ୍ଷା ବିଭାଗ, ଶିକ୍ଷକ ମଣ୍ଡଳୀ ଓ ସ୍ଥାନୀୟ ପ୍ରଶାସନ ପ୍ରଶଂସା ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ସମସ୍ତ ସାଧନ କେନ୍ଦ୍ର ସଂଯୋଜକ, ବିଭିନ୍ନ ଶିକ୍ଷକ ସଂଗଠନ, ବିଦ୍ୟାଳୟ ପରିଚାଳନା କମିଟି, ଅଞ୍ଚଳବାସୀ ଓ ଶିକ୍ଷକ ଶିକ୍ଷୟତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ପ୍ରୀୟଦିନି ଫାଉଣ୍ଡେସନ ଦ୍ୱାରା ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ




ନୟାଗଡ଼, ( ମହାଭାରତ ) : ଡିସେମ୍ବର ୩ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଓ ପ୍ରୀୟଦିନୀ ରେହାବ କେୟାର ର ୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରୀୟଦିନି ଫାଉଣ୍ଡେସନ ନୟାଗଡ଼ ଦ୍ୱାରା ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସର୍ବ ପ୍ରଥମେ ସ୍ୱତନ୍ତ୍ର ଶିଶୁ ମାନଙ୍କ ମଧ୍ୟରେ ଖେଳକୁଦ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ସର୍ବେଶ୍ୱର ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଅଞ୍ଚଳର ଜଣାଶୁଣା ସମାଜସେବୀ ଭାଗିରଥି ବାଇ ଏବଂ ଜିଲ୍ଲା ରକ୍ତ ଭଣ୍ଡାରର କାଉନସିଲର ଶ୍ରୀଯୁକ୍ତ ଅଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଗଲା। ଶ୍ରୀଯୁକ୍ତ ପାଣିଗ୍ରାହୀ ତାଙ୍କ ଅଭଭାଷଣରେ ଭିଉକ୍ଷମ ମାନଙ୍କ ପାଇଁ ଥିବା ସରକାରୀ ଯୋଜନା ବିଷୟରେ ଆଲୋକପାତ କଲେ।ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର ପ୍ରିତମ ମହାପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ ଏବଂ ସଂସ୍ଥାର ଉପାଧକ୍ଷ ଡକ୍ଟର କମଳାକାନ୍ତ ରାଉତରାୟ ମଞ୍ଚ ପରିଚାଳନା କରିଥିଲେ।

## ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଅକାଳ ବିୟୋଗ

କାକଟପୁର(ମହାଭାରତ):-କାକଟପୁର ଥାନା ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ଓସ୍ତପୁର ଗ୍ରାମ ରାଜ କିଶୋର ସେନାପତି ଙ୍କର ୮୨ ବର୍ଷ ବୟସ ରେ ଭୁବନେଶ୍ୱର ସ୍ଥିତ ବାସ ଭବନ ରେ ଅକାଳ ବିୟୋଗ ଘଟିଛି। ସେ ଜଣେ ଦକ୍ଷ ସରକାରୀ ଅଧିକାରୀ ଭାବେ ବେଶ ଜଣାଶୁଣା ଥିବା ସହ ଲୋକ ପ୍ରିୟ, ଧାର୍ମିକ, ସମାଜ କଲ୍ୟାଣ କାରୀ ବ୍ୟକ୍ତି ହିସାବରେ ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ବେଶ ଚର୍ଚ୍ଚିତ ବ୍ୟକ୍ତି ଥିଲେ, ଗ୍ରାମାଞ୍ଚଳ ରେ ଅସହାୟ ଙ୍କୁ ସାହାଯ୍ୟ, ଗ୍ରାମାଞ୍ଚଳ ଜନ୍ମସ୍ଥାନ ମାଟି ର ବିକାଶ ଓ ଧାର୍ମିକ କାର୍ଯ୍ୟକ୍ରମ ରେ ନିଜକୁ ଅନେକ ସମୟ ରେ ନିୟୋଜିତ କରିଥିଲେ,ଓଡିଶା ପ୍ରଶାସନିକ ସେବା ର ଜଣେ ଦକ୍ଷ ଅଧିକାରୀ ଭାବେ ପୁରୀ ଜିଲ୍ଲା ସେଣ୍ଟଲମେଣ୍ଟ□ ଅଧିକାରୀ ଭାବେ ଦାୟିତ୍ୱ ନେଇ ଅବସର ଗ୍ରହଣ କରିଥିଲେ, ଭୁବନେଶ୍ୱର ରେ ତାଙ୍କ ଦ୍ୱିତୀୟ ପୁତ୍ର ବରିଷ୍ଠ ଆଇନଜୀବୀ ଶୁଭ୍ରାଂଶୁ ଶେଖର ସେନାପତି ଉପସ୍ଥିତ ଥିବା ବେଳେ ଭୁବନେଶ୍ୱର ବାର ଆସୋସିଏସନ ର ଅନେକ ଆଇନଜୀବୀ ପୁଷ୍ପ ଗୁଚ୍ଛ ଦେବା ସହ ଶେଷ ଦର୍ଶନ କରିଥିଲେ, ପରେ ମର ଶରୀର କୁ ଅସ୍ତରଙ୍ଗ ସ୍ଥିତ ବାସ ଭବନ କୁ ଅଣା ଯାଇଥିଲା, ଶୋଭାଯାତ୍ରା ରେ ଗ୍ରାମା□ଳ ଲୋକ ସାମିଲ ହେବା ସହ ସମସ୍ତେ ଶେଷ ଦର୍ଶନ କରିଥିଲେ।

### ଦଶପଲ୍ଲାରେ ଘରୋଇ କୋଚିଙ୍ଗ ସେଣ୍ଟରରେ ରାଗିଙ୍ଗ୍

## ଦଶମ ଶ୍ରେଣୀ ଛାତ୍ରଙ୍କ ମାଡ଼ରେ ଅଷ୍ଟମ ଶ୍ରେଣୀ ଛାତ୍ର ଲହୁ ଲୁହାଣ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଦଶପଲ୍ଲାରେ ଘରୋଇ କୋଚିଙ୍ଗ ସେଣ୍ଟରରେ ରାଗିଙ୍ଗ୍। ଦଶପଲ୍ଲା ଅଞ୍ଚଳର ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରଙ୍କୁ ତିନି ଜଣ ଦଶମ ଶ୍ରେଣୀର ଛାତ୍ର ମାଡ ମାରୁଛନ୍ତି। ମାଡ ଖାଉଥିବା ଛାତ୍ର ଜଣଙ୍କ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳର ବୋଲି ଜଣା ପଡିଛି। ଏହି ଘଟଣା ଘଟିଛି ଦଶପଲ୍ଲା ମହାବୀର କୋଚିଙ୍ଗ ସେଣ୍ଟର ହଷ୍ଟେଲରେ। ଅଭିଯୋଗ ଅନୁଯାୟୀ ଘଟଣାଟି ତିନି ମାସ ତଳେ ହୋଇଥିବା ବେଳେ ଏବେ ଏହାର ଭିଡିଓ ଭାଇରାଲ୍ ହୋଇଛି। ଏହି ଘଟଣାରେ ଦଶପଲ୍ଲା ପୋଲିସ ଛାତ୍ରଙ୍କୁ ମାଡ ମାରିଥିବା ତିନି ଜଣ ଛାତ୍ର ଙ୍କ ସହ କୋଚିଙ୍ଗ୍ ସେଣ୍ଟର ମାଲିକ ରଶ୍ମି ରଞ୍ଜନ ପଟ୍ଟନାୟକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଯଦିଓ ମାଡ଼ ଖାଇଥିବା ଛାତ୍ର କିମ୍ବା ତାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ଦଶପଲ୍ଲା ଥାନା ରେ ହୋଇନାହିଁ। ତେବେ ଦଶପଲ୍ଲା ପୋଲିସ ଏହି ଘଟଣାର ସତ୍ୟାସତ୍ୟ ଏବଂ କାରଣ ଜାଣିବା ପାଇଁ ମାଡ ଖାଇଥିବା ଛାତ୍ର ଏବଂ ପରିବାର ଲୋକଙ୍କୁ ଥାନାକୁ ଡାକିଥିବା ସୂଚନା ରହିଛି। ଗତ ତିନି ତାରିଖ ଦିନ ଦଶପଲ୍ଲା ପ୍ରତିଷ୍ଠିତ ଘରୋଇ ଶିକ୍ଷା ଅନୁଷ୍ଠାନ ରେ ଅଭାବନୀୟ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ଲୋକ ଲୋଚନକୁ ଆସିଥିଲା। ଦଶମ ଶ୍ରେଣୀ ଛାତ୍ରଙ୍କ ମାଡ଼ରେ ଅଷ୍ଟମ ଶ୍ରେଣୀ ଛାତ୍ର ଲହୁ ଲୁହାଣ। ଏ ଭଳି ଏକ ଦୁଃଖଦ ଘଟଣା ଦଶପଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦଶପଲ୍ଲା ବାରପୁରକିଆରେ ଥିବା ମହାବୀର ବିଦ୍ୟାମନ୍ଦିର ତିନି ଜଣ ଦଶମ ଶ୍ରେଣୀ ଛାତ୍ର ସେହି ବିଦ୍ୟାମନ୍ଦିର ଅଷ୍ଟମ ଶ୍ରେଣୀ ଛାତ୍ର କୁ ନିସ୍ତୁକ ମାଡ ମାରିବା ସହିତ ଅକଥନୀୟ ନିର୍ଯାତନା ଦେଇଛନ୍ତି। କାରଣ ବୁଝି ପଚାରିବାରୁ ରଶ୍ମିରଞ୍ଜନ ବୋଲି ଦଶମ ଶ୍ରେଣୀର ଛାତ୍ର ଅଷ୍ଟମ ଶ୍ରେଣୀ ଛାତ୍ର ରୁଦ୍ରମାଧବକୁ ଖାଇବା ବାସନ ପ୍ଲେଟ ସଫା କରିବାକୁ କହିଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ର ଜଣଙ୍କ ଅଇଁଠା ବାସନ ଧୋଇବାକୁ ମନା କରିବାରୁ ତାକୁ ନିସ୍ତୁକ ମାଡ଼ ମାରିଥିଲେ ଦଶମ ଶ୍ରେଣୀର ତିନି ଛାତ। ମାଡ଼ ମାରିଥିବା ତିନି ଜଣ ନାବାଳକ ଛାତ୍ରଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ରେ ହେଉଛି ଦାବ।

## ଷ୍ଟେଟ ବ୍ୟାଙ୍କ ନୂତନ ଗୃହ ଉଦ୍‌ଘାଟନ, ସ୍ୱଚ୍ଛତାକୁ ଗୁରୁତ୍ୱ ପାଇଁ ପରାମର୍ଶ




ଅସ୍ତରଙ୍ଗ(ମହାଭାରତ): ଆଜି ଅସ୍ତରଙ୍ଗ ବ୍ଲକ ରେ ସର୍ବ ପୁରାତନ ଷ୍ଟେଟ ବ୍ୟାଙ୍କ ରେ ନୂତନ ଗୃହ ଉଦ୍ଘାଟନ ହୋଇଛି, ୨୦୦୯ ମସିହା ରେ ପ୍ରଥମେ ଅସ୍ତରଙ୍ଗ ଅଞ୍ଚଳ ରେ ଏହି ବ୍ୟାଙ୍କ ର ଏକ ଶାଖା ଖୋଲି ଚାଷୀ, ବ୍ୟବସାୟୀ ଓ ବିଭିନ୍ନ ଉପଭୋକ୍ତା ଙ୍କୁ ନେଇ ଏହି ଶାଖା ପରିଚାଳିତ ହେଇ ଆସୁଥିଲା ମାତ୍ର ଭଲ ଘର ପାର୍କିଂ ଓ ଡିଜିଟାଲ ସେବା ରେ ଏହି ଶାଖା ଅତୀତ ରେ ବହୁ ପଛରେ ରହିଥିଲା ବର୍ତ୍ତମାନ ଅସ୍ତରଙ୍ଗ ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ନିକଟରେ ନୂତନ ଦୁଇ ମହଲା ବିଶିଷ୍ଟ କୋଠା ଅତ୍ୟାଧୁନିକ ପଦ୍ଧତି ରେ ନିର୍ମାଣ ହୋଇ ଆଜି ଶୁଭ ଉଦ୍ଘାଟନ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ନେଟୱର୍କ ୧ ର ଜେନେରାଲ ମ୍ୟାନେଜର ଡ଼ଃ ଭନ୍ଦନା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଆଧୁନିକ କରଣ ବ୍ୟାଙ୍କ ର ଶୁଭ ଉଦ୍ଘାଟନ କରିଛନ୍ତି। ଏହା ସହ ଉପଭୋକ୍ତା ଙ୍କୁ ସୁନ୍ଦର ଆଚରଣ ବ୍ୟବହାର ପ୍ରଦର୍ଶନ ଦେବା କୁ ବ୍ୟାଙ୍କ କର୍ମଚାରୀ ଙ୍କୁ ପରାମର୍ଶ ଦେଇଥିବା ବେଳେ ଶାଖା ପରିବେଶ ରେ ବୃକ୍ଷ ରୋପଣ କରି ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ମଧ୍ୟ କହିଛନ୍ତି। ପୁରୀ ଜିଲ୍ଲା ରିଜିଓନାଲ ମ୍ୟାନେଜର ଶ୍ରୀ ଭରତ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଷ୍ଟେଟ ବ୍ୟାଙ୍କ ର ପ୍ରତ୍ୟେକ ଗ୍ରାହକ ଆମ ପାଇଁ ଭଗବାନ ଓ ଆସୁଥିବା ସମସ୍ତ ସୁବିଧା ପ୍ରତ୍ୟେକ ସ୍ତରର ଗ୍ରାହକ ଙ୍କୁ ପହଞ୍ଚାଇବା ଆମର ଦାୟିତ୍ୱ ବୋଲି ଉଦବୋଧନ ଦେଇଥିଲେ। ଏହି ଉଦ୍ଘାଟନି ଉତ୍ସବ ରେ ଅସ୍ତରଙ୍ଗ ଶାଖା ମ୍ୟାନେଜର ବଳରାମ ଦତ୍ତ, ସମସ୍ତ କର୍ମଚାରୀ ବୃନ୍ଦ, ସ୍ଥାନୀୟ ବୁଦ୍ଧିଜୀବୀ ମଣ୍ଡଳୀ ଉପସ୍ଥିତ ରହିଥିଲେ ।

## ନୂତନ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟ ଅଧାପାନ୍ତର ଅବସ୍ଥାରେ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଥିବା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟ ଅଧାପନ୍ତରାୟା ଭାବରେ ପଡ଼ି ରହିଛି। କାର୍ଯ୍ୟ କେବେ ସଂପୂର୍ଣ୍ଣ ହେବ ପ୍ରଶ୍ନବାଚୀ ସୃଷ୍ଟି କରିଛି ? କାମ ଜାଗାରେ ସୂଚନା ଫଳକ ନଥିବାର ଦେଖିବାକୁ ମିଳିଛି। କାର୍ଯ୍ୟ ଆରମ୍ଭ, କାର୍ଯ୍ୟ ଶେଷ, କେତେ ଅନୁଦାନ, କେତେ ଖର୍ଚ୍ଚ, ଅଟକଳ ମୂଲ୍ୟ,କିଏ କାମ କରୁଛି,ଏହି ଭଳି ସମ୍ପୂର୍ଣ୍ଣ ବିବରଣୀ ଜନସାଧାରଣ ସକାଶେ ରହିବା କଥା କିନ୍ତୁ ନିୟମକୁ ମାନୁଛି କିଏ ? ହେଚ୍ ଏସ ସି ଲ ସଂସ୍ଥା କାମ କରୁଥିବା ଜଣାପଡିଛି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ସରକାର ଜିଲ୍ଲାର ବିକାଶ ସକାଶେ ଅନୁଦାନ ଦେଉଛନ୍ତି କିନ୍ତୁ ଠିକ୍ ସମୟରେ କାର୍ଯ୍ୟକାରୀ ହେଲେ ପ୍ରାଣୀ ସଂପଦ ର ବିକାଶ ହୋଇ ପାରିବ ଯଥାଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଜିଲ୍ଲାର ଚାଷୀ ଉପକୃତ ହୋଇପାରିବେ ବୋଲି ସାଧାରଣ ରେ ମତ ପ୍ରକାଶ ପାଇଛି।

## ୧୫୨୦ ଏକର ବେଆଇନ ଘେରି ମୁକ୍ତ ହେଲା ଚିଲିକା



କୃଷ୍ଣପ୍ରସାଦ (ମହାଭାରତ): ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ମଙ୍ଗଳବାର ଠାରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ୩ ଦିନ ମଧ୍ୟରେ ସମୁଦାୟ ୧୫୨୦ ଏକର ଘେରି ମୁକ୍ତ କରାଯାଇଥିବା ଜଣାପଡିଛି। ମଙ୍ଗଳବାର ତିତିପ ସର୍କଲ ଅଧିନରେ ୨୦୦ ଏକର, ବୁଧବାର ବଜ୍ରକୋଟ ସର୍କଲ ଅଧିନରେ ୬୦୦ ଏକର, ଗୁରୁବାର ବଜ୍ରକୋଟ ସର୍କଲ ଅଧିନ ଡାମ୍ପଣା ପାର୍ଟ - ବାହାର ଚିଲିକା ଅ□ଳରୁ ୨୨୦ ଏକର ଏବଂ କୁମାରପୁର ବାହାର ଚିଲିକା ଅଞ୍ଚଳରୁ ୫୦୦ ଏକର ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରିରେ ବ୍ୟବହାର ହୋଇଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଜ (ଜେସିବି)ମେସିନ, ୪୦ ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ତହସିଲ ବଡ଼ବାବୁ କୁବେର ଜେନା,ବଜ୍ରକୋଟ ରାଜସ୍ୱ ନିରୀକ୍ଷକ ମୋହନ କୁମାର ସ୍ୱାଇଁ, ସୁପରଭାଇଜର ଲକ୍ଷ୍ମୀକାନ୍ତ ପାତ୍ର, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଚିଲିକା ଉପରେ ନିର୍ଭର କରି ଏଠାକାର ଅଧିବାସୀ ମାନେ ଜୀବିକା ପ୍ରତିପୋଷଣ କରୁଥିବା ବେଳେ ଅଞ୍ଚଳବାସୀ ଏବେ ମନ ଆତଙ୍କିତ ହୋଇପଡିଛନ୍ତି। ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ବିକାଶ ସେଠୀ ପ୍ରକାଶ କରିଛନ୍ତି ।

## ଗଣିଆରେ ସାଂସଦ ଖେଳ ମହୋତ୍ସବର ଉଦଯାପନୀ ଉତ୍ସବ

ଗଣିଆ,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଗଣିଆ ବ୍ଲକ ଅନ୍ତର୍ଗତ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କନ୍ଧମାଳ ସାଂସଦ ଖେଳ ମହୋତ୍ସବ ଉତ୍ସାହପୂର୍ଣ୍ଣ ଭାବେ ଡିସେମ୍ବର ଏକ ତାରିଖ ରୁ ଆରମ୍ଭ ହୋଇ ଚାରି ତାରିଖ ଗୁରୁବାର ଦିନ ଏହି ଖେଳର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଯାପନୀ ଖେଳରେ ସାଂସଦଙ୍କ ବ୍ଲକ ପ୍ରତିନିଧି ଶରତ କୁମାର କର, ବିଜେପି ଗଣିଆ ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଅନ୍ତର୍ଯ୍ୟାମୀ ମିଶ୍ର, ବିଜେପି ନାରୀ ନେତ୍ରୀ ରଞ୍ଜୁଲତା ପଣ୍ଡା ଉପସ୍ଥିତ ଥିବାବେଳେ ବହୁ ବିଜେପି ର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ଖେଳ ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ଉନ୍ନତ କରିବା ସହିତ ପୁର ପଲ୍ଲୀରେ ଲୁକ୍କାୟିତ ଥିବା ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଉକ୍ତ ଖେଳର ମହ୍ ଲକ୍ଷ୍ୟ। ଖେଳ ହେଉଛି ଉତ୍ତମ ସ୍ୱାସ୍ଥ୍ୟ ଗଠନ ପାଇଁ ଅବ୍ୟର୍ଥ ଔଷଧ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଙ୍କ ପ୍ରୟାସ ରେ ସାରା ଭାରତ ରେ ସାଂସଦ ଖେଳ ମହୋତ୍ସବ ଅତି ଧୂମଧାମ ରେ ଚାରି ଦିନ ଧରି ଚାଲିଛି। ତେବେ ଏହା ମାଧ୍ୟମରେ ସାରା ଦେଶରେ ଖେଳ ପ୍ରତିଭା ଙ୍କୁ ସୃଷ୍ଟି କରିବା ସହିତ ଯୁବ ତଥା ଛାତ୍ର ଛାତ୍ରୀ ମାନଙ୍କ ଶାରୀରିକ, ମାନସିକ ତଥା ବୌଦ୍ଧିକ ବିକାଶ ର ଉନ୍ନତି ହେବ ଏଥିରେ ସନ୍ଦେହ ନାହିଁ।

## ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ

ଦାନଗଦି:(ମହାଭାରତ) ଦାନଗଦୀ ବ୍ଲକ ଶାଳୀଜଙ୍ଗା ଗ୍ରାମ ରେ ଦୀର୍ଘ ଦୁଇବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଅଞ୍ଚଳବାସୀ ଙ୍କର ସ୍ୱପ୍ନ ଆଜି ସାକାର ହୋଇଛ। ଆଜି ଏକ ଭକ୍ତି ଆଧ୍ୟାତ୍ମିକମୟ ପରିବେଶରେ ମହାଲକ୍ଷ୍ମୀ ମାଙ୍କର ମନ୍ଦିର ର ପ୍ରତିଷ୍ଠା ଉତ୍ସବ ର ଶୁଭାରମ୍ଭ ହୋଇଛି ।ଦାନଗଦୀ ବ୍ଲକ ରେ ଏପରି ଏକ ବୃହତ ମହାଲକ୍ଷ୍ମୀ ଙ୍କର ମନ୍ଦିର ନ ଥିଲା,ଏପରି ପରିକଳ୍ପନା ଦୀର୍ଘ ବର୍ଷ ହେଲା ଗ୍ରାମର ବୁଦ୍ଧିଜୀବୀ ମାନେ ଏକତ୍ରିତ ହୋଇ ସାକାର କରିବା ପାଇଁ ପ୍ରତିଜ୍ଞା ନେଇଥିଲେ, ଯେଉଁ କଥା ବାସ୍ତବ ରେ ପୂରଣ ଆଜି ହୋଇଛି। ଆଜି ପ୍ରତ୍ୟୁଷ ରୁ ମହାଲକ୍ଷ୍ମୀ ମାଙ୍କ ମନ୍ଦିରପରିସରରେ ଶଙ୍ଖ, ଘଣ୍ଟ ହୁଳହୁଳି ସଂକ୍ରିତନ ଭିତରେ ଗ୍ରାମ ଉତ୍ସବ ମୁଖରିତ ହୋଇଥିଲା। ଜଗନ୍ନାଥ ଧାମ ପୁରୀ ରୁ ପଣ୍ଡିତ ନିରାକାର ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ରବିନାରାୟଣ ପଣ୍ଡା, ଚନ୍ଦ୍ରଶେଖର କର, ଦୀପକ ମିଶ୍ର,ସୁବ୍ରତ ଶତପଥି ଙ୍କ ଦ୍ୱାରା ପଞ୍ଚଗବ୍ୟ, ଅଙ୍କୁରାରୋପଣ ଓ ମନ୍ଦିର ର ରତ୍ନମୁଦ କାର୍ଯ୍ୟ ସମ୍ପନ କରାଯାଇଛି।

## ଶପଥ ନେଲେ ଡମ୍ପର ମାଲିକ ସଂଘ କର୍ମକର୍ତ୍ତା



ପାରାଦୀପ (ମହାଭାରତ): ପାରାଦୀପ ଅଠରବାଙ୍କି ବାଲିପ୍ଲଟ ସ୍ଥିତ ଡମ୍ପର ମାଲିକ ସଂଘର ନିର୍ବାଚନ ଗତ ନଭେମ୍ବର ୨୩ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଜୟ ନାୟକ (ସଦା) ଏବଂ ତାଙ୍କ ସମର୍ଥିତ ପ୍ରାର୍ଥୀ ଙ୍କର ବିପୁଳ ବିଜୟ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଡିସେମ୍ବର ୩ ତାରିଖ ବୁଧବାର ଦିନ ସଙ୍ଘ କାର୍ଯ୍ୟାଳୟରେ ଆୟୋଜିୟ ଶପଥଗ୍ରହଣ ଉତ୍ସବରେ ଡମ୍ପର ମାଲିକ ସଂଘ ନବ ନିର୍ବାଚିତ କର୍ମକର୍ତ୍ତା ଶପଥ ଗ୍ରହଣ କରିଥିଲେ। ଏଥିରେ ନବ ନିର୍ବାଚିତ ବିଜୟ ନାୟକ (ସଦା) ଲଗାତାର ଭାବେ ସପ୍ତମ ଥର ପାଇଁ ସଭାପତି ଭାବେ ଶପଥ ନେଇଥିଲେ। ସେହିପରି ସମ୍ପାଦକ ଭାବରେ ସୁରଜ କୁମାର ବାରିକ, ଉପସଭାପତି ଭାବେ ପ୍ରମୋଦ କୁମାର ନାୟକ, ସହକାରୀ ସମ୍ପାଦକ ଭାବେ ପ୍ରମୋଦ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ସାମଲ ଶପଥ ପାଠ କରିଥିଲେ। ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଓଏସ୍ଏଲ୍ ଉପସଭାପତି ବିଜୟ କେତନ ଓଝା ଯୋଗଦେଇ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପରିବହନ ନିର୍ଦ୍ଦେଶକ ପ୍ରଭାତ କୁମାର ନନ୍ଦୀ, ରିପ୍ଲେ କମ୍ପାନୀ ନିର୍ଦ୍ଦେଶକ ପ୍ରଦୀପ ଘୋଷ, ନାରୀନେତ୍ରୀ ସବିତା ମହାପାତ୍ର, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ ।

## ମିଠା ବାଲି ଯୋଗାଣ ବନ୍ଦ ଯୋଗୁଁ ଶିଳ୍ପାଞ୍ଚଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ



ପାରାଦୀପ(ମହାଭାରତ) ଶିଳ୍ପ ଓ ବନ୍ଦର ସହର ପାରାଦୀପ ନିକଟସ୍ଥ ବିଭିନ୍ନ ବାଲି ଘାଟରେ ବାଲି ଉଠାଣରେ ଅନିୟମିତତା ଅଭିଯୋଗ କରି ଜିଲ୍ଲା ପ୍ରଶାସନ ଚଢ଼ାଉ କରିଛି । ପ୍ରଶାସନ ବାଲିଘାଟ ବନ୍ଦ କରିବା ସହିତ ସେଠାରେ ବାଲି ବୋଝେଇ ପାଇଁ ଅପେକ୍ଷା କରିଥିବା ହାଇୱା ଟ୍ରକ ଗୁଡିକୁ ଜବତ କରି କିଛି ଡ୍ରାଇଭର ଙ୍କୁ କୋର୍ଟ ଚାଲାଣ କରିଥିବା ଦେଖିବାକୁ ମିଳିଛି । ପାରାଦୀପ ଶିଳ୍ପାଞ୍ଚଳରେ ୧୫ ଗୋଟି ବୃହତ ଶିଳ୍ପ ସମେତ ଅନେକ ଛୋଟବଡ଼ ଶିଳ୍ପ ସଂସ୍ଥା ଏବଂ ସରକାର ଙ୍କ ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧ ଲକ୍ଷ ୪୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇଛି । ଯେହେତୁ ପାରାଦୀପର ଲୁଣା ବାଲି ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ତେଣୁ ଏଠାରେ ମିଠା ବାଲିର ଆବଶ୍ୟକତା ରହିଛି । ଏଣୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦୈନିକ ମିଠା ବାଲିର ବହୁଳ ଆବଶ୍ୟକତା ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅନେକ ଶିକ୍ଷିତ ଯୁବକ ହାଇୱା ଟ୍ରକ ଋଣରେ କିଣି ପରିବହନ କାମରେ ନିୟୋଜିତ କରିଛନ୍ତି । ତେବେ ଗତ ୨୬ ତାରିଖ ମଧ୍ୟ ରାତ୍ରରେ କେନ୍ଦ୍ରାଞ୍ଚଳ ଡିଆଇଜି, ଜିଲ୍ଲାପାଳ ଓ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ଚଢ଼ାଉ ସମୟରେ ବାଲିଘାଟରେ ପ୍ରାୟ ୫୦ ଟ୍ରକ ପାର୍କିଙ୍ଗ କରିଥିବା ବେଳେ ସେଗୁଡିକୁ ପ୍ରଶାସନ ଜବତ କରି କିଛି ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟପକ୍ଷରେ ପାରାଦୀପ ବନ୍ଦର ସମେତ ବିଭିନ୍ନ ଶିଳ୍ପାୟନରେ ନିର୍ମାଣ କାର୍ଯ୍ୟ ଜୋର ସୋରରେ ଚାଲୁଥିବା ବେଳେ ବାଲିଘାଟ ଓ ପରିବହନ ବନ୍ଦ ରହିବା ଏବଂ ମିଠା ବାଲି ଯୋଗାଣ ବାଧାପ୍ରାପ୍ତ ଯୋଗୁଁ ଏସବୁ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିଛି । ଯାହାଫଳରେ ନିର୍ଧାର୍ଯ୍ୟ ସମୟ ମଧ୍ୟରେ ଠିକା କମ୍ପାନୀ ମାନେ କାର୍ଯ୍ୟ ସମାପ୍ତ କରିବା ଲକ୍ଷ୍ୟରେ ବାଧକ ସୃଷ୍ଟି କରିଛି । ଗୋଟିଏ ପଟେ ବିଭିନ୍ନ ଶିଳ୍ପ ସଂସ୍ଥା ସେମାନଙ୍କ ପ୍ରକଳ୍ପ କାର୍ଯ୍ୟ ପାଇଁ କ୍ରୟ କରୁଥିବା ବାଲିର ଉଚିତ ମୂଲ୍ୟ ନଦେଇ ଏବଂ ବାଲି ଓଭର ଲୋଡିଙ୍ଗ ବନ୍ଦ କରିବା ଯୋଗୁଁ ଗାଡି ମାଲିକ ମାନେ ବହୁତ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି । ତେଣୁ ପ୍ରଶାସନ ଏସବୁ ଶିଳ୍ପ ସଂସ୍ଥାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ପାଇଁ ବ୍ୟବହୃତ ପଣ୍ୟର ସଠିକ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଟ୍ରକ ମାଲିକ ମାନେ ଦାବୀ କରିଛନ୍ତି । ଅନ୍ୟପକ୍ଷରେ ଶିଳ୍ପାଞ୍ଚଳର ଚାହିଦା ଅନୁଯାଇ ସମ୍ପୃକ୍ତ ବାଲିଘାଟ ଦୀର୍ଘ ବର୍ଷ ଧରି ଚାଲୁ ରହିଥିଲାବେଳେ ହଠାତ କିପରି ଏହା ଚୋରା ବାଲି ହେଲା ସାଧାରଣରେ ଚର୍ଚ୍ଚା ଖେଳିଯାଇଛି। କିଛି ଗାଡି ମାଲିକଙ୍କୁ ପଚାରିବାରୁ ସେମାନଙ୍କ କହିବା ଅନୁଯାୟୀ ଶିଳ୍ପ ସଂସ୍ଥା ମାନେ ବାଲିର ଧାର୍ଯ୍ୟ କରିଥିବା ଦର ଅତ୍ୟନ୍ତ କମ ହୋଇଥିବାରୁ ଗାଡି ।ଲା ଫାଇନାନ୍ସ ର କିସ୍ତି ଟଙ୍କା ଦେବା ପାଇଁ ଓଭର ଲୋଡ଼ ବୋହିବାକୁ ବାଧ ହୋଇଥାନ୍ତି। ସାର ଙ୍କୁ ଏଣ୍ଟ୍ରି ଦେଇ ଓଭର ଲୋଡ଼ ବୋହିବାକୁ ପଡେ ନହେଲେ ଗାଡି ଫାଇନାନ୍ସ ନେଇଯିବ। କୁଜି ଅସରପା ଉପରେ କାଣିବିରାଡ଼ି ରାଜା ପରି ଗାଡି ବାଲା ଏବେ କରିବେ କଣ ବୋଲି ଓଲଟି ପ୍ରଶ୍ନ କରିଛନ୍ତି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ଶୁକ୍ରବାର, ୦୫ ଡିସେମ୍ବର, ୨୦୨୫




## ବିମାନ ଭଡ଼ା ଆକାଶଛୁଆଁ



ନୂଆଦିଲ୍ଲୀ : ସମଗ୍ର ଦେଶରେ ଇଣ୍ଡିଗୋ ବିମାନ ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି । ବିମାନ ଉଡାଣ ଗୁରୁତର ଭାବରେ ପ୍ରଭାବିତ ହୋଇଛି । ଦୁଇ ଦିନରେ ୩୦୦ ରୁ ଅଧିକ ବିମାନ ବାତିଲ ହୋଇସାରିଲାଣି । ଆଉ ଏଥିପାଇଁ ଦିଲ୍ଲୀରୁ ମୁମ୍ବାଇ ଯାତ୍ରା ଏବେ ମହଙ୍ଗା ହୋଇଛି । ବିମାନ ଭଡ଼ା ହଠାତ୍ ବଢିଯାଇଛି । ଆଜି ଦିଲ୍ଲୀରୁ ମୁମ୍ବାଇକୁ ସର୍ବନିମ୍ନ ଭଡ଼ା ୨୧, ୧୫୯ ଟଙ୍କା ରହିଥିବା ବେଳେ କିଛି ବିମାନ ଭଡ଼ା ୩୮,୬୭୬ ଟଙ୍କା ରହିଛି । ଆସନ୍ତାକାଲି ପାଇଁ ମଧ୍ୟ ବିମାନ ଭଡ଼ା ଅଧିକ ରହିଛି । ଆସନ୍ତାକାଲି ପାଇଁ ସର୍ବନିମ୍ନ ୧୭,୭୮୮ ଟଙ୍କା ରହିଥିବା ବେଳେ ସର୍ବାଧିକ ୩୧,୦୦୦ ଟଙ୍କା ରହିଛି । ଇଣ୍ଡିଗୋ ବିମାନ ଗତ ଦୁଇଦିନ ହେଲାଣି ବାତିଲ ହେଉଛି । ଏଥିପାଇଁ ଡିଜିସିଏ ଇଣ୍ଡିଗୋ ଅଧିକାରୀଙ୍କୁ ମିଟିଂ ପାଇଁ ଡକାଇଛି । ଇଣ୍ଡିଗୋର ଏଭଳି ସମସ୍ୟା ଯୋଗୁଁ ଯାତ୍ରୀ ବହୁତ ହନ୍ତସନ୍ତ ହେଉଛନ୍ତି । ବିମାନ ବାତିଲ ହେବା ଯୋଗୁଁ ଟିକେଟ ଦାମ୍ ବଢିବାରେ ଲାଗିଛି । ଦିଲ୍ଲୀ ମୁମ୍ବାଇ ଭଳି ବଡ଼ ରୁଟରେ ଏବେ ଭଡ଼ା ଅଧିକ ହୋଇଛି । କ୍ରିୟୁ ସଦସ୍ୟଙ୍କ ଅଭାବ ଯୋଗୁ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ ଭଳି ବଡ଼ ବଡ଼ ବିମାନ ବନ୍ଦରରେ ୨୦୦ ରୁ ଅଧିକ ବିମାନ ଚଳାଚଳ ରଦ୍ଦ ହୋଇଛି । ଏଥିଯୋଗୁ ବିଭିନ୍ନ ବିମାନ ବନ୍ଦରରେ ଯାତ୍ରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ହୋଇଛି ।

## ଅହମଦାବାଦରେ ଇଣ୍ଡିଗୋ ବିମାନରୁ ଜରୁରୀ ଅବତରଣ

ଅହମଦାବାଦ : ମଦିନାରୁ ହାଇଦ୍ରାବାଦ ଯାଉଥିବା ଇଣ୍ଡିଗୋ ବିମାନର ଜରୁରୀ ଅବତରଣ । ବିମାନରେ ବୋମା ଥିବା ନେଇ ଜଣେ ଯାତ୍ରୀ ଦାବି କରିବା ପରେ ବିମାନକୁ ଅହମଦାବାଦ ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଥିଲା । ଏହି ଖବର ଶୁଣିବା ପରେ କ୍ରୁ ମେମ୍ବର୍ସ ତୁରନ୍ତ ଖବର ପାଇଲଟ ଏବଂ ସୁରକ୍ଷା ଏଜେନ୍ସୀଙ୍କୁ ଦେଇଥିଲେ । ବିମାନରେ ମୋଟରେ ୧୮୦ ଜଣ ଯାତ୍ରୀ ରହିଥିଲେ । ଖବର ମୁତାବକ, ମଦିନାରୁ ହାଇଦ୍ରାବାଦ ଯାଉଥିବା ଇଣ୍ଡିଗୋ ବିମାନରେ ଥିବା ଜଣେ ଯାତ୍ରୀ ନିଜ ପାଖରେ ବୋମା ଥିବା କହିଥିଲେ । ଏହା ଶୁଣିବା ପରେ କ୍ରୁ ମେମ୍ବର୍ସ ଏବଂ ଅନ୍ୟ ଯାତ୍ରୀ ଆଲର୍ଟ ହୋଇଯାଇଥିଲେ । ତୁରନ୍ତ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ସୂଚନା ଦେବା ପରେ ବିମାନକୁ ଅହମଦାବାଦ ଏୟାରପୋର୍ଟକୁ ଡାଇଭର୍ଟ କରାଯାଇଥିଲା । ସକାଳ ୧୧.୩୦ ମିନିଟରେ ବିମାନଟି ଅହମଦାବାଦ ଏୟାରପୋର୍ଟରେ ସୁରକ୍ଷିତ ଲ୍ୟାଣ୍ଡିଂ କରିଥିଲା । ଏହାପରେ ସିଆଇଏସଏଫ ଏବଂ ଏୟାରପୋର୍ଟ ସୁରକ୍ଷା ଟିମ୍ ବିମାନକୁ ଯାଞ୍ଚ କରିବା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ବାହାର କରାଯାଇଥିଲା । ବୋମା ନିଷ୍କ୍ରିୟ ଟିମ୍ ବିମାନକୁ ଯାଞ୍ଚ କରିବା ପରେ ମଧ୍ୟ ଏଯାଏଁ ସନ୍ଦିଗ୍ଧ ବସ୍ତୁ ମିଳିନାହିଁ । ବିମାନରେ ୧୮୦ ଯାତ୍ରୀ ରହିଥିଲେ ।

## ବାଂଲାଦେଶରେ ଭୂକମ୍ପ ଝଟକା

ବାଂଲାଦେଶ : ଭାରତର ପଡୋଶୀ ଦେଶ ବାଂଲାଦେଶରେ ଭୂକମ୍ପ ଅନୁଭୂତ ହୋଇଛି । ବାଂଲାଦେଶର ଢାକା ଏବଂ ଅନ୍ୟାନ୍ୟ ଆଖପାଖ ଜିଲ୍ଲାଗୁଡିକରେ ଏହାର ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ୪.୧ ଥିବା ସୂଚନା ମିଳିଛି । ଏହାର କେନ୍ଦ୍ରସ୍ଥଳ ନରସିଙ୍ଗଡିରେ ୩୦ କିଲୋମିଟର ଗଭୀରତାରେ ଥିବା ଜଣାପଡିଛି । ଭୂକମ୍ପର ଝଟକା ପ୍ରାୟ ଆଜି ସକାଳ ୬ଟା ୧୪ ମିନିଟରେ ହୋଇଥିଲା । ଭୂକମ୍ପ ହେବାରୁ ଲୋକେ ଡ଼ରରେ ଘରୁ ଦୌଡିଥିଲେ । କିନ୍ତୁ ଏହାର ଝଟକାରେ କୌଣସି କ୍ଷୟକ୍ଷତି କିମ୍ବା ମୃତାହତର ରିପୋର୍ଟ ଏପର୍ଯ୍ୟନ୍ତ ମିଳିନାହିଁ ।

# ନଭେମ୍ବରରେ ଇଣ୍ଡିଗୋର ୧,୨୩୨ ବିମାନ ଉଡ଼ାଣ ବାତିଲ



ନୂଆଦିଲ୍ଲୀ: ନଭେମ୍ବର ମାସରେ ଇଣ୍ଡିଗୋର କାର୍ଯ୍ୟକ୍ଷମତାରେ ଅନିୟମିତା ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଇଣ୍ଡିଗୋଠାରୁ ସ୍ପଷ୍ଟୀକରଣ ମାଗିଛି। ଏୟାରଲାଇନ୍ସ ମାସେ ମଧ୍ୟରେ ୧,୨୩୨ ବିମାନ ଉଡ଼ାଣ ବାତିଲ କରିବା ସହିତ ଉଡ଼ାଣରେ ବିଳମ୍ବ ରେକର୍ଡ କରିଛି। ଯାହା ଫଳରେ ବିମାନ ନିୟାମକ କମ୍ପାନିର କାର୍ଯ୍ୟର ଯାଞ୍ଚ୍ କରିବାକୁ ନେଇ ନିର୍ଦ୍ଦେଶ ଜାରି କରିଛି। ବୁଧବାର କମ୍ପାନିର ଅନେକ ବିମାନର ଉଡ଼ାଣ ବାତିଲ ହୋଇଥିଲା। ସକାଳ ଠାରୁ ଇଣ୍ଡିଗୋ ବିମାନଗୁଡ଼ିକ ବିଳମ୍ବରେ ଉଡ଼ାଣ କରିଥିଲା। ବାତିଲ ହୋଇଥିବା ବିମାନଗୁଡ଼ିକ ମଧ୍ୟରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁ ବିମାନବନ୍ଦରକୁ ଯାଉଥିବା ବିମାନ ଅନ୍ତର୍ଭୁକ୍ତ ଥିଲା। ସୂତ୍ର ଅନୁଯାୟୀ, ଦ୍ୱିତୀୟ ପର୍ଯ୍ୟାୟ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ (ଋଉଞଖ) ମାନଦଣ୍ଡ କାର୍ଯ୍ୟକାରୀ ହେବା ଯୋଗୁ ଇଣ୍ଡିଗୋ କର୍ମଚାରୀ ଅଭାବର ସମ୍ମୁଖୀନ ହେଉଛି, ଯାହା ଫଳରେ ଦେଶର ବିଭିନ୍ନ ବିମାନବନ୍ଦରରେ ବିମାନ ଫସି ରହିଛି ଏବଂ ଯାତ୍ରୀମାନଙ୍କ ଯାତ୍ରା ସୂଚୀ ବାଧାପ୍ରାପ୍ତ ହୋଇଛି।

ବିମାନ ଉଡ଼ାଣ ବାତିଲର ମୁଖ୍ୟ କାରଣ କର୍ମଚାରୀଙ୍କ ଅଭାବ ବୋଲି କୁହାଯାଉଛି। କମ୍ପାନିର ୧୦୦ ବିମାନ ବାତିଲ ହେବାର ଗୋଟିଏ ଦିନ ପରେ ଏନେଇ ଡିଜିସିଏ ଯାଞ୍ଚ୍ ନିର୍ଦ୍ଦେଶ ଜାରି କରିଛି। କ୍ୟାଲିବ୍ରେଟେଡ୍ ସମୟସୂଚୀ ସଂଶୋଧନ ଘୋଷଣା କରିଥିବାରୁ ଅନେକ ସେବା ବିଳମ୍ବିତ ହୋଇଥିବା କୁହାଯାଇଛି। ବାତିଲ ତାଲିକାରେ ଦିଲ୍ଲୀ ବିମାନବନ୍ଦରରେ ୩୮ଟି, ମୁମ୍ବାଇ ବିମାନବନ୍ଦରରେ ୩୩ଟି ଏବଂ ଅହମ୍ମଦାବାଦ ବିମାନବନ୍ଦରରେ ୧୪ଟି ଉଡ଼ାଣ ସାମିଲ ଥିଲା।

ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଜଏଓଇ) ପରିଚାଳନା ପକ୍ଷରୁ କୁହାଯାଇଛି ଯେ, ବିମାନବନ୍ଦରରେ ଇଣ୍ଡିଗୋ ବିମାନଗୁଡ଼ିକ ବାତିଲ ହେବା ବିମାନ କମ୍ପାନି ଭିତରେ ବୈଷୟିକ ଏବଂ କାର୍ଯ୍ୟକ୍ଷମ ସମସ୍ୟା ଯୋଗୁ ହୋଇଥିଲା, ଯାହା ଫଳରେ ବିମାନ ବାତିଲ ଏବଂ ବିଳମ୍ବ ହୋଇଥିଲା। ଇଣ୍ଡିଗୋ କହିଛି ଯେ, କର୍ମଚାରୀମାନେ ସ୍ୱାଭାବିକତା ଫେରାଇ ଆଣିବା ପାଇଁ କାମ କରୁଛନ୍ତି। ଯେଉଁ ଯାତ୍ରୀମାନଙ୍କର ବିମାନ ବାତିଲ ହୋଇଛି ସେମାନଙ୍କୁ ଅନ୍ୟ ବିମାନରେ ସ୍ଥାନ ଦିଆଯାଉଛି କିମ୍ବା ପୂର୍ଣ୍ଣ ଫେରସ୍ତ ପାଉଛନ୍ତି। ବିଳମ୍ବ ହୋଇଥିବା ବିମାନରେ ଯାତ୍ରୀମାନଙ୍କୁ ମଧ୍ୟ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି।

ନଭେମ୍ବର ମାସରେ ୧,୨୩୨ଟି ବାତିଲ। ଡିଜିସିଏ ଅନୁଯାୟୀ, ନଭେମ୍ବର ମାସରେ ମୋଟ ୧,୨୩୨ ଟି ବିମାନ ବାତିଲ କରାଯାଇଥିଲା। ତେଣୁ ଡିଜିସିଏ କମ୍ପାନିର କାର୍ଯ୍ୟଦକ୍ଷତା ଯାଞ୍ଚ୍ କରିଥିଲା। ବାତିଲର କାରଣ: କ୍ରୁ/ଋଉଞଖ ସୀମା: ୭୫୫, ଇଞ୍ଜଉ ସିଷ୍ଟମ ବିଫଳତା: ୯୨ ବିମାନବନ୍ଦର/ଆକାଶମାର୍ଗ ପ୍ରତିବନ୍ଧକ: ୨୫୮, ନଭେମ୍ବର ୬୭.୭୦% ରେ ଓଭୟସଏକ୍ଟର ଡ଼ଞ୍ଜଚ , ଇଣ୍ଡିଗୋର ଅନ୍-ଟାଇମ୍ (ଡ଼ଞ୍ଜଚ) କାର୍ଯ୍ୟଦକ୍ଷତା ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା। ନଭେମ୍ବରରେ ଡ଼ଞ୍ଜଚ ୬୭.୭୦% ଥିଲା, ଯାହା ଅକ୍ଟୋବରରେ ୮୪.୧% ଥିଲା। ବିଳମ୍ବର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଇଞ୍ଜଉ ୧୬%, କ୍ରୁ/ଅପରେସନ୍ ୬%, ବିମାନବନ୍ଦର ସମସ୍ୟା ୩% ଏବଂ ଅନ୍ୟାନ୍ୟ କାରଣ ୮% ଥିଲା ବୋଲି କମ୍ପାନି ପକ୍ଷରୁ ସଫେଇ ଦିଆଯାଇଛି।

ବିଳମ୍ବର ପ୍ରମୁଖ କାରଣ: ଇଞ୍ଜଉ: ୧୬%, କାର୍ଯ୍ୟ – କର୍ମଚାରୀ ଦଳ: ୬%, ବିମାନବନ୍ଦର ସୁବିଧା ସମସ୍ୟା: ୩%, ଅନ୍ୟାନ୍ୟ: ୮% ।

ଡିଜିସିଏ ବର୍ତ୍ତମାନ ପରିସ୍ଥିତିର ତଦନ୍ତ କରୁଛି ଏବଂ ଯାତ୍ରୀମାନଙ୍କ ଅସୁବିଧାକୁ କମ କରିବା ପାଇଁ ବାତିଲକରଣ ଏବଂ ବିଳମ୍ବକୁ ହ୍ରାସ କରିବା ପାଇଁ ବିମାନ କମ୍ପାନି ସହିତ ମିଶି ପଦକ୍ଷେପଗୁଡ଼ିକର ମୂଲ୍ୟାଙ୍କନ କରୁଛି। ଇଣ୍ଡିଗୋକୁ ଡିଜିସିଏ, ମୁଖ୍ୟାଳୟକୁ ରିପୋର୍ଟ କରିବାକୁ କୁହାଯାଇଛି, ଯାହା ଦ୍ୱାରା ବର୍ତ୍ତମାନର ପରିସ୍ଥିତିର ତଥ୍ୟ ଉପସ୍ଥାପନ କରାଯାଇପାରିବ ଏବଂ ବିଳମ୍ବ ଏବଂ ବାତିଲକରଣକୁ ହ୍ରାସ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇପାରିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଗୋଟିଏ ପରେ ଗୋଟିଏ ବିମାନ ବାତିଲ ହେବା ଯୋଗୁ ଦେଶବ୍ୟାପୀ ଅସନ୍ତୋଷ ଦେଖାଦେଇଥିଲା, ତେଣୁ ବୁଧବାର ଦିନ ବିମାନ କମ୍ପାନି ଏହାର ଯାତ୍ରୀମାନଙ୍କ ଅସୁବିଧା ପାଇଁ କ୍ଷମା ପ୍ରାର୍ଥନା କରିଛି। ଦେଶର ସର୍ବବୃହତ ବିମାନ କମ୍ପାନି ଏକ ବିବୃତିରେ କହିଛି ଯେ, କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ଆଗାମୀ ୪୮ ଘଣ୍ଟା ପାଇଁ କାର୍ଯ୍ୟସୂଚୀରେ 'କ୍ୟାଲିବ୍ରେଟେଡ୍ ଆଡଜଷ୍ଟମେଣ୍ଟ' ଆରମ୍ଭ କରାଯାଇଛି। ଅପ୍ରତ୍ୟାଶିତ ପରିଚାଳନାଗତ ସମସ୍ୟାରୁ ଯୋଗୁ ବିମାନ ଉଡ଼ାଣ ବାତିଲ ହୋଇଥିବା କମ୍ପାନି କହିଛି। ଏକ ବିବୃତିରେ, ଇଣ୍ଡିଗୋର ଜଣେ ମୁଖପାତ୍ର କହିଛନ୍ତି, ଆମେ ସ୍ୱୀକାର କରୁଛୁ, ଗତ ଦୁଇ ଦିନ ଧରି ସମଗ୍ର ନେଟୱାର୍କରେ ଇଣ୍ଡିଗୋର କାର୍ଯ୍ୟରେ ବ୍ୟାପକ ବାଧା ସୃଷ୍ଟି ହୋଇଛି। କମ୍ପାନି ଗ୍ରାହକମାନଙ୍କର ହୋଇଥିବା ଅସୁବିଧା ପାଇଁ କ୍ଷମା ପ୍ରାର୍ଥନା କରୁଛି।

ସାମାନ୍ୟ ପ୍ରଯୁକ୍ତିବିଦ୍ୟା ତ୍ରୁଟି, ଶୀତ ଋତୁ ସହିତ ଜଡିତ ସମୟସୂଚୀ ପରିବର୍ତ୍ତନ, ପ୍ରତିକୂଳ ପାଗ ପରିସ୍ଥିତି, ବିମାନ ଚଳାଚଳ ବ୍ୟବସ୍ଥାରେ ବର୍ଦ୍ଧିତ ଭିଡ଼ ଏବଂ ଅପଡେଟ୍ କ୍ରୁ ରୋଷ୍ଟରିଂ ନିୟମ (ଫ୍ଲାଇଟ୍ ଡ୍ୟୁଟି ସମୟ ସୀମା) କାର୍ଯ୍ୟକାରୀ କରିବା ସମେତ ଅନେକ ଅପ୍ରତ୍ୟାଶିତ ପରିଚାଳନା ଚ୍ୟାଲେଞ୍ଜ କମ୍ପାନିର କାର୍ଯ୍ୟ ଉପରେ ଏପରି ନକାରାତ୍ମକ ପ୍ରଭାବ ପକାଇଥିଲା ବୋଲି ଏୟାରଲାଇନ୍ କହିଛି।

## ପୁଟିନ ଦିଲ୍ଲୀ ପହଞ୍ଚିବା ପୂର୍ବରୁ ହୋଟେଲ ଦାମ୍ ଆକାଶଛୁଆଁ

ନୂଆଦିଲ୍ଲୀ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଦୁଇ ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିବେ । ଏଥିପାଇଁ ନୂଆଦିଲ୍ଲୀରେ ବ୍ୟାପକ କଡ଼ା ସୁରକ୍ଷା କରାଯାଇଛି । ପୁଟିନ ଭାରତ ଯାତ୍ରା ନେଇ ଦିଲ୍ଲୀରେ ହସପିଟାଲିଟି ଇଣ୍ଡଷ୍ଟ୍ରୀର ଭାଉ ବଢିଯାଇଛି । ରାଜଧାନୀର ସମସ୍ତ ବିଳାସପୂର୍ଣ୍ଣ ୫ ଷ୍ଟାର ହୋଟେଲ ଫୁଲ୍ ହୋଇସାରିଛି । ଗୋଟିଏ ରୁମରେ ଦାମ୍ ଦୁଇଗୁଣା ହୋଇଛି । ଗତ କିଛିଦିନ ତଳେ ଯେଉଁ ହୋଟେଲ ରୁମର ଦାମ୍ ୫୦ରୁ ୮୦ ହଜାର ମଧ୍ୟରେ ଥିଲା ଏବେ ତାହାର ଦାମ୍ ୧ ଲକ୍ଷରୁ ୧.୩୦ ଲକ୍ଷରେ ପହଞ୍ଚିଛି । ଆଇଟିସି ମୌର୍ଯ୍ୟରେ ୪୭୦୦ ବର୍ଗଫୁଟର ଗ୍ରାଣ୍ଡ ପ୍ରେସିଡେନ୍ସିଆଲ ସୁଇଟରେ ପୁଟିନ ରହିବେ । ଏହି ରୁମ ସବୁଠାରୁ ଖାସ୍ । ଏଠାରେ ଟ୍ରମ୍ପ, ବାଇଡେନ, ବିଲ୍ କ୍ଲିଣ୍ଟନ ଭଳି ମହାନ ନେତା ରହିସାରିଛନ୍ତି । ଏଥିରେ ଦୁଇଟି ବେଡ ରୁମ୍, ଗୋଟିଏ ଷ୍ଟଡିରୁମ୍, ରିସେପସନ ଏରିଆ, ୧୨ ଟିକିଆ ଡାଇନିଂ ମିନି ସ୍ପା, ଜିମ୍ ଇତ୍ୟାଦି ସୁବିଧା ରହିଛି । ପୁଟିନଙ୍କ ଗସ୍ତ ନେଇ ଦିଲ୍ଲୀରେ ସ୍ୱାଟ୍ ଟିମ୍ ଏବଂ ସୁରକ୍ଷା ଏଜେନ୍ସୀ ହାଇଆଲର୍ଟରେ ରହିଛନ୍ତି । ରାଷ୍ଟ୍ରପତି ପୁଟିନ ଯେଉଁ ରାସ୍ତା ଯାତ୍ରା କରିବେ ତାହାର ପ୍ରତ୍ୟେକ ଇଞ୍ଚ ଉପରେ ସୁରକ୍ଷା ବାହିନୀ ନଜର ରଖିବେ । ଏହି ରୁଟଗୁଡ଼ିକୁ ଡ୍ରୋନ, ଜାମର ଏବଂ ଏଆଇ ବ୍ୟବହାର କରି ମନିଟରିଂ କରାଯିବ । ଏହି ରୁଟରେ ସ୍ନାଇପରମାନଙ୍କୁ ନିୟୋଜିତ କରାଯାଇଛି । ପୁଟିନଙ୍କ ଗସ୍ତ ପୂର୍ବରୁ ପୁଟିନଙ୍କ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ୫୦ରୁ ଉଚ୍ଚପଦସ୍ଥ ରୁଷ ସୁରକ୍ଷା ଅଧିକାରୀ ଭାରତରେ ପହଞ୍ଚିଛନ୍ତି ।

## ନ୍ୟାସନାଲ ହାଇୱେ-୯ରେ ଭୟଙ୍କର ଦୁର୍ଘଟଣା, ୪ ଡ଼ାକ୍ତର ମୃତ



ଉତ୍ତରପ୍ରଦେଶ : ଗତକାଲି ବିଳମ୍ବିତ ରାତିରେ ଉତ୍ତରପ୍ରଦେଶ ଆମରୋହାର ନ୍ୟାସନାଲ ହାଇୱେ ୯ରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୪ଜଣଙ୍କର ମୃତ୍ୟୁ ଘଟିଛି । ଦ୍ରୁତ ଗତିରେ ଆସୁଥିବା କାରଟି ଉଭଗ ରେ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଥିବା ଜଣାପଡିଛି । ସମସ୍ତ ମୃତକ ଡ଼ାକ୍ତର ଥିବା ସୂଚନା ମିଳିଛି । ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକୁ ପୋଷ୍ଟମର୍ଟମ ପାଇଁ ପଠାଇଛି ପୋଲିସ । ସୂଚନାନୁଯାୟୀ, ଏହି ଘଟଣାଟି ଆମରୋହା ଜିଲ୍ଲାର ରାଜବପୁର ପୋଲିସ ଷ୍ଟେସନ ଏବଂ ଅତ୍ରାସି ଅଞ୍ଚଳ ମଧ୍ୟରେ ଘଟିଛି । ଦୁର୍ଘଟଣା ହୋଇଥିବା ସେହି କାରରେ ୪ ଜଣ ଥିଲେ । ଦ୍ରୁତଗାମୀ କାର୍ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଉଭଗକୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରେ ହୋଇଥିଲା ଯେ, କାରଟି ଖଣ୍ଡ ଖଣ୍ଡ ହୋଇଯିବା ସହ ସମସ୍ତଙ୍କ ମୃତ୍ୟୁ ହୋଇଥିଲା । ରାତି ପ୍ରାୟ ୧୦ଟା ସମୟରେ ପୀଡିତମାନେ ମେରଠରୁ ଗାଜିଆବାଦ ଫେରୁଥିଲେ । ଦୁର୍ଘଟଣା ପରେ, ଉଭଗ ଡ୍ରାଇଭର ଘଟଣାସ୍ଥଳରୁ ପଳାଇ ଯାଇଥିଲେ। କୁହାଯାଉଛି ଯେ ଟ୍ରକଟି ଅନ୍ଧାରରେ ପାର୍କିଂ କରାଯାଇଥିବାରୁ ଦୁର୍ଘଟଣା ଘଟିଛି। ଅନ୍ୟପଟେ ସୂଚନା ପାଇ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି କାରରେ ଫସି ରହିଥିବା ମୃତଦେହଗୁଡ଼ିକୁ ବାହାର କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲେ। ଗାଡିଗୁଡ଼ିକୁ କ୍ରେନ୍ ସାହାଯ୍ୟରେ ବାହାର କରାଯାଇଥିଲା । ରାସ୍ତା କଡ଼ରେ ଟ୍ରକ୍ ପାର୍କିଂ କରୁଥିବା ଲୋକଙ୍କ ବିରୁଦ୍ଧରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।

## ଶିରିଡ଼ି ଯାତ୍ରା ଏବେ ହେବ ସହଜ

ନୂଆଦିଲ୍ଲୀ: ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇଛନ୍ତି ଯେ ପୁଣେ-ନାସିକ ହାଇ-ସ୍ପିଡ୍ ରେଳର ପୁରୁଣା ଆଲାଇନମେଣ୍ଟ ଯାହା ନାରାୟଣ ଗାଁ ଦେଇ ଯାଇଥିଲା ତାହାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ବିଶ୍ୱ ପ୍ରସିଦ୍ଧ ଜାଏଣ୍ଟ ମିଟରୱେଭ୍ ରେଡିଓ ଟେଲିସ୍କୋପ୍ ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ ୩୧ ଦେଶର ବୈଜ୍ଞାନିକମାନେ ଆନ୍ତର୍ଜାତୀୟ ପର୍ଯ୍ୟବେକ୍ଷଣାଗାର ଭାବରେ ବ୍ୟବହାର କରିଥାଆନ୍ତି। ଏହାଛଡା ଜାଏଣ୍ଟ ମିଟରୱେଭ୍ ରେଡିଓ ଟେଲିସ୍କୋପ୍ ନିକଟରୁ ରେଳ ଲାଇନ ଅତିକ୍ରମ କରିବା ଦ୍ୱାରା ରେଡିଓ ତରଙ୍ଗରେ ବାଧାପ୍ରାପ୍ତ ହେବ ଏବଂ ପ୍ରୋଜେକ୍ଟ ଖରାପ ହୋଇଯିବ ବୋଲି ବିଜ୍ଞାନ ଏବଂ ପରମାଣୁ ଶକ୍ତି ବିଭାଗ ଦ୍ୱାରା ସତର୍କ କରାଯାଇଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ରେଳବାଇ ସତର୍କତାର ସହ ବିଚାର କରି ନୂତନ ରୁଟ୍ ତିଆରି କରିଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ୫ ଟି ନୂତନ ରେଳ ଲାଇନ ପ୍ରସ୍ତୁତ କରାଯାଇଛି। ଏହି ରେଳ ଲାଇନ ମଧ୍ୟରେ ନାସିକ –ସାଇନଗର ଶିରିଡି, ସାଇନଗର ଶିରିଡି ପୁଣେମମ୍ବା ଜଙ୍ଗସ, ପୁଣତମ୍ବା–ନିମଲାକା, ନିମଲାକା–ଅହିଲ୍ୟାନଗର, ଅହିଲ୍ୟାନଗରରୁ ପୁଣେ ପରି ୫ ଟି ରେଳ ଲାଇନର ପ୍ରସ୍ତୁତ କରାଯାଇଛି। ଯାହାଦ୍ୱାରା ଯାତ୍ରୀମାନେ ସୁବିଧାରେ ଯାତାୟାତ କରିପାରିବେ। ରେଳମନ୍ତ୍ରୀ କହିଛନ୍ତି ଯେ, ରେଳବାଇ ଦ୍ୱାରା ପ୍ରସ୍ତୁତ ନୂତନ ରୁଟ୍ ରେ ଯାତ୍ରା କଲେ ପୁରୁଣା ରୁଟ ପରି ସମାନ ସମୟ ଲାଗିବ। ଏହା କିନ୍ତୁ ପୁରୁଣା ରୁଟ ଠାରୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବ। ଏହି ନୂତନ ରୁଟ ସାଇ ବାବାଙ୍କ ପବିତ୍ର ତୀର୍ଥସ୍ଥଳ ସାଇନଗର ଶିରିଡି ସିଧାସଳଖ ନାସିକ ସହିତ ସଂଯୋଗ ହେବ। ଯାହା ଲକ୍ଷ ଲକ୍ଷ ଭକ୍ତଙ୍କୁ ସୁବିଧା ପ୍ରଦାନ କରିବ। ନାସିକରୁ ତ୍ର୍ୟମ୍ବକେଶ୍ୱର ଯାତ୍ରା ସହଜ ହେବ। ଯାତ୍ରୀମାନଙ୍କୁ ଆଉ ବସ୍, ଟ୍ୟାକ୍ସି କିମ୍ବା ଅନ୍ୟାନ୍ୟ ପରିବହନ ପଦ୍ଧତି ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏହା ସେମାନଙ୍କର ସମୟ ଏବଂ ଟଙ୍କା ବଞ୍ଚାଇବା ସହିତ ଯାତ୍ରାକୁ ସୁବିଧାଜନକ କରିବ। ରେଳବାଇ ସତର୍କତାର ସହ ବିଚାର କରି ନୂତନ ରୁଟ୍ ଚୂଡ଼ାନ୍ତ କରିଛି। ଫଳରେ ସର୍ବାଧିକ ସଂଖ୍ୟକ ଲୋକଙ୍କ ପାଇଁ ସର୍ବାଧିକ ଲାଭ ସୁନିଶ୍ଚିତ କରିଛି। ଏହା ଚକନ ଭଳି ପ୍ରମୁଖ ଶିଳ୍ପ କ୍ଷେତ୍ରଗୁଡ଼ିକୁ ମଧ୍ୟ ସଂଯୋଗ କରିବ। ଅଶ୍ୱିନୀ ବୈଷ୍ଣବ ସ୍ପଷ୍ଟ କରିଛନ୍ତି ଯେ, ବୈଜ୍ଞାନିକ ସ୍ୱାର୍ଥ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତେଣୁ ଜିଏମଆରଟିକୁ ସୁରକ୍ଷା ଦେବା ପାଇଁ ରୁଟ୍ ପରିବର୍ତ୍ତନ କରାଯାଇଛି। ଏହି ନୂତନ ଆଲାଇନମେଣ୍ଟ ପୁଣେ ଏବଂ ନାସିକ ମଧ୍ୟରେ ଦ୍ରୁତ ରେଳ ସଂଯୋଗ ପ୍ରଦାନ କରିବା ସହିତ ଧାର୍ମିକ ପର୍ଯ୍ୟଟନ ଏବଂ ଶିଳ୍ପକୁ ମଧ୍ୟ ବୃଦ୍ଧି କରିବ।

## ପୁଣି ଲାଲବାହିନୀକୁ ଶକ୍ତ ଧକ୍କା, ୧୨ ମାଓବାଦୀ ନିହତ ଓ ୩ ଯବାନ ସହିଦ



ଛତିଶଗଡ଼ : ପୁଣି ଲାଲବାହିନୀକୁ ଶକ୍ତ ଧକ୍କା । ସୁରକ୍ଷା କର୍ମୀଙ୍କ ଗୁଳିରେ ଟଳିରେ ୧୨ ମାଓବାଦୀ । ନକ୍ସଲଙ୍କ ପାଲଟା ଗୁଳିରେ ୩ ଡିଆରଜି ଯବାନ ସହିଦ । ଦାନ୍ତେୱାଡା ଓ ବିଜାପୁର ସୀମାନ୍ତ ଭୈରମଗଡ଼ ଅଞ୍ଚଳର କେଶକତୁଲ ଜଙ୍ଗଲରେ ଏନକାଉଣ୍ଟର । ମାଓ ନିପାତ ଅଭିଯାନରେ ବଡ଼ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା ସୁରକ୍ଷା ବାହିନୀ । ଡିଆରଜି, ଏସଟିଏଫ ଓ କୋବ୍ରା ବାଟାଲିଅନର ଯବାନ ୱେଷ୍ଟ ବସ୍ତର ଡିଭିଜନରେ ହୋଇଥିଲା କମ୍ବିଂ ଅପରେସନ । ଯବାନଙ୍କ ଉପରକୁ ପ୍ରଥମେ ମାଓବାଦୀ ଗୁଳିମାଡ କରିଥିଲେ । ସୁରକ୍ଷାବାହିନୀ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୨ନକ୍ସଲଙ୍କୁ ନିପାତ କରିଥିଲେ । ୩ଜଣ ଯବାନ ସହିଦ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି । ଗୁରୁତର ଯବାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତ ନକ୍ସଲଙ୍କ ଠାରୁ ଅଟୋମେଟେଡ ଏସଏଲଆର ରାଇଫଲସ, ୩୦୩ ରାଇଫଲସ ସମେତ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ପୁରା ଅଞ୍ଚଳକୁ କର୍ଡନ କରି ଏବେ ବି ଖାନତଲାସୀ ଅଭିଯାନ ଚଳାଇଛି ସୁରକ୍ଷା ବାହିନୀ ।

## ପାଶ୍ଚାତ୍ୟ ଦେଶ ମହିଳାଙ୍କୁ ୟୁଜ୍ ଆଣ୍ଡ୍ ଥ୍ରୋ ବୋଲି ଭାବନ୍ତି:ଖାମେନି



ତେହେରାନ: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି, ଦେଶରେ ମହିଳାଙ୍କ ପାଇଁ କଠୋର ଡ୍ରେସ୍ କୋଡ୍ ?କୁ ସମର୍ଥନ କରିଛନ୍ତି। ସେ କହିଛନ୍ତି, ଏହି ନିୟମଗୁଡ଼ିକ ସଠିକ୍ ଏବଂ ମହିଳାଙ୍କ ସୁରକ୍ଷା ତଥା ମର୍ଯ୍ୟାଦା ପାଇଁ ଆବଶ୍ୟକ। ଖାମେନି ପାଶ୍ଚାତ୍ୟ ଦେଶଗୁଡ଼ିକର ସଂସ୍କୃତିକୁ ସମାଲୋଚନା କରି କହିଛନ୍ତି ଯେ, ସେଠାରେ ମହିଳାଙ୍କ ମର୍ଯ୍ୟାଦା ଆଘାତ ପାଇଥାଏ।

ସେ କହିଛନ୍ତି, ଇସଲାମ ମହିଳାମାନଙ୍କୁ ଏକ ମୁକ୍ତ ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାକୁ ଅନୁମତି ଦିଏ, ଯେତେବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମହିଳାମାନଙ୍କୁ ପ୍ରାୟତଃ କେବଳ ବସ୍ତୁ ଭାବରେ ବ୍ୟବହାର କରାଯାଇଥ ?।ଏ। ଖମେନିଙ୍କ ଏହି ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଇରାନର ସଂସଦର ଅଧାରୁ ଅଧିକ ଲୋକ ହିଜାବ ଆଇନକୁ କାର୍ଯ୍ୟକାରୀ କରିବାରେ ବିଫଳ ହେବାର ଅଭିଯୋଗ ଆଣିଛନ୍ତି।

ଗୋଟିଏ ଦିନ ପରେ, ଖାମେନି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଅନେକ ପୋଷ୍ଟ ସେୟାର କରିଥିଲେ, ଯେଉଁଥିରେ ସେ ହିଜାବ ଏବଂ ଡ୍ରେସ୍ କୋଡ୍ ?ର ନୈତିକ ଏବଂ ସାମାଜିକ ଯଥାର୍ଥତା ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେ ଯୁକ୍ତି ଦେଇଥିଲେ ଯେ, ଯେକୌଣସି ସମାଜର ପ୍ରାଥମିକ କର୍ତ୍ତବ୍ୟ ହେଉଛି ଏହାର ନାଗରିକ, ବିଶେଷକରି ମହିଳାମାନଙ୍କର ସୁରକ୍ଷା, ମର୍ଯ୍ୟାଦା ଏବଂ ସମ୍ମାନକୁ ରକ୍ଷା କରିବା। ତାଙ୍କ ଅନୁସାରେ, ପରିବାର ଏବଂ ସମାଜରେ ନ୍ୟାୟ ଏବଂ ନୈତିକତା ସୁନିଶ୍ଚିତ କରିବା ସରକାରଙ୍କର ଦାୟିତ୍ୱ। ଖାମେନି କହିଛନ୍ତି, ପାଶ୍ଚାତ୍ୟ ପୁଞ୍ଜିବାଦୀ ବ୍ୟବସ୍ଥା ମହିଳାମାନଙ୍କର ବାଣିଜ୍ୟି କରିଥାଏ ଏବଂ ସେମାନଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥାଏ। ସେ କହିଛନ୍ତି ଯେ, ପୁଞ୍ଜିବାଦୀ ତର୍କ ମହିଳାଙ୍କ ମର୍ଯ୍ୟାଦାକୁ ପଦଦଳିତ ଏବଂ ନଷ୍ଟ କରିଥାଏ। ସେ କହିଛନ୍ତି ପାଶ୍ଚାତ୍ୟ ଦେଶରେ ମହିଳାମାନେ ଭୌତିକ ଶୋଷଣର ଶିକାର ହୁଅନ୍ତି ଏବଂ ସମାନ କାମ ପାଇଁ ପୁରୁଷମାନଙ୍କ ତୁଳନାରେ କମ୍ ଦରମା ପାଆନ୍ତି। ପାଶ୍ଚାତ୍ୟ ଦେଶ ମହିଳାଙ୍କୁ ୟୁଜ୍ ଆଣ୍ଡ୍ ଥ୍ରୋ ବୋଲି ଭାବନ୍ତି। ମାତ୍ର ମହିଳାମାନେ ପଣ୍ୟ ବସ୍ତୁ ନୁହନ୍ତି।

ଇରାନର ସର୍ବୋଚ୍ଚ ନେତା ଖାମେନି ମହିଳାମାନଙ୍କୁ ଫୁଲ ସହିତ ତୁଳନା କରି ଇସଲାମିକ ଦୃଷ୍ଟିକୋଣ ବ୍ୟାଖ୍ୟା କରିଛନ୍ତି। ସେ କହିଛନ୍ତି, ମହିଳାମାନେ ଘରର ଫୁଲ ପରି, ଯାହାକୁ କେବଳ ଘରୋଇ ଚାକର ଭାବରେ ଦେଖାଯିବା ଉଚିତ୍ ନୁହେଁ, ବରଂ ସେମାନଙ୍କର ଯତ୍ନ ଏବଂ ସମ୍ମାନ କରାଯିବା ଉଚିତ୍।

ମହିଳାମାନେ ସମାଜ ଏବଂ ପରିବାରକୁ ସୌନ୍ଦର୍ଯ୍ୟ, ସୁଗନ୍ଧ ଏବଂ ସଦ୍ଗୁଣରେ ସମୃଦ୍ଧ କରନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଜଣେ ମହିଳା ଚାକର ନୁହଁନ୍ତି, ବରଂ ତାଙ୍କ ସମ୍ମାନ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ସମାଜ ଏବଂ ସରକାରଙ୍କ ନୈତିକ ଦାୟିତ୍ୱ।

# ଆଜିଠୁ ଅଫଲାଇନ୍ ଟିକେଟ୍ ବିକ୍ରି

## ଟିକେଟ ପାଇଁ ଦର୍ଶକ ରାତି ଅନିଦ୍ରା, ୯ଟାରୁ ଖୋଲିବ କାଉଣ୍ଟର୍

କଟକ,୦୪/୧୨: ଆସନ୍ତା ୫ ତାରିଖରୁ ବାରବାଟୀ ଟି-ଟ୍ୱେଣ୍ଟି ଲାଗି କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏନେଇ ୫ଟି କାଉଣ୍ଟର୍ କରାଯାଇଛି। ଟିକେଟ୍ ଆଶାୟୀଙ୍କ ପ୍ରବଳ ଭିଡ଼ ଆଶଙ୍କାକୁ ନେଇ କମିଶନରେଟ୍ ପୁଲିସର ନିଦ ହଜିଲାଣି। ଯଦିଓ ଟିକେଟ ବିକ୍ରି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଏଥର ଅନେକ ଗୁଡ଼ିଏ ନୂଆ ପଦକ୍ଷେପ ନିଆଯାଇଛି, ତଥାପି ଟିକେଟ ତୁଳନାରେ ଏଥର ପ୍ରାୟ ପାଞ୍ଚଗୁଣା କ୍ରିକେଟ୍ ପ୍ରେମୀଙ୍କ ଭିଡ଼ ହେବାର ଆଶା କରାଯାଉ ଥିବାରୁ ପରିସ୍ଥିତି ନିୟନ୍ତ୍ରଣରେ ରଖିବା ପୁଲିସ୍ ପାଇଁ ବଡ଼ ଚ୍ୟାଲେଞ୍ଜ ରହିବ। ତେବେ ଟିକେଟ ବିକ୍ରି ଆଗରୁ ରାତିରୁ ହିଁ କ୍ରିକେଟପ୍ରେମୀମାନେ ଟିକେଟ ପାଇଁ ରାତି ଅନିଦ୍ରା ହୋଇ ଭିଡ଼ ଜମାଇଛନ୍ତି। ଗତ ଫେବ୍ରୁଆରୀ ୯ରେ



ଭାରତ-ଇଂଲଣ୍ଡ ଦିନିକିଆ। ପୂର୍ବରୁ କାଉଣ୍ଟର୍ ଟିକେଟ୍ ବିକ୍ରିକୁ ନେଇ ବିଶୃଙ୍ଖଳା ଉପୁଜିଥିଲା । ଏଥର ମଧ କ୍ରିକେଟପ୍ରେମୀଙ୍କ ମଧ୍ୟରେ ତାଠାରୁ ଅଧିକ ଉତ୍ସାହ ଓ ଉତ୍କଣ୍ଠା ଦେଖିବାକୁ ମିଳୁଛି। ପୂର୍ବାପେକ୍ଷା ଟିକେଟ ସଂଖ୍ୟା ମଧ କମି ଯାଇଛି। ଫେବ୍ରୁଆରୀ ୯ ଦିନିକିଆରେ ୧୧ ହଜାର ୮୦ ଟିକେଟ କାଉଣ୍ଟରରେ ଉପଲବ୍ଧ ରହିଥିଲା, ଏଥର ତାଠାରୁ ପ୍ରାୟ ହଜାରେ କମ୍ ଅର୍ଥାତ୍ ପ୍ରାୟ ୧୦ହଜାର ଟିକେଟ ବିକ୍ରି ହେବ ।ପ୍ରଥମ ଥର ପାଇଁ ଲୁହା ବାଡ଼ ବ୍ୟବସ୍ଥା ସହ ଜିକ୍‌ଜାକ୍ ଡିଜାଇନ୍‌ରେ ବ୍ୟାରିକେଡିଂ କରାଯାଇଛି ।ଓସିଏ କ୍ରିକେଟ ଏକାଡେମୀ ପଟେ ଦର୍ଶକ ଆସି ବ୍ୟାରିକେଡ୍ ଭିତରେ ପ୍ରବେଶ କରିବେ। ଏହି ବ୍ୟାରିକେଡ୍ ଦେଇ ଟିକେଟ କାଉଣ୍ଟର ପର୍ଯ୍ୟନ୍ତ ଯିବେ ୨ ଫୁଟ ଲେଖାଏଁ ଦୁଇଟି ବ୍ୟାରିକେଡ୍ ଲାଇନ କରାଯାଇଥିବା ବେଳେ ତା ପାଖରେ ଆଉ ଗୋଟିଏ ୩ ଫୁଟର ବ୍ୟାରିକେଡ୍ ହୋଇଛି। ଏହି ୩ ଫୁଟ୍ ଭିତରେ ପୁଲିସ ଜଗିବେ। କାଉଣ୍ଟର ପାଖରୁ ଆଠ ଶହ ମିଟର ପର୍ଯ୍ୟନ୍ତ ଷ୍ଟିଲ୍ ବ୍ୟାରିକେଡ୍ର ବ୍ୟବସ୍ଥା କରାଯାଇଛି। ତେବେ ପୂର୍ବଦିନ ରାତିରୁ କୌଣସି କ୍ରିକେଟପ୍ରେମୀଙ୍କୁ କାଉଣ୍ଟର ପାଖରେ ଧାଡ଼ି ବାନ୍ଧିବାକୁ ସୁଯୋଗ ଦିଆଯିବ ନାହିଁ ।ଦର୍ଶକ କାଉଣ୍ଟର ଖୋଲିବାର ତିନିଘଣ୍ଟା ପୂର୍ବରୁ ଅର୍ଥାତ୍ ସକାଳ ୬ଟାରୁ ଲାଇନ୍ ଲଗାଇ ପାରିବେ ବୋଲି ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ କହିଛନ୍ତି ।କାଉଣ୍ଟର୍ ପାଖରେ କେବଳ ଟିକେଟ କିଣିବାକୁ ଆସିଥିବା ବ୍ୟକ୍ତି ବ୍ୟାରିକେଡ୍ ଭିତରେ ରହିପାରିବେ। ଟିକେଟ କଳାବଜାର ଉପରେ ନଜର ରଖିବା ସହ ସାଦା ପୋଷାକଧାରୀ ପୁଲିସ ଜଗିବେ । ସୋସିଆଲ୍ ମିଡିଆରେ ଟିକେଟ ଚଡ଼ା ଦରରେ ବିକ୍ରି ଅଭିଯୋଗ ଆସିବାରୁ ସାଇବର୍ ଟିମ ଏଥିପ୍ରତି ନଜର ରଖିଥିବା ଡିସିପି ଶ୍ରୀ ଖିଲାରି କହିଛନ୍ତି।

# କୋହଲିଙ୍କ ମନ ଦୁଃଖ

ରାୟପୁର,୪।୧୨: ରାୟପୁର ଦିନିକିଆରେ ଟିମ ଇଣ୍ଡିଆ ପରାଜୟର ସମ୍ମୁଖୀନ ହୋଇଥିଲା। ୩୫୮ ରନ ସଂଗ୍ରହ କରିବା ସତ୍ତ୍ୱେ, ଭାରତ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଥିଲା। ଏହା ବିରାଟ କୋହଲିଙ୍କ ପାଇଁ କେବଳ ଏକ ବଡ଼ ବିପର୍ଯ୍ୟୟ ନୁହେଁ ବରଂ ଏକ 'ବିପୁଳ ପରାଜୟ' ମଧ ଥିଲା। ୨୪୬୨ ଦିନ କିମ୍ବା ଛଅ ବର୍ଷରୁ ଅଧିକ ସମୟ ପରେ, କୋହଲିଙ୍କ ଶତକ ସତ୍ତ୍ୱେ ଟିମ ଇଣ୍ଡିଆ କୌଣସି ମ୍ୟାଚ୍ ଜିତିପାରି ନ ଥିଲା।

ଦ୍ୱିତୀୟ ଦିନିକିଆରେ, ବିରାଟ କୋହଲି ଏବଂ ଋତୁରାଜ ଗାୟକ୍ୱାଡଙ୍କ ଚମତ୍କାର ଶତକ ଜରିଆରେ ଭାରତ ୩୫୮ ସ୍କୋର କରିଥିଲା। କୋହଲି ୯୩ ବଲରେ ୧୦୨ ରନର ଏକ କ୍ଲାସିକ ଇନିଂସ ଖେଳିଥିଲେ। ଏହା ତାଙ୍କର ୫୩ତମ ଦିନିକିଆ ଶତକ ଏବଂ ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କର ୮୪ତମ ଶତକ ଥିଲା। ଋତୁରାଜ ମଧ ୧୦୫ ରନ କରିଥିଲେ। ଏହା ତାଙ୍କର ପ୍ରଥମ ଦିନିକିଆ ଶତକ ଥିଲା। ସେମାନଙ୍କର ଉଭୟ ପ୍ରଭାବଶାଳୀ ଇନିଂସ ଭାରତକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା, କିନ୍ତୁ ଫଳାଫଳ ନିରାଶାଜନକ ଥିଲା।

କୋହଲିଙ୍କ କ୍ୟାରିୟରର ଏକ ପ୍ରମୁଖ କଥା ହେଉଛି,ଯେତେବେଳେ ସେ ଶତକ ହାସଲ କରନ୍ତି, ତାଙ୍କ ଦଳର ବିଜୟ ପ୍ରାୟ ନିଶ୍ଚିତ ହୋଇଯାଏ। ତାଙ୍କର ପୂର୍ବ ୧୮ ଟି ଅନ୍ତର୍ଜାତୀୟ ଶତକ ମଧ୍ୟରୁ ୧୭ଟି ବିଜୟୀ ହୋଇଥିଲା। ରାୟପୁର ମ୍ୟାଚ୍ ଏହି ରେକର୍ଡ ଭାଙ୍ଗିଥିଲା। ଏହା ପ୍ରଥମ ଥର ପାଇଁ ଯେବେ କୋହଲି ଶତକ ମାରିଛନ୍ତି ଏବଂ ଭାରତ ଜିତିପାରି ନ ଥିଲା। ପୂର୍ବରୁ, ୨୦୧୯ ରେ, ଭାରତ ୧୨୩ ରନ କରିବା ସତ୍ତ୍ୱେ ରାଞ୍ଚିରେ ଅଷ୍ଟ୍ରେଲିଆ ବିପକ୍ଷରେ ହାରିଥିଲା।

କୋହଲିଙ୍କ ୫୩ ଟି ଦିନିକିଆ ଶତକ ମଧ୍ୟରୁ କେବଳ ୮ ଟି ଭାରତ ପରାଜୟରେ ପରିଣତ ହୋଇଛି। ଏହାର ଅର୍ଥ ହେଉଛି ଯେ କୋହଲି ଶତକ ମାରିଥିବା ସମୟରେ ୮୫% ରୁ ଅଧିକ ଥର ଦଳ ଜିତିଥାଏ। ଏହି କାରଣରୁ ତାଙ୍କୁ 'ଚେଜ ମାଷ୍ଟର' ମଧ କୁହାଯାଏ। ସେ ପ୍ରାୟ ୯୦ ହାରରେ ପିଛା କରିବା ସମୟରେ ୬,୦୭୨ ରନ କରିଛନ୍ତି।

ରାୟପୁର ଦିନିକିଆରେ ଭାରତର ବୋଲିଂ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଦକ୍ଷିଣ ଆଫ୍ରିକା ୪ ଉଇକେଟ ହରାଇ ୩୫୯ ରନର ଲକ୍ଷ୍ୟ ହାସଲ କରିଥିଲା। ଏହା ମିଳିତ ଭାବରେ ଭାରତ ବିପକ୍ଷରେ ଲକ୍ଷ୍ୟ ପିଛା କରିବାରେ ସବୁଠାରୁ ବଡ଼ ବିଜୟ ମଧ୍ୟରୁ ଗୋଟିଏ। ଏଡେନ ମାର୍କରାମଙ୍କ ଶତକ ଏବଂ ଅନ୍ୟ ବ୍ୟାଟସମ୍ୟାନଙ୍କ ଆକ୍ରମଣାତ୍ମକ ଖେଳ ଭାରତୀୟ ବୋଲରମାନଙ୍କୁ କୌଣସି ସୁଯୋଗ ଦେଇ ନ ଥିଲା ।ସିରିଜ ବର୍ତ୍ତମାନ ୧-୧ରେ ବରାବର ଅଛି, ଏବଂ ତୃତୀୟ ମ୍ୟାଚ୍ ବିଶାଖାପାଟଣାରେ ଖେଳାଯିବ। ଏହି ମ୍ୟାଚ୍ ଭାରତ ପାଇଁ କେବଳ ସିରିଜ ଜିତିବାର ସୁଯୋଗ ନୁହେଁ, ବରଂ ରାୟପୁର ପରାଜୟକୁ ପଛରେ ପକାଇବାର ସୁଯୋଗ ମଧ।

# ବାରବାଟୀରେ ପ୍ରଥମଥର ଖେଳିବେ ସୂର୍ଯ୍ୟ କୁମାର, ଅଭିଷେକ ଓ ତିଳକ



କଟକ,୦୪/୧୨: ବାରବାଟୀ ଟି-ଟ୍ୱେଣ୍ଟି ପାଇଁ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି ନିଜ ପ୍ରିୟ ଖେଳାଳିଙ୍କୁ ପାଖରୁ ଦେଖିବାର ସୁଯୋଗ ହାତଛଡ଼ା କରିବେନି ପ୍ରଶଂସକ ତେଣୁ ଟିକେଟ ଖଣ୍ଡେ ପାଇବାକୁ ଚାତକ ଭଳି ଚାହିଁ ବସିଛନ୍ତି । ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ ପାଇଁ ଦଳ ଘୋଷଣା ହୋଇଛି। ଦଳରେ କିଛି ତାରକା ଘରୋଇ ଖେଳାଳି ପ୍ରଥମ ଥରବାରବାଟୀରେ ଖେଳିବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଅଭିଷେକ ଶର୍ମାଓ ତିଳକ ବର୍ମା ପ୍ରଥମଥର ପାଇଁ ବାରବାଟୀ ଷ୍ଟାଡିୟମ୍ ଆସୁଛନ୍ତି ।ବାରବାଟୀରେ ଏ ପର୍ଯ୍ୟନ୍ତ ମାତ୍ର ୩ଟି ଟି-ଟ୍ୱେଣ୍ଟି ଖେଳାଯାଇଛି। ୨୦୧୫ରେ ପ୍ରଥମ ଥର ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଭ୍ରମଣକାରୀ ଦଳମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱାଧୀନ ଭାରତକୁ ୬ ୱିକେଟରେ ହରାଇଥିଲା ଏହି ମ୍ୟାଚରେ ଧୋନିଙ୍କ ସମେତ ରୋହିତ ଶର୍ମା, ବିରାଟ କୋହଲି, ସୁରେଶ ରାଇନା,ଶିଖର ଧାନ ଓ ଆର୍.ଅଶ୍ୱିନୀଙ୍କ ଭଳି କ୍ରିକେଟରଙ୍କୁ ଦେଖିବାକୁ ମିଳିଥିଲା। ୨ ବର୍ଷ ଅନ୍ତରରେ ୨୦୧୭ରେ ପୁଣି ଥରେ ବାରବାଟୀକୁ ଫେରିଥିଲା ଟି-ଟ୍ୱେଣ୍ଟି ଭାରତ ସାମ୍ନାରେ ଥିଲା ଶ୍ରୀଲଙ୍କା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ଶ୍ରୀଲଙ୍କାକୁ ଏକତରଫା ଭାବେ ୯୩ରନ୍‌ରେ ହରାଇଥିଲା। ଏଥିରେ ଶ୍ରେୟାଶ ଆୟର, ଯଶପ୍ରୀତ ବୁମ୍ରା, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବଙ୍କ ଭଳି ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା ।

## ଅର୍ଜୁନ ତେନ୍ଦୁଲକରଙ୍କୁ ପ୍ରହାର କଲେ ବୈଭବ ସୂର୍ଯ୍ୟବଂଶୀ

ପାଟନା,୪।୧୨: ବିହାର ଏବଂ ଗୋଆ ମଧ୍ୟରେ ସୟଦ ମୁସ୍ତାକ ଅଲି ଟ୍ରଫି ମ୍ୟାଚ୍‌ରେ ସମସ୍ତଙ୍କ ନଜର ବୈଭବ ସୂର୍ଯ୍ୟବଂଶୀ ଏବଂ ଅର୍ଜୁନ ତେନ୍ଦୁଲକରଙ୍କ ମଧ୍ୟରେ ଥିଲା। ଗୋଆ ବୈଭବଙ୍କ ବିପକ୍ଷରେ ୪ ଜଣ ବୋଲରଙ୍କୁ ପଠାଇଥିଲା, ଏଥିରେ ଅର୍ଜୁନ ତେନ୍ଦୁଲକର ସର୍ବାଧିକ ଷ୍ଟ୍ରାଇକ ରେଟ ବୋଲର ଥିଲେ। ବୈଭବ ତାଙ୍କ ଇନିଂସରେ ଅର୍ଜୁନଙ୍କ ୧୦ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ, ୧୫୦ ଷ୍ଟ୍ରାଇକ ରେଟ୍‌ରେ ୧୫ ରନ କରିଥିଲେ। ବୈଭବ ଅର୍ଜୁନଙ୍କ ବିପକ୍ଷରେ ଏହି ରନ କରିଥିଲେ। ସେ ତିନୋଟି ଚୌକା, ଗୋଟିଏ ଡବଲ ଏବଂ ଗୋଟିଏ ସିଙ୍ଗଲ ନେଇଥିଲେ ।ଗୋଆ ବିପକ୍ଷରେ ବୈଭବ ସୂର୍ଯ୍ୟବଂଶୀ ୧୮୪ ଷ୍ଟ୍ରାଇକ ରେଟ ସହିତ ୪ଟି ଛକା ଏବଂ ୪ ଚୌକା ସହିତ ୪୬ ରନ କରିଥିଲେ। ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୫ରେ ବୈଭବ ମୋଟ ୧୮୬ରେ ରନ କରିଛନ୍ତି ।ବୈଭବଙ୍କ ବିସ୍ଫୋରକ ଇନିଂସ ପାଇଁ, ବିହାର ଗୋଆ ବିପକ୍ଷରେ ପାୱାରପ୍ଲେରେ ୫୯ ରନ କରିଥିଲା। ପାୱାରପ୍ଲେର ଶେଷ ଓଭରରେ ତାଙ୍କ ଉଇକେଟ ପଡ଼ିଥିଲା। ବୈଭବ ତାଙ୍କ ଇନିଂସ ବଢ଼ାଇ ପାରି ନ ଥିଲେ, କିନ୍ତୁ ସେ ନିଶ୍ଚିତ ଭାବରେ ବିହାରକୁ ଆବଶ୍ୟକ ଆରମ୍ଭ ଦେଇଥିଲେ।

# ଶୃଙ୍ଖଳିତ ମ୍ୟାଚ ଉପଭୋଗ କରିବାକୁ ଦର୍ଶକଙ୍କୁ ନିବେଦନ

ଭୁବନେଶ୍ୱର,୪/୧୨ : ଆସନ୍ତା ୯ତାରିଖରେ ବାରବାଟୀ ଷ୍ଟାଡିୟମ କଟକଠାରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଖେଳାଳି, ଭିଆଇପି ଓ ଦର୍ଶକଙ୍କ ସୁରକ୍ଷା ତଥା ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ବାରବାଟୀ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାରେ ୯ଜଣ ଅତିରିକ୍ତ ଏସପି, ୪୦ଡିଏସପି, ୬୫ଇନ୍ସପେକ୍ଟର, ୩୨୫ ଏସଆଇ, ୩୮ହାବିଲଦାର/କନଷ୍ଟେବଳ, ୨୦୮ ଏପିଆର କନଷ୍ଟେବଳ, ୭୩ମହିଳା କନଷ୍ଟେବଳ, ୧ ୟୁନିଟ ଓଡ୍ରାଫ, ୨ ୟୁନିଟ ଏସଟିୟୁ ଏବଂ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବାରବାଟୀ ଷ୍ଟାଡିୟମ ଓ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନାରେ ଏହି ସୁରକ୍ଷାକର୍ମୀ ମୁତୟନ ହେବେ ।

ଆସନ୍ତା ୭ତାରିଖ ଦିନ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ ଟିମ୍ ଭୁବନେଶ୍ୱରଠାରେ ପହଁଚିବେ ୮



ତାରିଖରେ କଟକ ବାରବାଟୀ ଷ୍ଟାଡିୟମଠାରେ ଉଭୟ ଟିମ୍ ଅଭ୍ୟାସ କରିବେ ଏବଂ ୯ ତାରିଖରେ ମ୍ୟାଚ ଅନୁଷ୍ଠିତ ହେବ ବିମାନବନ୍ଦର, ମ୍ୟାଚ ପାଇଁ ହୋଟେଲଠାରୁ ଆରମ୍ଭ କରି ବାରବାଟୀ ଷ୍ଟାଡିୟମ ଏବଂ ଖେଳାଳିଙ୍କ ଯାତାୟାତ ରାସ୍ତାରେ ଆଦି ସମସ୍ତସ୍ଥାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଷ୍ଟାଡିୟମ୍ ଭିତରେ ଓ ବାହାରେ ଶୃଙ୍ଖଳିତ ଆୟୋଜନ ଓ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଖେଳାଳିଙ୍କୁ ନେବା ଆଣିବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ତ୍ରୁଟି ବିଚ୍ୟୁତି ନ ହେବ। ସେଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ୫ ତାରିଖ ଦିନ ୧୦ଟାରୁ ଟିକେଟ ବିକ୍ରି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ଭାରତୀୟ ଖେଳାଳିଙ୍କୁ ନିକଟରୁ ଦେଖିବା ନିମନ୍ତେ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବାରୁ ଟିକଟ ବିକ୍ରୟ କେନ୍ଦ୍ର ନିକଟରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହେବାର ସମ୍ଭାବନା ରହିଛି ଏହି ସ୍ଥାନରେ ଭିଡ଼ ନିୟନ୍ତ୍ରଣ ତଥା ସଠିକ ଓ ଶୃଙ୍ଖଳିତ ଭାବେ ଟିକେଟ ବିକ୍ରୟର ସୁପରିଚାଳନା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି

ଏହି ପରିପ୍ରେକ୍ଷୀରେ ଆଜି ବାରବାଟୀ ଷ୍ଟାଡିୟମ ପରିସରରେ କଟକ ଡିସିପି ଖୀଲାରୀ ଋଷିକେଶ ଦ୍ୟାନଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ଶ୍ରୀ ଖୀଲାରୀ କ୍ରିକେଟ ମ୍ୟାଚକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନିମନ୍ତେ ସମସ୍ତ ପୁଲିସ ଅଧିକାରୀ/କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ପୁଲିସକୁ ସବୁ କ୍ଷେତ୍ରରେ ସହଯୋଗ କରିବା ସହ ଷ୍ଟାଡିୟମ ପରିସରରେ ଶୃଙ୍ଖଳିତ ହୋଇ କ୍ରିକେଟ ମ୍ୟାଚ ଉପଭୋଗ କରିବାକୁ ଓଡ଼ିଶା ପୁଲିସ ପକ୍ଷରୁ ନିବେଦନ କରାଯାଇଛି । ହଜାର ହଜାର କ୍ରୀଡ଼ା ପ୍ରେମୀ ଏକାଠି ହେବାକୁ ଥିବାବେଳେ କୌଣସି ପ୍ରକାର ଅଘଟଣ ଏଡ଼ାଇବାକୁ ପୁଲିସ ସଜାଗ ରହିଛି ।

# ଟି୨୦ରେ ୬୦୦ ୱିକେଟ ନେଲେ ସୁନୀଲ ନାରାୟଣ

ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୬ ଆରମ୍ଭ ହେବା ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସର କିମ୍ବଦନ୍ତୀ ବୋଲର ସୁନୀଲ ନାରାୟଣ ଇତିହାସ ରଚିଛନ୍ତି। ସେ ଗୋଟିଏ ୱିକେଟ୍ ନେଇ ତାଙ୍କ ଟି-୨୦ କ୍ୟାରିୟରରେ ୬୦୦ ୱିକେଟ୍ ପୂରଣ କରିଛନ୍ତି। ସେ ଏପରି କରିବାରେ ଟି-୨୦ ଇତିହାସରେ ତୃତୀୟ ବୋଲର ଏବଂ ଦ୍ୱିତୀୟ ସ୍ପିନର ହୋଇଛନ୍ତି। ସେ ୱେଷ୍ଟଇଣ୍ଡିଜ୍‌ର ଡ୍ୱେନ୍ ବ୍ରାଭୋ ଏବଂ ଆଫଗାନିସ୍ତାନର ଷ୍ଟାର ରସିଦ ଖାନଙ୍କ ସ୍ୱତନ୍ତ୍ର କ୍ଲବରେ ପ୍ରବେଶ କରିଛନ୍ତି। ଆପଣଙ୍କୁ ଜଣାଇ ଦେଉଛୁ ଯେ ସୁନୀଲ ଓଖଜ୍‌୨୦ ୨୦୨୫-୨୬ର ଦ୍ୱିତୀୟ ମ୍ୟାଚ୍‌ରେ ବଡ ରେକର୍ଡ ହାସଲ କରିଛନ୍ତି। ଏହି ମ୍ୟାଚ୍‌ଟି ଶାରଜାହ ୱାରିୟର୍ସ ବିପକ୍ଷରେ ଖେଳାଯାଇଥିଲା।

ଆବୁଧାବି ନାଇଟ୍ ରାଇଡର୍ସ ବନାମ ଶାରଜାହ ୱାରିୟର୍ସ ମଧ୍ୟରେ ଖେଳାଯାଇଥିବା ଓଖଜ୍‌୨୦ର ଦ୍ୱିତୀୟ ମ୍ୟାଚ୍‌ରେ, ସୁନୀଲ ତାଙ୍କ ଟି-୨୦ କ୍ରିକେଟ୍‌ରେ ୬୦୦ ୱିକେଟ୍ ପୂରଣ କରିଥିଲେ। ସେ ଇଂଲଣ୍ଡର ଟମ୍ ଆବେଲଙ୍କ ୱିକେଟ୍ ନେଇ ଏହି ସଫଳତା ହାସଲ କରିଥିଲେ। ସୁନୀଲ ଓଖଜ୍‌୨୦ରେ ଆବୁଧାବି ନାଇଟ୍ ରାଇଡର୍ସର ଅଧିନାୟକ। ସିଜିନର ତାଙ୍କ ଦଳର ପ୍ରଥମ ମ୍ୟାଚ୍ ଖେଳି ସେ ଚମତ୍କାର ବୋଲିଂ କରିଥିଲେ ଏବଂ ଏହି ଅନନ୍ୟ ରେକର୍ଡ ସ୍ଥାପନ କରିଥିଲେ ।୬୦୦ ୱିକେଟ ପୂରଣ ସହିତ ସୁନୀଲ ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି। ଟି-୨୦ କ୍ରିକେଟରେ ସର୍ବାଧିକ ୱିକେଟ ନେବାରେ ରସିଦ ଖାନ ହେଉଛନ୍ତି ୬୮୧ ୱିକେଟ୍, ଯେତେବେଳେ ଡ୍ୱେନ୍ ବ୍ରାଭୋଙ୍କ ୬୩୧ ୱିକେଟ୍ ଅଛି। ଏହା ସୁନୀଲ ନାରିନଙ୍କୁ ଟି-୨୦ କ୍ରିକେଟରେ ୬୦୦ ୱିକେଟ୍ ପୂରଣ କରିବାରେ ତୃତୀୟ ବୋଲର ଏବଂ ବିଶ୍ୱର ଦ୍ୱିତୀୟ ସ୍ପିନର କରିଛି ।୬୦୦ ୱିକେଟ୍ ହାସଲ କରିବାର ରେକର୍ଡ ବ୍ୟତୀତ, ସୁନୀଲ ନାରିନ ଉତ୍କୃଷ୍ଟ ଅଧିନାୟକତ୍ୱ ପ୍ରଦର୍ଶନ କରିଥିଲେ। ତାଙ୍କ ଅଧିନାୟକତ୍ୱରେ, ଆବୁଧାବି ନାଇଟ୍ ରାଇଡର୍ସ ଶାରଜାହ ୱାରିୟର୍ସକୁ ପରାସ୍ତ କରି ବିଜୟ ସହିତ ସେମାନଙ୍କର ଅଭିଯାନ ଆରମ୍ଭ କରିଥିଲା।

# କୋହଲି ଖେଳିବେ ବିଜୟ ହଜାରେ ଟ୍ରଫି

ନୂଆଦିଲ୍ଲୀ,୩।୧୨(ମହାଭାରତ): ଭାରତୀୟ କ୍ରିକେଟର ବିରାଟ କୋହଲି ଆସନ୍ତା ଡିସେମ୍ବର ୨୪ରୁ ଆରମ୍ଭ ହେବାକୁ ଥିବା ବିଜୟ ହଜାରେ ଟ୍ରଫି ପାଇଁ ନିଜର ଉପଲବ୍ଧତା ସୁନିଶ୍ଚିତ କରିଛନ୍ତି ।ପ୍ରଥମେ ଘରୋଇ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ମନା କରିବା ପରେ ବିସିସିଆଇ ସିଲେକ୍ଟରମାନେ ତାଙ୍କୁ ବୁଝାଇବାରେ ସଫଳ ହୋଇଛନ୍ତି।



ଜାତୀୟ ଦଳରେ ସ୍ଥାନ ପାଇଁ ଘରୋଇ କ୍ରିକେଟ ଖେଳିବା ବାଧ୍ୟତାମୂଳକ ବୋଲି ଟିମ୍ ଇଣ୍ଡିଆର କୋଚ ଗୌତମ ଗମ୍ଭୀରଙ୍କ ସର୍ତ୍ତ ଏବଂ ବିସିସିଆଇର କଡ଼ା ନିୟମ ଯୋଗୁଁ କୋହଲିଙ୍କ ଉପରେ ଚାପ ପଡିଥିଲା। କାରଣ ରୋହିତ ଶର୍ମା ମୁମ୍ବାଇ ପାଇଁ ଖେଳିବାକୁ ରାଜି ହୋଇଥିବା ବେଳେ କୋହଲିଙ୍କୁ କିପରି ବାଦ୍ ଦିଆଯିବ, ସେ ନେଇ ପ୍ରଶ୍ନ ଉଠିଥିଲା। ଫଳରେ, ବିସିସିଆଇର ସିଲେକ୍ଟରମାନେ ତାଙ୍କୁ କିଛି ମ୍ୟାଚ୍ ଖେଳିବା ପାଇଁ ରାଜି କରାଇଛନ୍ତି। କୋହଲି ଦିଲ୍ଲୀ ଦଳ ପାଇଁ ଖେଳିବେ ଏବଂ ଏହା ତାଙ୍କର ୨୦୧୦ ଫେବୃଆରୀ ପରେ ପ୍ରଥମ ବିଜୟ ହଜାରେ ଟ୍ରଫି ହେବ। ଏହାପରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ବ୍ୟସ୍ତତା ଯୋଗୁ ଘରୋଇ କ୍ରିକେଟ୍ ଖେଳିପାରି ନଥିଲେ ବିରାଟ କୋହଲି ଶେଷ ଥର ପାଇଁ ସେପ୍ଟେମ୍ବର ୨୦୧୩ରେ ଦିଲ୍ଲୀ ପାଇଁ ୫୦ ଓଭର ମ୍ୟାଚ୍ ଖେଳିଥିଲେ । ଏନକେପି ସାଲଭେ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ। ବ୍ଲୁ ଏବଂ ଇଣ୍ଡିଆ। ରେଡ୍ ଦଳ ସାମିଲ ଥିଲେ କୋହଲି ସେହି ଟୁର୍ଣ୍ଣାମେଣ୍ଟରେ ଦିଲ୍ଲୀର ଅଧିନାୟକ୍ କରିଥିଲେ ।

ବର୍ତ୍ତମାନ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ସିରିଜରେ ବ୍ୟସ୍ତ ଅଛନ୍ତି। ଏହା ପରେ ସେ ଲଣ୍ଡନ ଯାଇ ପରିବାର ସହ ସମୟ କାଟିବା ପରେ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେବେ। ଦିଲ୍ଲୀ ଡିସେମ୍ବର ୨୪ ରେ ବେଙ୍ଗାଲୁରୁରେ ଆନ୍ଧ୍ର ବିପକ୍ଷରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବ। କୋହଲି କେତୋଟି ମ୍ୟାଚ୍ ଖେଳିବେ ତାହା ସ୍ପଷ୍ଟ ହୋଇନାହିଁ, କିନ୍ତୁ ତାଙ୍କର ଉପସ୍ଥିତି ଦିଲ୍ଲୀ ଡ୍ରେସିଂ ରୁମ୍ ପାଇଁ ଏକ ବଡ଼ ଉତ୍ସାହ ସୃଷ୍ଟି କରିବ। ଘରୋଇ ମ୍ୟାଚ୍‌ରେ ତାଙ୍କୁ ଦେଖିବା ପାଇଁ ପ୍ରଶଂସକମାନେ ପୂର୍ବରୁ ଅଭୁତପୂର୍ବ ସଂଖ୍ୟାରେ (୧୨,୦୦୦ରୁ ଅଧିକ) ଉପସ୍ଥିତ ରହିଥିବାରୁ ଏଥର ମଧ ବହୁ ସଂଖ୍ୟକ ଦର୍ଶକଙ୍କ ଭିଡ଼ ଜମିବାର ସମ୍ଭାବନା ରହିଛି।

## ଅଷ୍ଟ୍ରେଲିଆରେ ରୁଟ୍‌ଙ୍କ ପ୍ରଥମ ଶତକ

ନୂଆଦିଲ୍ଲୀ,୪।୧୨(ମହାଭାରତ): ଅଷ୍ଟ୍ରେଲିଆ ବିପକ୍ଷ ଆଶେସ୍‌ର ଦ୍ୱିତୀୟ ତଥା ପିଙ୍କ୍-ବଲ୍ ଟେଷ୍ଟର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚିଛି। ଦିନର ଖେଳ ଶେଷ ବେଳକୁ ଇଂଲଣ୍ଡ ୯ ୱିକେଟ୍ ହରାଇ ୩୨୫ ରନ୍ ସଂଗ୍ରହ କରିଛି। ଇଂଲଣ୍ଡର ଷ୍ଟାର ବ୍ୟାଟର ଜୋ ରୁଟ୍ ଅଷ୍ଟ୍ରେଲିଆ ମାଟିରେ ତାଙ୍କର ପ୍ରଥମ ଟେଷ୍ଟ ଶତକ ହାସଲ କରିଛନ୍ତି। ରୁଟ୍ ୧୩୫ ରନ୍ କରି ବ୍ୟାଟିଂ କରୁଛନ୍ତି। ତାଙ୍କର ଏହି ମାଇଲଖୁଣ୍ଟ ଯୋଗୁଁ ଇଂଲଣ୍ଡ ଦଳ ଏକ ବଡ଼ ସ୍କୋର ଆଡ଼କୁ ଅଗ୍ରସର ହୋଇଛି। ଜାକ କ୍ରଲି ୭୬ ଏବଂ ରୁଟ୍‌ଙ୍କ ମଧ୍ୟରେ ଭଲ ଭାଗୀଦାରୀ ହୋଇଥିଲା। ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଦମଦାର ବୋଲିଂ କରି ୬ଟି ୱିକେଟ୍ ନେଇଛନ୍ତି। ଏହି ପ୍ରଦର୍ଶନ ସହିତ ସେ ଟେଷ୍ଟ ଇତିହାସରେ ବାମହାତୀ ଦ୍ରୁତ ବୋଲର ଭାବେ ସର୍ବାଧିକ ୱିକେଟ୍ ନେବାରେ ପାକିସ୍ତାନର ୱାସିମ୍ ଆକ୍ରମଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ଷ୍ଟାର୍କ ପ୍ରଥମ ଦୁଇ ଓଭରରେ ହିଁ ବେନ୍ ଡକେଟ୍ ଏବଂ ଓଲି ପୋପଙ୍କୁ ଖାତା ଖୋଲିବାକୁ ନ ଦେଇ ଆଉଟ୍ କରିଥିଲେ।

## ୩୭ତମ ସବ ଜୁନିଅର ଜାତୀୟ ବ୍ୟାଡ଼ମିଣ୍ଟନ ଚମ୍ପିୟାନସିପ

# ଏକକ ସେମିରେ ତନଭି, ଡବଲ୍ ସେମିରେ ସ୍ୱାତି-ନିମିଶା





ଭୁବନେଶ୍ୱର,୪।୧୨(ମହାଭାରତ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମ ପରିସରସ୍ଥ ଡାଲମିଆ ଭାରତ ଗୋପିଚାନ୍ଦ ବେଡ଼ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ରେ ଆୟୋଜିତ ୩୭ତମ ଜାତୀୟ ସବ ଜୁନିଅର ବେଡ଼ମିଣ୍ଟନ ଚମ୍ପିୟାନସିପ ର ଚତୁର୍ଥ ଦିନ ରେ ଉଭୟ ବୟସ ବର୍ଗରେ ସମସ୍ତ ବିଭାଗ ର ସେମିଫାଇନାଲ ଲାଇନ ଚୂଡାନ୍ତ ହୋଇଯାଇଅଛି। ଚତୁର୍ଥ ଦିନ ର ଖେଳରେ ଓଡ଼ିଆ ଖେଳାଳୀ ତନଭି ପତ୍ରି ୧୫ବର୍ଷ ରୁ କମ ବୟସ ବର୍ଗ ର କ୍ୱାର୍ଟର ଫାଇନାଲ ରେ ଉତ୍ତରପ୍ରଦେଶ ର ଅଗ୍ରୀମା ସିଂ ଙ୍କୁ ୨୧-୧୪ଓ ୨୧-୧୪ପଏଣ୍ଟ ର ଦୁଇଟି ଗେମ ରେ ପରାଜିତ କରି ସେମି ଫାଇନାଲ ରେ ପହଞ୍ଚିଛନ୍ତି। ଏହି ବୟସ ବର୍ଗରେ ତେଲେଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ, ହାମସିନୀ ଚନ୍ଦରମ ଓ ପଞ୍ଜାବର ଇନାୟତ ଗୁଲାଟି ନିଜ ନିଜ ପ୍ରତିଦ୍ୱନ୍ଦୀ ଙ୍କୁ ହରାଇ ସେମି ଫାଇନାଲ ରେ ପହଂଚି ଛନ୍ତି ।ବାଳକ ୧୫ ବର୍ଷ ରୁ କମ ବିଭାଗ ର କ୍ୱାର୍ଟର ଫାଇନାଲ ଲଢେଇ ରେ ତେଲେଙ୍ଗାନା ର ଶ୍ରୀଚେତନ ସୌର୍ଯ୍ୟ ସାମଲା ଟପ ସିଡ ପଞ୍ଜାବ ର ୱାଜିର ସିଂ ଙ୍କୁ ୨୧-୧୯,୨୧-୨୩,ଓ ୨୧-୧୮ ପଏଣ୍ଟ ରେ ହରାଇ ସେମି ଫାଇନାଲ ପହଞ୍ଚିଛନ୍ତି । ଏହିବିଭାଗ ରେ କର୍ଣ୍ଣାଟକ ର ପୁଷ୍କର ସାଇ, ଦିଲ୍ଲୀ ର ହର୍ଷିତ ଖତ୍ରୀ ଓ ରାଜସ୍ଥାନ ର ଅଂଶୁମାନ ଚୌଧୁରୀ ନିଜ ନିଜ ପ୍ରତିଦ୍ୱନ୍ଦୀ ଙ୍କୁ ହରାଇ ସେମି ଫାଇନାଲ ରେ ପହଂଚି ଯାଇଛନ୍ତି ।

୧୫ବର୍ଷ ରୁ କମ ବାଳିକା ଡବଲସ ରେ ଓଡ଼ିଆ ଯୋଡି ସ୍ୱାତି ନାୟକ ଓ ନିମିଶା ଓଝା ନିଜ ପ୍ରତିଦ୍ୱନ୍ଦୀ କର୍ଣ୍ଣାଟକ ଯୋଡି ଶ୍ରେୟା କାନ୍ଦିବିଲ୍ଲୀ ଓ ଶ୍ରୀ ନାଗଲକ୍ଷ୍ମୀ. ପି. ଙ୍କୁ ୨୨-୨୦,୧୪-୨୧,୨୧-୧୧ ପଏଣ୍ଟ ରେ ପରାସ୍ତ କରି ସେମିଫାଇନାଲ ରେ ପହଂଚି ଛନ୍ତି। ଏହି ବିଭାଗ ର ଅନ୍ୟ ଏକ କ୍ୱାଟର ରେ ତାମିଲନାଡୁ ଯୋଡି ନୟୋନିକା. ଏ. ଏବଂ ଧନ୍ୟା. ଏସ. ଜେ. ଆନ୍ଧ୍ର-ହରିଆଣା ଯୋଡି ତ୍ରିସିଆ ଓ ଜୋଏଲ ରଣା ଙ୍କୁ ହରାଇ ସେମିଫାଇନାଲ ରେ ପହଂଚିଛନ୍ତି ।

୧୭ ବର୍ଷ ରୁ କମ ବାଳିକା ସିଙ୍ଗଲ ବିଭାଗ ରେ ତନଭି ପତ୍ରି ନିଜ ପ୍ରତିଦ୍ୱନ୍ଦୀ କେରଳ ର ହିଆ ମାରିଆ ଜୋସ ଙ୍କୁ ଙ୍କ ୨୧-୧୫,୨୧-୧୨ ଦୁଇଟି ଗେମ ରେ ପରାସ୍ତ କରି ପ୍ରତିଯୋଗୀତା ର ସେମି ଫାଇନାଲ ରେ ପ୍ରବେଶ କରିଛନ୍ତି। ଏହିବିଭାଗ ର ଅନ୍ୟ କ୍ୱାଟର ଫାଇନାଲ ଲଢେଇ ରେ ତାମିଲନାଡୁ ଖେଳାଳୀ ଦୀକ୍ଷା ଏସ. ଆର, ଦିଲ୍ଲୀ ଖେଳାଳୀ ରକ୍ଷିକା ନନ୍ଦୀ ନିଜ ନିଜ ପ୍ରତିଦ୍ୱନ୍ଦୀ ଙ୍କୁ ପରାସ୍ତ କରି ସେମି ଫାଇନାଲ ରେ ପହଂଚି ଛନ୍ତି।୧୭ ବର୍ଷ କମ ବାଳକ ବିଭାଗ ରେ ଟପ ସିଡ ଜଗସେର ସିଂ ଖାଙ୍ଗୁରା କର୍ଣ୍ଣାଟକ ର ପ୍ରଣବ ଏମ ଙ୍କୁ ୨୧-୧୪,୨୧-୧୭ ହରାଇ ସେମି ଫାଇନାଲରେ ପହଞ୍ଚିଛନ୍ତି। ଏହି ବିଭାଗ ରେ ଆସାମ ର ବର୍ଣ୍ଣିଲ ଆକାଶ ଚେଙ୍ଗମାଇ, ପଞ୍ଜାବ ର ବିରାଜ ଶର୍ମା, ମହାରାଷ୍ଟ୍ରର ଦେବ ରୂପରେଲିଆ ନିଜ ନିଜ ପ୍ରତିଦ୍ୱନ୍ଦୀ ଙ୍କୁ ହରାଇ ସେମିଫାଇନାଲ ରେ ପହଂଚି ଛନ୍ତି। ୫ ତାରିଖ ଦିନ ସମସ୍ତ ବିଭାଗ ର ସେମି ଫାଇନାଲ ଏବଂ ଆଗାମୀ ୬ ତାରିଖ ଦିନ ଏହି ଜାତୀୟ ଚମ୍ପିୟାନସିପ ର ସମସ୍ତ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଓସବା ତଥା ଆୟୋଜନ କମିଟୀ ସମ୍ପାଦକ ନିଳିନ କୁମାର ଜଣାଇଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ